

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୧୬ ଅକ୍ଟୋବର ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 16 OCTOBER 2022

Vol.No. 33 ■ No. 268 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ପ୍ରକାଶ ପାଇଛି ପୂଜା ସଂଖ୍ୟା

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଓଡିଶାରେ ଚୁକ୍ତିଭିତ୍ତିକ ନିଯୁକ୍ତି ବ୍ୟବସ୍ଥା ଉଚ୍ଛେଦ

### ନିୟମିତ ହେବେ ୫୭ ହଜାରରୁ ଅଧିକ କର୍ମଚାରୀ, ୧୩୦୦ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ ହେବ



ଭୁବନେଶ୍ୱର,୧୫/୧୦(ନି.ପ୍ର): ରାଜ୍ୟ କ୍ୟାବିନେଟ ଚୁକ୍ତିଭିତିକ ନିଯୁକ୍ତି ବ୍ୟବସ୍ଥାକୁ ସବୁଦିନ ପାଇଁ ଉଚ୍ଛେଦ କରିବାକୁ ନିଷ୍ପତି ନେଇଛନ୍ତି। ଆସନ୍ତାକାଲି ଏସମ୍ପର୍କରେ ବିଜ୍ଞପ୍ତି ପ୍ରକାଶ ପାଇବ। ୫୭ ହଜାରରୁ ଅଧିକ କର୍ମଚାରୀ ନିୟମିତ ହେବେ। ଏଥିପାଇଁ ହାରାହାରି ୧୩୦୦ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ସଂଧ୍ୟାରେ ଏକ ଭିଡିଓ ବାର୍ତା ଜରିଆରେ ଏହି ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ଏହି ଭିଡିଓ ବାର୍ତାରେ କହିଛନ୍ତି ଯେ ଓଡିଶାରେ ଚୁକ୍ତିଭିତିକ ନିଯୁକ୍ତିର ଯୁଗ ଶେଷ ହେଲା। ସବୁ ଚୁକ୍ତିଭିତିକ ନିଯୁକ୍ତି ନିୟମିତ ହେବ। ଏବେ ବି ଅନେକ ରାଜ୍ୟରେ ନିୟମିତ ନିଯୁକ୍ତି ବନ୍ଦ ଅଛି। ଚୁକ୍ତିଭିତିକ ନିଯୁକ୍ତି ଚାଲିଛି। କିନ୍ତୁ ଓଡିଶାରେ ଚୁକ୍ତିଭିତିକ ନିଯୁକ୍ତିର ଯୁଗ ଶେଷ ହୋଇଛି। ବହୁ ଦିନ ଧରି ଏ ସୁଦିନକୁ ମୁଁ ଅପେକ୍ଷା କରିଥିଲି। ସେମାନଙ୍କ ପରିବାର ପାଇଁ ଏହା ଆଗୁଆ ଦୀପାବଳି ଆଣିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସରକାରୀ କର୍ମଚାରୀ ମାନଙ୍କୁ ମୁଖ୍ୟମନ୍ତ୍ରୀ କହିଛନ୍ତି ଆପଣମାନେ ସମସ୍ତେ ଭଲ କାମ କରନ୍ତୁ। ନିଷ୍ଠାର ସହ ଲୋକଙ୍କ ସେବା କରନ୍ତୁ । ଦାୟିତ୍ୱ ପାଳନ କରିବାବେଳେ, ୫-ଟି ଉପକ୍ରମ – ଟିମ୍ ୱାର୍କ, ଟେକ୍ନୋଲୋଜି, ଟ୍ରାନ୍ସପ୍ୟାରେନ୍ସି ଓ ଟ୍ରାନସଫରମେସନକୁ ଅନୁସରଣ କରନ୍ତୁ। ସରକାରଙ୍କ ପରିଚୟକୁ ଆହୁରି ଉଜ୍ଜଳ କରନ୍ତୁ ଏବଂ ଓଡିଶାର ରୂପାନ୍ତରରେ ନିଜର ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖନ୍ତୁ। ଶନିବାର ସଂଧ୍ୟାରେ ରାଜ୍ୟ କ୍ୟାବିନେଟ୍ ର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା।ବୈଠକ ପରେ ମୁଖ୍ୟମନ୍ତ୍ରୀ ଏକ ଭିଡିଓ ବାର୍ତାରେ କହିଛନ୍ତି ଯେ ୨୦୦୦ ମସିହାରେ ମୁଁ ଓଡିଶା ମା'ର ସେବାର ସୁଯୋଗ ପାଇଥିଲି। ମହାବାତ୍ୟା ପର ସ୍ଥିତି ଓ ଦୁର୍ବଳ ଆର୍ଥିକ ଅବସ୍ଥା ମୋ ପାଇଁ ସବୁଠାରୁ ବଡ ଚ୍ୟାଲେଞ୍ଜ ଥିଲା । ରାଜ୍ୟ ଓଭର ଡ୍ରାଫ୍ଟରେ ଚାଲୁଥିଲା। ନିତି ଦିନ ଖର୍ଚ୍ଚ ପାଇଁ ସରକାରଙ୍କୁ ରିଜର୍ଭ ବ୍ୟାଙ୍କ ଉପରେ ନିର୍ଭର କରିବାକୁ ପଡୁଥିଲା । ଓଡିଶା ଅର୍ଥନୀତି ପାଇଁ ଏହା ଏକ କଳା ସମୟ ଥିଲା । ରାଜକୋଷ ଖାଲି ଥିଲା। ଅର୍ଥନୀତି ଉପରେ ବହୁତ ଚାପ ଥିଲା। ଶିକ୍ଷା, ସ୍ୱାସ୍ଥ୍ୟ, ଭିତିଭୂମି, କୃଷି, ଜଳସେଚନ ଆଦି ବିଭିନ୍ନ କ୍ଷେତ୍ରରେ ଆମେ ବହୁତ ପଛୁଆ ଥିଲୁ । ସୀମିତ ସମ୍ବଳ ଭିତରେ ଏସବୁ କ୍ଷେତ୍ରରେ ଉନ୍ନତି ଆଣିବା ଥିଲା ଆମ ପାଇଁ ସବୁଠାରୁ ବଡ ପ୍ରାଥମିକତା। ସେତେବେଳେ ନିଯୁକ୍ତି ପୁରାପୁରି ବନ୍ଦ ଥିଲା । ପୋଷ୍ଟ ସବୁ ଉଚ୍ଛେଦ କରିବାକୁ ପଡୁଥିଲା। ତେବେ ଉତମ ଆର୍ଥିକ ପରିଚାଳନା ଓ ସୁଶାସନ ଜରିଆରେ ହିଁ ଧିରେ ଧିରେ ପରିସ୍ଥିତିରେ ଉନ୍ନତି ଆସିଲା। ୨୦୧୩ରୁ ଆମେ ଚୁକ୍ତିଭିତିକ ନିଯୁକ୍ତି ଆରମ୍ଭ କଲୁ । ଏବେ ଆମ ଅର୍ଥନୀତିରେ ଉନ୍ନତି ଆସିଛି । ବିକାଶ କ୍ଷେତ୍ରରେ ଓଡିଶା ସାରା ଦେଶରେ ଏକ ନୂଆ ପରିଚୟ ସୃଷ୍ଟି କରିପାରିଛି। ଗତ ବର୍ଷ ଆମେ ଏହି ଚୁକ୍ତିଭିତିକ ନିଯୁକ୍ତି କୁ ପରିବର୍ତନ କରି ଇନିସିଆଲ ଆପଏଂଟି କରିଥିଲୁ। ଆଜି ଆମେ ଚୁକ୍ତି ଭିତିକ ନିଯୁକ୍ତ ଉଚ୍ଛେଦ କରିବାକୁ ନିଷ୍ପତି ନେଲୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ପୁଣି ନାଟୋକୁ ପରମାଣୁ ଧମକ ଦେଲେ ପୁଟିନ



ନୂଆଦିଲ୍ଲୀ, ୧୫/୧୦ : ରୁଷ୍ ଓ ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧ ଭିତରେ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ପୁଣିଥରେ ନାଟୋକୁ ଚେତାବନୀ ଦେଇଛନ୍ତି । ପୁଟିନ କହିଛନ୍ତି ଯେ ରୁଷ୍ ସହ ନାଟୋର କୌଣସି ସିଧାସଳଖ ଯୁଦ୍ଧ କିମ୍ବା ମୁହାଁମୁହିଁ ପରିସ୍ଥିତି ହେଲେ, ଏହା ବିଶ୍ୱ ପାଇଁ ବଡ଼ ବିପର୍ଯ୍ୟୟ ଆଣିବ । କାଜାଖିସ୍ତାନ ରାଜଧାନୀ ଅସ୍ତାନାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଉଦବୋଧନ ଦେଇ ଏ କଥା କହିଛନ୍ତି ପୁଟିନ । ପୁଟିନ କହିଛନ୍ତି, ଜାତୀୟ ସ୍ୱାର୍ଥ ଦୃଷ୍ଟିରୁ ନାଟୋ ପ୍ରତି ବିଶ୍ୱସନୀୟତା ଦେଖାଇ ଜର୍ମାନୀ ଭୁଲ୍ କରିଛି । ତିନିଲକ୍ଷ ସୈନ୍ୟଙ୍କୁ ନିଯୁକ୍ତି ଦେବା ଲକ୍ଷ୍ୟରେ ସେ ଗତମାସରେ ଯେଉଁ ଆଂଶିକ ସମାବେଶ ଘୋଷଣା କରିଥିଲେ, ତାହା ଦୁଇ ସପ୍ତାହ ଭିତରେ ଶେଷ ହେବ । ଏହାସହ ପୁଟିନ୍ ଭାରତକୁ ନେଇ ମଧ୍ୟ ପ୍ରତିକ୍ରିୟା ରଖିଛନ୍ତି । ପୁଟିନ କହିଛନ୍ତି, ଗତମାସରେ ଉଜବେକିସ୍ତାନରେ ଆୟୋଜିତ ସମ୍ମିଳନୀରେ ଭାରତ ଓ ଚୀନ ୟୁକ୍ରେନରେ ଶାନ୍ତିପୂର୍ଣ୍ଣ ଆଲୋଚନାକୁ ସମର୍ଥନ କରିଥିଲେ । ପୁଟିନ ଆହୁରି କହିଛନ୍ତି, ବର୍ତମାନ ୟୁକ୍ରେନ୍ ଉପରେ ଆକ୍ରମଣ ଆବଶ୍ୟକ ନାହିଁ । କାରଣ ରୁଷ୍, ୟୁକ୍ରେନକୁ ଧ୍ୱଂସ କରିବାକୁ ଚିନ୍ତା କରୁନାହିଁ । ରୁଷ ସର୍ବଦା ଆଲୋଚନା ପାଇଁ ପ୍ରସ୍ତୁତ ବୋଲି ପୁଟିନ କହିଛନ୍ତି । ତିନି ଦିନ ତଳେ ଜି-୭ ରାଷ୍ଟ୍ରମାନେ ରୁଷକୁ ଚେତାବନୀ ଦେଇଥିଲେ ଯେ ଯଦି ରୁଷ୍ ପରମାଣୁ ଅସ୍ତ୍ରର ପ୍ରୟୋଗ କରିବ, ତାହେଲେ ପରିସ୍ଥିତି ଭୟଙ୍କର ହେବ । ଜି-୭ ରାଷ୍ଟ୍ରମାନେ ରୁଷର ପଦକ୍ଷେପକୁ ନିନ୍ଦା କରିଥିଲେ । ରୁଷ୍ ପରମାଣୁ ପ୍ରୟୋଗକୁ ନେଇ ଯେଉଁଭଳି ଦାୟିତ୍ୱହୀନ ଧମକ ଦେଉଛି, ତାହା ବିଶ୍ୱ ଶାନ୍ତି ଓ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରୁଛି । ରୁଷ୍ ଯେଉଁ ରସାୟନିକ, ଜୈବିକ କିମ୍ବା ପରମାଣୁ ଅସ୍ତ୍ରର ଯେକୌଣସି ବ୍ୟବହାର କରିବା କଥା କୁହାଯାଉଛି, ତା'ର ପରବର୍ତୀ ସ୍ଥିତି ବହୁତ ଘାତକ ହେବ ବୋଲି ଜି-୭ ରାଷ୍ଟ୍ରମାନେ କହିଛନ୍ତି ।

## ଷ୍ଟାର କ୍ୟାମ୍ପେନର ନହେଲେ ବି ଧାମନଗର ଯାଇ ପ୍ରଚାର କରିବି : ମୋକିମ୍

ଭୁବନେଶ୍ୱର, ୧୫/୧୦(ନି.ପ୍ର): ଧାମନଗର ଉପନିର୍ବାଚନ ପାଇଁ କଂଗ୍ରେସ ଷ୍ଟାର ପ୍ରଚାରକ ତାଲିକା ଘୋଷଣା କରିଛି। ତେବେ ଏହି ତାଲିକାରେ କଟକ ବିଧାୟକ ମହମ୍ମଦ ମୋକିମଙ୍କ ନାଁ ନାହିଁ। ଏହା ଉପରେ ପ୍ରତିକ୍ରିୟା ଦେଇ ବିଧାୟକ ଶ୍ରୀ ମୋକିମ କହିଛନ୍ତି ଯେ ସେ କଂଗ୍ରେସ ଦଳର ସାଧାରଣ କର୍ମୀ। କଂଗ୍ରେସ ସହିତ ଅଛନ୍ତି। ଷ୍ଟାର କ୍ୟାମ୍ପେନର ଭାବେ ନାଁ ନଥିଲେ ବି ସେ ଧାମନଗର ଯାଇ ନିର୍ବାଚନ ପ୍ରଚାର କରିବେ ବୋଲି କହିଛନ୍ତି। ସେହିପରି ଏହା ଉପରେ ପ୍ରତିକ୍ରିୟା ଦେଇ ବରିଷ୍ଠ କଂଗ୍ରେସ ବିଧାୟକ ସୁରେଶ କୁମାର ରାଉତରାୟ କହିଛନ୍ତି ମୋକିମ ଦଳ ଠାରୁ ଦୁରେଇ ଯାଉଛନ୍ତି। କଂଗ୍ରେସ ଅଫିସ୍ ମାଡୁ ନାହାନ୍ତି। ଦଳର କୌଣସି କାମରେ ଯୋଗ ଦେଉନାହାନ୍ତି। ତେଣୁ ତାଙ୍କୁ ବାଦ ଦିଆଯାଇଥିବା।ସେ କଂଗ୍ରେସ ଟିକେଟ୍ ରେ ଲଢି ବିଧାୟକ ହୋଇଛନ୍ତି , କଂଗ୍ରେସରେ ରୁହନ୍ତୁ। କିନ୍ତୁ ସେ ଦଳର ହୁଇପ୍ ମାନିଲେନି। ଦଳ ପାଇଁ ଆମେ ସମସ୍ତେ ଯାଇ ପ୍ରଚାର କରିବୁ। ଦଳର ୮ ବିଧାୟକ , ସାଂସଦ, ପିସିସି ସଭାପତି ସମସ୍ତେ ପ୍ରଚାରରେ ସାମିଲ ହେବେ। ଧାମନଗର ଉପନିର୍ବାଚନ କଂଗ୍ରେସ ବିଜୟ ହାସଲ କରିବ ବୋଲି ସେ କହିଛନ୍ତି।

## ଗତ ବର୍ଷ ଅପେକ୍ଷା ଆହୁରି ତଳକୁ ଖସିଲା ଭାରତ



ନୂଆଦିଲ୍ଲୀ, ୧୫/୧୦ : ଦେଶରେ ଭୋକିଲାଙ୍କ ସଂଖ୍ୟା ବୃଦ୍ଧି ପାଉଛି । ଗ୍ଲୋବାଲ ହଙ୍ଗର ଇଣ୍ଡେକ୍ସର ଚଳିତବର୍ଷ ରିପୋର୍ଟ ଭାରତ ପାଇଁ ଚିନ୍ତା ବଢାଇଛି । ୧୨୧ଟି ଦେଶ ମଧ୍ୟରୁ ଭାରତର ସ୍ଥାନ ୧୦୭ରେ ରହିଛି । ଏହି ତାଲିକାରେ ଯୁଦ୍ଧ ପ୍ରପୀଡିତ ସମ୍ମୁଖୀନ ଆଫଗାନିସ୍ତାନକୁ ଛାଡିବା ପରେ ପ୍ରାୟ ଦକ୍ଷିଣ ଏସିଆର ସମସ୍ତ ଦେଶର ପଛରେ ରହିଛି ଭାରତ । ୟୁନିସେଫ୍, ବିଶ୍ୱବ୍ୟାଙ୍କ, ଖାଦ୍ୟ ଓ କୃଷି ସଙ୍ଗଠନ ସମେତ ଜାତିସଙ୍ଘ ଓ ଅନ୍ୟାନ୍ୟ ବହୁଦେଶୀୟ ସଙ୍ଗଠନରୁ ସଂଗୃହୀତ ତଥ୍ୟ ଆଧାରରେ ଏହି ତାଲିକା ପ୍ରସ୍ତୁତି କରାଯାଇଥିବା ନେଇ ରିପୋର୍ଟରେ ଦର୍ଶାଯାଇଛି । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ବିଶ୍ୱ କ୍ଷୁଧା ସୂଚୀରେ ପଡୋଶୀ ଦେଶଗୁଡିକ ଭାରତ ତୁଳନାରେ ଭଲ ସ୍ଥିତିରେ ରହିଛନ୍ତି । ଏହି ତାଲିକାରେ ପାକିସ୍ତାନ ୯୯ ର୍ୟାଙ୍କରେ ରହିଥିବା ବେଳେ ଶ୍ରୀଲଙ୍କା ୬୪ ର୍ୟାଙ୍କରେ ରହିଛି । ସେହିପରି ବାଲାଂଦେଶ ୮୪, ନେପାଳ ୮୧ ଏବଂ ମିଆଁମାର ୭୧ ତମ ସ୍ଥାନରେ ଥାଇ ଭାରତ ଉପରେ ରହିଛନ୍ତି । ଅନ୍ୟପଟେ ଚାଇନା, ତୁର୍କୀ, କ୍ୟୁଏତ ଭଳି ୧୭ଟି ଦେଶ ବିଶ୍ୱ କ୍ଷୁଧା ସୁଚୀର ଶୀର୍ଷ ସ୍ଥାନରେ ରହିଛନ୍ତି । ୨୦୧୪ରୁ ୨୦୨୨ ମଧ୍ୟରେ ଭାରତରେ ଉକ୍ରଟ ଶିଶୁ ଅପପୃଷ୍ଟି ୩୮.୭ ପ୍ରତିଶତରୁ ଖସି ୩୫.୫ ପ୍ରତିଶତ ରହିଛି । ସେହିପରି ଶିଶୁ ମୃତ୍ୟୁହାର ମଧ୍ୟ ୪.୬ ପ୍ରତିଶତରୁ ୩.୩ ପ୍ରତିଶତକୁ ହ୍ରାସ ପାଇଥିବା ନେଇ ରିପୋର୍ଟ ପ୍ରକାଶ ପାଇଛି । ଶନିବାର ଏହି ରିପୋର୍ଟ ସାମ୍ନାକୁ ଆସିବା ପରେ କଂଗ୍ରେସ ସାଂସଦ ପି . ଚିଦାମ୍ବରମ ସିଧାସଳଖ ▶▶ପୃଷ୍ଠା ୭

## ବାହାର ରାଜ୍ୟରୁ ମେଡିସିନ୍ କିଣା ଉପରେ ଲାଗିବ କଟକଣା

ଭୁବନେଶ୍ୱର, ୧୫/୧୦(ନି.ପ୍ର): ରାଜ୍ୟରେ ନକଲି ଔଷଧ କାରବାର ମାମଲା ସାମ୍ନାକୁ ଆସିବା ପରେ ବାହାର ରାଜ୍ୟରୁ ମେଡିସିନ୍ କିଣା ଉପରେ ଲାଗିଛି କଟକଣା। କଟକଣା ଲଗାଇଛି ଓଡିଶା କେମିଷ୍ଟ ଆଣ୍ଡ ଡ୍ରଗ୍ ଆସୋସିଏସନ୍। ଏଣିକି ଓଡ଼ିଶା ବାହାରୁ ମେଡିସିନ କିଣା ଉପରେ ଲାଗିବ କଟକଣା। ସି ଆଣ୍ଡ ଏଫ ଏବଂ ସୁପର ଷ୍ଟକିଷ୍ଟ ବିନା ବାହାର ରାଜ୍ୟରୁ ଯେ କୌଣସି ଫାର୍ମରୁ ଯେକେହି ଔଷଧ କିଣିଲେ, ସେମାନଙ୍କୁ ସଂଘ ପକ୍ଷରୁ ବହିଷ୍କାର କରିବାକୁ ନିଷ୍ପତି ନିଆଯାଇଛି । ଉତ୍କଳ କେମିଷ୍ଟ ଆସୋସିଏଶନର ଜେନେରାଲ ସେକ୍ରେଟାରୀ ପ୍ରଶାନ୍ତ ମହାପାତ୍ର କହିଛନ୍ତି, ରାଜ୍ୟ ବାହାରୁ ମାଲ୍ ଆଣିବୁନି କି ବିକିବୁ ନାହିଁ। କେବଳ ଅନୁମୋଦନପ୍ରାପ୍ତ ଷ୍ଟକିଷ୍ଟ ଓ ସି ଆଣ୍ଡ ଏଫ ଦ୍ୱାରା କାରବାର ହେବ । ସେଥିରେ ପ୍ରାୟ ୯୫% ନକଲି ମେଡିସିନ ଚାଲାଣକୁ ରୋକା ଯାଇପାରିବ। ରାଜ୍ୟ ବାହାରୁ ଭଲ ମେଡିସିନ ସାଙ୍ଗକୁ ନକଲି ବି ଆସୁଛି। ଏପରି କ୍ଷେତ୍ରରେ ▶▶ପୃଷ୍ଠା ୭

## ରାଜ୍ୟ କ୍ୟାବିନେଟରେ ୯ ପ୍ରସ୍ତାବକୁ ଅନୁମୋଦନ




ଭୁବନେଶ୍ୱର, ୧୫/୧୦(ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବସିଥିବା ରାଜ୍ୟ କ୍ୟାବିନେଟ ବୈଠକରେ ଦକ୍ଷତା ବିକାଶ, ବୈଷୟିକ ଶିକ୍ଷା, ସାଧାରଣ ପ୍ରଶାସନ, ସାଧାରଣ ଅଭିଯୋଗ, ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ ସହ ଜଡିତ ୯ଟି ଗୁରୁତ୍ୱପୂର୍ଣ ପ୍ରସ୍ତାବକୁ ଅନୁମୋଦନ ଦିଆ ଯାଇଛି । ଚୁକ୍ତିଭିତିକ ନିଯୁକ୍ତିକୁ ଉଚ୍ଛେଦ କରିବା ସମ୍ପର୍କିତ ଐତିହାସିକ ନିଷ୍ପତି ଏହି ବୈଠକରେ ନିଆ ଯାଇଛି । କ୍ୟାବିନେଟ ବୈଠକ ପରେ ରାଜ୍ୟର ମୁଖ୍ୟ ଶାସନ ସଚିବ ଓ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ସଚିବ ସୁରେନ୍ଦ୍ର କୁମାର ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ ଚାରୋଟି ଜିଲ୍ଲାର ୧୧ଟି ବ୍ଲକରେ ଗ୍ରାମୀଣ ପାଇପ ଯୋଗେ ପାନୀୟ ଜଳ ଯୋଗାଣ ପ୍ରକଳ୍ପର ଟେଂଡରକୁ ମଂଜୁରୀ ପ୍ରଦାନ କରା ଯାଇଛି । ନୟାଗଡ ଜିଲ୍ଲାର ରଣପୁର ଓ ଓଡଗାଁ ବ୍ଲରେ ଦୁଇଟି ଗ୍ରାମ୍ୟ ପାନୀୟ ଜଳ ପ୍ରକଳ୍ପ ପାଇଁ ମୋଟ ୩୯୫.୪୩ କୋଟି ଟଙ୍କାର ଟେଂଡରକୁ ଅନୁମୋଦନ ଦିଆ ଯାଇଛି । ସେହିପରି ବରଗଡ ଜିଲ୍ଲାର ଅମ୍ବାଭୋନା, ଭଟଲି ଓ ସୋହେଲା ବ୍ଲକରେ ପାନୀୟ ଜଳ ପ୍ରକଳ୍ପ, ଖୋର୍ଧା ଜିଲ୍ଲାର ଟାଙ୍ଗି, ଭୁବନେଶ୍ୱର, ବାଲିପାଟଣା ଓ ବାଲିଅନ୍ତା ବ୍ଲକରେ ବ୍ଲକରେ ୫ଟି ଗ୍ରାମୀଣ ପାଇପ ଯୋଗେ ପାନୀୟ ଜଳ ଯୋଗାଣ ପ୍ରକଳ୍ପକୁ ମଂଜୁରୀ ପ୍ରଦାନ କରା ଯାଇଛି । ସେହିପରି କଳାହାଣ୍ଡି ଜିଲ୍ଲାର ଥୁଆମୁଳ ରାମପୁର ଓ କୋକସରା ବ୍ଲକରେ ୨ଟି ଗ୍ରାମୀଣ ପାଇପ ଯୋଗେ ପାନୀୟ ଜଳ ଯୋଗାଣ ପ୍ରକଳ୍ପକୁ ମଂଜୁରୀ ପ୍ରଦାନ କରା ଯାଇଛି । ସେ ଆହୁରି କହିଛନ୍ତି ଯେ କୋଭିଡ ସମ୍ବନ୍ଧୀୟ ବନ୍ଦକୁ ବିଚାରକୁ ନେଇ ରାଜ୍ୟର ସ୍କିଲ ଇକୋ ସିଷ୍ଟମକୁ ଦୃଢୀକରଣ କରିବା ଲକ୍ଷ୍ୟରେ ମାର୍ଚ୍ଚ ୨୦୨୦ରୁ ଅକ୍ଟୋବର ୨୦୨୦ ଯାଏ ଏସଡିସି – ଏସଡିଇସି ଗୁଡିକର ଭଡା ଛାଡ ପ୍ରସ୍ତାବକୁ ମଂଜୁରୀ ଦିଆ ଯାଇଛି । ସେହିପରି ସମନ୍ୱିତ ବୈଷୟିକ ସେବା ନିଯୁକ୍ତି ପ୍ରକ୍ରିୟା ନିୟମାବଳୀ - ୨୦୨୨ ପ୍ରଣୟନ ପ୍ରସ୍ତାବକୁ ଅନୁମୋଦନ ଦିଆ ଯାଇଛି ।

## ରାଜଧାନୀରେ ୭ ସ୍ଥାନରେ ବାଣ ବିକ୍ରିକୁ ଅନୁମତି

ଭୁବନେଶ୍ୱର, ୧୫/୧୦(ନି.ପ୍ର): ଦୀପାବଳି ପାଇଁ ଭୁବନେଶ୍ୱରର ୭ଟି ସ୍ଥାନରେ ବାଣ ବିକ୍ରିକୁ ପ୍ରଶାସନ ଅନୁମତି ଦେଇଛି ।ଭୁବନେଶ୍ୱରର ଗାଡ଼କଣ, ବମିଖାଲ, ପାଣ୍ଡରା, ବାପୁଜୀନଗର, ଲକ୍ଷ୍ମୀସାଗର, ବଡଗଡ଼ର ୨ଟି ସ୍ଥାନରେ ବାଣ ବିକ୍ରିକୁ ଅନୁମତି ମିଳିଛି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଏନେଇ ଭୁବନେଶ୍ୱର ମହାନଗର ନିଗମ ଅତିରିକ୍ତ କମିଶନରଙ୍କୁ ଅବଗତ କରାଯାଇଛି। ସୂଚନା ଅନୁଯାୟୀ ଗାଡକଣର ଶବରସାହି ମେଳନ ପଡିଆ, ବମିଖାଲ ଅନ୍ତର୍ଗତ ରସୁଲଗଡ ଦୁର୍ଗାମଣ୍ଡପ, ପାଣ୍ଡରାର ପଳାଶୁଣି ବିଜୁ ପଟ୍ଟନାୟକ ଖେଳ ପଡିଆ, ବାପୁଜୀନଗର ଅନ୍ତର୍ଗତ ୟୁନିଟ୍ ୧ ହାଇସ୍କୁଲ ପଛପାଖ, ଲକ୍ଷ୍ମୀସାଗର ମେଳନ ପଡିଆ, ବଡଗଡରେ ଶ୍ମଶାନ ସାମ୍ନା ଏବଂ ବିଡିଏ ମାର୍କେଟ୍ ପଛ ପାଖରେ ବାଣ ବିକ୍ରି କରାଯିବ।

## ଭାରତ ଯୋଡର ୧୦୦୦ କିଲୋମିଟର ଯାତ୍ରା ପୂରା



ନୂଆଦିଲ୍ଲୀ, ୧୫/୧୦ : କର୍ଣ୍ଣାଟକରେ ଶନିବାର ମେଗା ଶୋ କରିଛି କଂଗ୍ରେସ । ଭାରତ ଯୋଡ ଯାତ୍ରା ଚାଲିଛି ଓ ଶନିବାର ଏହା ୧୦୦୦କିଲୋମିଟର ଯାତ୍ରା ପୂରା କରିଛି ଓ ଯାତ୍ରାକୁ ୩୮ ଦିନ ପୂରିଛି । ଏହି ଅବସରରେ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ବେଲ୍ଲାରୀରେ ଏକ ବିଶାଳ ଜନସଭା କରିଛନ୍ତି । ଜନସଭାକୁ ସମ୍ବୋଧିତ କରି ବିଜେପିକୁ ବିଭିନ୍ନ ପ୍ରସଙ୍ଗକୁ ନେଇ ଟାର୍ଗେଟ କରିଛନ୍ତି କଂଗ୍ରେସ ସାଂସଦ । ରାହୁଲ କହିଛନ୍ତି ଦେଶରେ ଗତ ୪୫ବର୍ଷ ଭିତରେ ସବୁଠୁ ଅଧିକ ବେକାରୀ ସମସ୍ୟା ଦେଖାଦେଇଛି । ପ୍ରଧାନମନ୍ତ୍ରୀ ମୋଦି ପ୍ରତିବର୍ଷ ୨କୋଟି ରୋଜଗାର ଦେବାକୁ ଯେଉଁ ପ୍ରତିଶ୍ରୁତି ଦେଇଥିଲେ ତାହା ଏକଦମ ମିଛ ବୋଲି ରାହୁଲ କହିଛନ୍ତି । ଏଥିସହ ରାହୁଲ କହିଛନ୍ତି କି ଆରଏସଏସ ଓ ବିଜେପିର ବିଚାରଧାରା ଦେଶକୁ ଦୁର୍ବଳ କରୁଛି ଓ ଭାଙ୍ଗୁଛି । ଦେଢମାସ ଧରି ଚାଲିବାକୁ ଥିବା ଭାରତ ଯୋଡ ଯାତ୍ରାରେ ସମସ୍ତ ସଦସ୍ୟ ପ୍ରାୟ ୩ହଜାର ୭୫୦ କିଲୋମିଟର ପଦଯାତ୍ରା କରିବେ ।

## ପ୍ରକାଶ ପାଇଲା ତିନି ଦଳର ଷ୍ଟାର ପ୍ରଚାରକ ତାଲିକା



ଭୁବନେଶ୍ୱର, ୧୫/୧୦(ନି.ପ୍ର): ଧାମନଗର ଉପନିର୍ବାଚନ ପାଇଁ ମାହୋଲ ସରଗରମ ହୋଇପଡ଼ିଥିବା ବେଳେ ତିନି ପ୍ରମୁଖ ଦଳ ଷ୍ଟାର ପ୍ରଚାରକ ତାଲିକା ପ୍ରକାଶ କରିଛନ୍ତି । ପ୍ରାୟ ସବୁ ବଡ଼ ନେତାଙ୍କୁ ସବୁ ଦଳ ପ୍ରଚାର ମୈଦାନକୁ ଆଣିବାକୁ ଚେଷ୍ଟା କରିଛନ୍ତି । ତେବେ କିଛି ପ୍ରମୁଖ ମୁହଁ ଷ୍ଟାର ପ୍ରଚାରକ ତାଲିକାରୁ ବାଦ୍ ମଧ୍ୟ ପଡ଼ିଛନ୍ତି । ବିଜେଡିର ୪୦ ଜଣିଆ ତାଲିକାରୁ ମନ୍ତ୍ରୀ ସମୀର ଦାଶ ବାଦ ପଡ଼ିଥିବା ବେଳେ କଂଗ୍ରେସ ତାଲିକାରେ ମୋକିମଙ୍କ ନାଁ ନାହିଁ । ଉପନିର୍ବାଚନ ପାଇଁ ଧାମନଗର ରାଜନୀତ ସରଗରମ ହୋଇଥିବାବେଳେ ବିଜେଡି, ବିଜେପି ଓ କଂଗ୍ରେସ ଜାରି କରିଛନ୍ତି ଷ୍ଟାର ପ୍ରଚାରକ ତାଲିକା । ବିଜେଡିର ୪୦ ଜଣିଆ ତାଲିକାରୁ ବାଦ ପଡିଛନ୍ତି ମନ୍ତ୍ରୀ ସମୀର ଦାଶ । ବିଜେଡି ଜିଲ୍ଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର ସାହୁ ଆତ୍ମହତ୍ୟା ମାମଲାରେ ସମୀର ବିବାଦ ଘେରକୁ ଆସିଛନ୍ତି । ତେଣୁ ତାଙ୍କୁ ବାଦ ଦିଆଯାଇଥିବା କୁହାଯାଉଛି । ସେପଟେ ବିଜେପି ଷ୍ଟାର ପ୍ରଚାରକ ତାଲିକାରେ କିନ୍ତୁ ସ୍ଥାନ ବଜାୟ ରଖିଛନ୍ତି କନକ ବର୍ଦ୍ଧନ ସିଂହଦେଓ । ଲେଡି ବ୍ଲାକମେଲର ଅର୍ଚ୍ଚନା ନାଗଙ୍କ ସହ ସମ୍ପର୍କକୁ ନେଇ ସେ ବିବାଦରେ ଫସିଛନ୍ତି । ବିଜେଡିର ୪୦ ଜଣିଆ ପ୍ରଚାର ତାଲିକାରେ କିଛି ଅଭିନେତାଙ୍କୁ ସ୍ଥାନ ମିଳିଛି । କିନ୍ତୁ କେନ୍ଦ୍ରାପଡା ସାଂସଦ ତଥା ଅଭିନେତା ଅନୁଭବ ମହାନ୍ତି ପୁଣି ନିରାଶ ହୋଇଛନ୍ତି । ପତ୍ନୀ ବର୍ଷାଙ୍କ ସହ ବିବାଦକୁ ଆସିବା ପରେ ତାଙ୍କୁ ଆଉ ସ୍ଥାନ ମିଳିନାହିଁ । ତାଙ୍କ ବଦଳରେ ଅରିନ୍ଦମ ରାୟଙ୍କୁ ଭରସା କରିଛି ଦଳ । ▶▶ପୃଷ୍ଠା ୭

## ପୁଣି ଅଶାନ୍ତ ହେଲା କାଶ୍ମୀର : ସରକାରଙ୍କ ବିରୋଧରେ ତେଜିଲା ଆକ୍ରୋଶ

ନୂଆଦିଲ୍ଲୀ, ୧୫/୧୦ : କିଛି ଦିନ ନ ଯାଉଣୁ ପୁଣି କଶ୍ମୀରପଣ୍ଡିତଙ୍କୁ ଟାର୍ଗେଟ କରି ତାଣ୍ଡବ କରିଛନ୍ତି ଆତଙ୍କବାଦୀ । ଶୁକ୍ରବାର ଦକ୍ଷିଣ କଶ୍ମୀରର ଶୋପିଆନର ଚୌଧରିଗୁଣ୍ଡରେ ଜଣେ କଶ୍ମୀରପଣ୍ଡିତଙ୍କୁ ଗୁଳି କରି ହତ୍ୟା କରିଛନ୍ତି ଆତଙ୍କବାଦୀ । ମୃତ ବ୍ୟକ୍ତି ଜଣକ ହେଉଛନ୍ତି ପୁରଣ କୃଷ୍ଣ ଭଟ୍ଟ । ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ମେଡିକାଲରେ ଭର୍ତି କରାଯାଇଥିଲା, ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଛନ୍ତି । ସେପଟେ ଏହି ଘଟଣାକୁ ନେଇ ଜୋରଦାର ବିକ୍ଷୋଭ କରାଯାଇଛି । ଘଟଣାକୁ ବିଜେପି ନେତା କଡା ନିନ୍ଦା କରିବା ସହ ଆତଙ୍କବାଦୀଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛି । କଶ୍ମୀରପଣ୍ଡିତଙ୍କୁ ହତ୍ୟା ଘଟଣାପରେ ସ୍ଥାନୀୟ ଅଂଚଳରେ କୋକୁଆ ଭୟ ସୃଷ୍ଟି ହୋଇଛି । ଘଟଣାସ୍ଥଳକୁ ସମ୍ପୂର୍ଣ୍ଣଭାବେ ଘେରାବନ୍ଦୀ କରାଯାଇଛି । ଜମ୍ମୁକଶ୍ମୀର ପୁଲିସ ସ୍ଥାନୀୟ ଲୋକଙ୍କୁ ଆଲର୍ଟ ରହିବା ପାଇଁ କହିଛି । ଘଟଣାପଛରେ ସ୍ଥାନୀୟ ଆତଙ୍କବାଦୀଙ୍କ ହାତ ଥିବା କହିଛି ପୁଲିସ । ଯଦି ନଜର ପକାଇବା ତେବେ ୨୦୨୨ ଉପରେ ତେବେ ଚଳିତବର୍ଷ ଅନେକ କଶ୍ମୀର ପଣ୍ଡିତ ଓ ପ୍ରବାସୀ ଶ୍ରମିକଙ୍କୁ ଟାର୍ଗେଟ କରିଛନ୍ତି ଆତଙ୍କବାଦୀ । ଘଟଣାକୁ ନେଇ ପୁଣି ଥରେ ତାତି ଉଠିଛନ୍ତି କଶ୍ମୀରବାସୀ ଓ କଶ୍ମୀରପଣ୍ଡିତ । ସ୍ଥାନେ ସ୍ଥାନେ ଏହାର ପ୍ରତିବାଦ କରିଛନ୍ତି । ଜମ୍ମୁକଶ୍ମୀର ସରକାର ଓ କେନ୍ଦ୍ର ସରକାରଙ୍କୁ ସମ୍ପୂର୍ଣ୍ଣ ଘଟଣା ପାଇଁ ▶▶ପୃଷ୍ଠା ୭

# ପ୍ରାଣୀ ସଂପଦ ବିକାଶ ବିଭାଗ ତରଫରୁ ବିଶ୍ୱ ଅଣ୍ଡା ଦିବସ ପାଳନ

ବଲାଙ୍ଗୀର ,୧୫/୧୦ (ନି.ପ୍ର): ପ୍ରାଣୀ ସମ୍ପଦ ବିକାଶ ବିଭାଗ ତରଫରୁ ବିଶ୍ୱ ଅଣ୍ଡା ଦିବସ ସାମ୍ବାଦିକ ଭବନ ବଲାଙ୍ଗିର ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବଲାଙ୍ଗିର ଜିଲ୍ଲାପାଳ ଚଂଚଳ ରାଣା, ଆଇଏଏସ୍ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ଅଣ୍ଡାର ମହତ୍ୱ ତଥା ବଲାଙ୍ଗିର ଜିଲ୍ଲା କିପରି ଅଣ୍ଡା ଉତ୍ପାଦନ କ୍ଷେତ୍ରରେ ସ୍ୱାବଲମ୍ବି ହୋଇପାରିଛି ତା ଉପରେ ବିଷଦ ଭାବରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଲିକା ସାହୁ, ଅଧକ୍ଷା ବଲାଙ୍ଗିର ପୌରପାଳିକା ମୁଖ୍ୟ ବକ୍ତା ଭାବରେ ଯୋଗଦାନ କରି ଅଣ୍ଡା କିପରି ଏକ ପରିପୂର୍ଣ୍ଣ ସୁଷମ ଖାଦ୍ୟ ସେ ବିଷୟରେ ଆଲୋକପାତ କରିଥିଲେ ଓ ସରକାରଙ୍କ ତରଫରୁ ମାଗଣାରେ ଶିଶୁ, ଗର୍ଭବତୀ ମହିଳା ଓ ସ୍କୁଲ ଯାଉଥିବା ଛାତ୍ର ଛାତ୍ରୀମାନଙ୍କୁ ମଧ୍ୟାହ୍ନ ଭୋଜନରେ ଅଣ୍ଡା ଦିଆଯାଉଥିବା କହି ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ସମ୍ମାନିତ ଅତିଥି ଭାବେ ବଲାଙ୍ଗିର ଜିଲ୍ଲା ଚିକିତ୍ସାଧିକାରୀ ଡା. ସ୍ନେହଲତା ସାହୁ ଅଣ୍ଡାର ବିଭିନ୍ନ ପୋଷକ ତତ୍ୱ ତଥା ଅଣ୍ଡା କିପରି ଏକ ପରିପୂର୍ଣ୍ଣ ସୁଷମ ଖାଦ୍ୟ ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ । ଏହାକୁ କିପରି ସମସ୍ତ ବର୍ଗ ଓ ବୟସର ଲୋକମାନେ ବ୍ୟବହାର କରିବେ ତା ମଧ ବୁଝାଇ କହିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଓଡିଶା ସରକାରଙ୍କ ପ୍ରାଣୀ ସମ୍ପଦ ବିକାଶ ବିଭାଗର ଯୁଗ୍ମ ନିର୍ଦ୍ଦେଶକ (ଯୋଜନା) ଭାବେ କାର୍ଯ୍ୟରତ ଡ.ଚିତରଂଜନ ମଲ୍ଲିକ ସରକାରଙ୍କ ବିଭିନ୍ନ ରିହାତିଯୁକ୍ତ ଲାଭଜନକ କୁକୁଡା ଚାଷ ଯୋଜନା ବିଷୟରେ ଚାଷୀମାନଙ୍କୁ ଅବଗତ କରାଇଥିଲେ।
ଏ ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡ. ସନ୍ତୋଷ କୁମାର ପଣ୍ଡାଙ୍କ ସଭାପତିତ୍ୱ ରେ ସମ୍ପାଦନ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ଶେଷ ଭାଗରେ ଅଣ୍ଡା ଉତ୍ପାଦନ ବୃଦ୍ଧି ପାଇଁ ବ୍ୟବସାୟିକ ପ୍ରୟାସ ଉପରେ ଡ. ସଂଗ୍ରାମ ସିଂ ନାଏକ, ଏଭିଏଏସ୍, ଏମ୍ଭିୟୁ ଲୋଇସିଂହା ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ବଲାଙ୍ଗିର ଜିଲ୍ଲାର ବିଭିନ୍ନ ବ୍ଲକରୁ ଅଗ୍ରଣୀ କୁକୁଡା ପାଳକ ଚାଷୀମାନେ ଯୋଗଦାନ କରିଥିଲେ ତଥା ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ, ଉପଖଣ୍ଡ ସ୍ତରୀୟ ଅଧିକାରୀ, ଗୋଷ୍ଠୀ ପ୍ରାଣୀ ଚିକିତ୍ସାଧିକାରୀ ଓ ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀମାନେ ଯୋଗଦାନ କରିଥିଲେ ।

# ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟରେ ଗୀତା ସୁଗମ ପୁସ୍ତକ ଉନ୍ମୋଚିତ

ସାକ୍ଷୀଗୋପାଳ ,୧୫/୧୦ (ନି.ପ୍ର): ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ ପରିସରରେ ଆଜି ସଂସ୍କୃତ ବିଭାଗ ଆନୁକୂଲ୍ୟରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ଼ଃ. ବସନ୍ତ କୁମାର ରଥଙ୍କ ଦ୍ୱାରା ରଚିତ 'ଗୀତା ସୁଗମ ' ପୁସ୍ତକ ଉନ୍ମୋଚିତ ହୋଇଯାଇଛି । ଏହି ପୁସ୍ତକର ଲୋକାର୍ପଣ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ. ରତିକାନ୍ତ ପରିଡା ସଭାପତିତ୍ୱ କରିବା ସହିତ ଗୀତା ସନ୍ଦେଶ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ପ୍ରାଧ୍ୟାପକ ଡ଼ଃ. ବସନ୍ତ କୁମାର ରଥ ନିଜର ସ୍ୱରଚିତ ପୁସ୍ତକ ସମ୍ବନ୍ଧରେ ସଭାରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ଡ଼ଃ. ଅଜୟ ସ୍ୱାଇଁ ନିଜ ଭାଷଣରେ କହିଥିଲେ ' ଶ୍ରୀମଦ ଭଗବତଗୀତା ଯଦି ଓଡ଼ିଆ ଭାଷାରେ ରୂପାନ୍ତର ହୁଏ ତେବେ ତାହା ଦିନେ ପ୍ରତ୍ୟେକ ଓଡ଼ିଆଙ୍କ ପାଖରେ ପହଂଚିପାରିବ ଏଥିରେ ଦ୍ୱିମତ ନାହିଁ ' । ସମ୍ମାନିତ ଅତିଥି ରବୀନ୍ଦ୍ର କୁମାର ଷଡ଼ଙ୍ଗୀ 'ସମସ୍ତେ ପ୍ରତିଦିନ ଗୀତାର ଗୋଟିଏ ଶ୍ଳୋକ ଥରେ ମାତ୍ର ଅଧ୍ୟୟନ କଲେ ତାର ଉପକରିତା ନିଶ୍ଚିତ ମିଳିବ ' ବୋଲି ନିଜ ବକ୍ତବ୍ୟରେ କହିଥିଲେ । କାର୍ଯ୍ୟକ୍ରମର ମୁଖ୍ୟବକ୍ତା ବୀରେନ୍ଦ୍ର ମହାନ୍ତି ଗୀତା ଉପରେ ଆଧାରିତ ଅନେକ ମୂଲ୍ୟବାନ କଥାର ଆଲୋକପାତ କରିଥିଲେ। ସଂସ୍କୃତ ବିଭାଗର ମୁଖ୍ୟା ପ୍ରାଧ୍ୟାପିକା ସୁଜାତା ମହାପାତ୍ର କାର୍ଯ୍ୟକ୍ରମର ସଂଯୋଜନା କରିବା ସହିତ ଗୀତା ବିଷୟରେ ସାମ୍ୟକ୍ ସୂଚନା ପ୍ରଦାନ କରିଥିଲେ । ସେହିପରି ପ୍ରାଧ୍ୟାପିକା ଡ଼ଃ. କଳ୍ପନା କୁମାରୀ ମହାପାତ୍ର ଗୀତାର ସନ୍ଦେଶ ଉପଦେଶ ଆଜିର ଯୁଗରେ ମଧ ଏକାନ୍ତ ଉପାଦେୟ ବୋଲି କହିଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭରେ ପ୍ରାଧ୍ୟାପିକା ସସ୍ମିତା ପ୍ରଧାନ ଅତିଥିମାନଙ୍କୁ ମଂଚ ଉପରକୁ ଆମନ୍ତ୍ରଣ କରିବା ସହ ବେଦପାଠ କରିଥିଲେ । ପରିଶେଷରେ ଅନୁଷ୍ଠାନର ମୁଖ୍ୟ କିରାଣୀ ରାଜକିଶୋର ପତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରଫେସର ନଳିନୀ ଲୋଚନ ଦାଶ, ପ୍ର. ଧନୁର୍ଦ୍ଧର ମୁଦୁଲି, ପ୍ର. ମନୋଜ କୁମାର ପରିଡା, ପ୍ର. ରତ୍ନାକର ସାହୁ, ପ୍ର. ଶୁଭ୍ରାଦୀପ୍ତା ପଟ୍ଟନାୟକ, ପ୍ର. ସ୍ୱର୍ଣ୍ଣଲତା ମାହାରୀ, ପ୍ର. ବିଜୟ ଲକ୍ଷ୍ମୀ ମିଶ୍ର ଏବଂ ବହୁସଂଖ୍ୟାରେ ସଂସ୍କୃତ ସମ୍ମାନର ଛାତ୍ରଛାତ୍ରୀମାନେ ସଭାରେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସାଫଲ୍ୟମଣ୍ଡିତ କରିଥିଲେ ।

# କୋରାପୁଟ ଚାଷିଙ୍କୁ ଆକୃଷ୍ଟ କରିଛି ମହୁଚାଷ

ଜୟପୁର ,୧୫/୧୦ (ନି.ପ୍ର): କୋରାପୁଟ ଜିଲ୍ଲାରେ ନାବାର୍ଡ ଓ ହର୍ଷଟ୍ରଷ୍ଟ ମିଳିତ ସହମତିରେ ଜାନୁଆରୀ-୫-୨୦୨୨ରେ ମହୁଚାଷ ଆରମ୍ଭ କରାଯାଇଥିଲା। ଏଥିରେ ମୋଟ ୨୫୦ ଗରିବ ଆଦିବାସୀ ଚାଷୀଙ୍କୁ ଅନ୍ତର୍ଭୁକ୍ତ କରାଯାଇଥିଲା । ମୁଖ୍ୟତଃ ଦୁଇଟି ବ୍ଲକ ନନ୍ଦପୁର ଏବଂ ବଇପାରିଗୁଡା ଠାରେ ପ୍ରାରମ୍ଭିକ ପର୍ଯ୍ୟାୟରେ ଆରମ୍ଭ କରାଯାଇଥିଲା । ଏଥିରେ ମୋଟ ୧ କୋଟି ୪୧ ଲକ୍ଷ ୧୨ ହଜାର ୫୯୫ ଟଙ୍କା, ମହୁମାଛି ସହ ବାକ୍ସ, ମହୁ ଫେଣା ମେସିନ ଏବଂ ଚାଷୀ ମାନଙ୍କୁ ତାଲିମ ଦେବା ସହ ଅନ୍ୟାନ୍ୟ କର୍ମଚାରୀମାନଙ୍କ ତାଲିମ ଆକାରରେ ଖର୍ଚ୍ଚ କରାଯାଇଛି । ଗତ ୧୦ ମାସ ମଧ୍ୟରେ ଆଶ୍ଚର୍ଯ୍ୟଜନକ ଭାବେ ବହୁତ କମ୍ ଦିନ ମଧ୍ୟରେ ୨୪୫୫ କିଲୋ ମହୁ ଉତ୍ପାଦନ ହୋଇଛି ଏବଂ ଏହାକୁ ବିକ୍ରି କରି ଗନ୍ଧିଗୁଡା, ଆମ୍ବାପଡା, କିରାମ, ଡି ଖୁଦୁବ, ଅଣ୍ଡରି ଗ୍ରାମର ମୋଟ ୧୧୦ ଜଣ ଚାଷୀ ୨୮୭୦୦୦ ଟଙ୍କା ଉପକୃତ ହୋଇଛନ୍ତି । ଏହାକୁ ନାବାର୍ଡର ଓଡ଼ିଶା ମୁଖ୍ୟ, ପିଡି ଡିଆରଡିଏ, କୋରାପୁଟ ଓରମାସର କର୍ମକର୍ତା ପ୍ରଶଂସା କରିଛନ୍ତି।
ବର୍ତମାନ ସ୍ଥିତିରେ ଲଗାଣ ବର୍ଷା, ଜଙ୍ଗଲ କୀଟ, ଫୁଲର ଅଭାବ ହେତୁ ମହୁମାଛି ସଂଖ୍ୟା କ୍ରମାଗତ ଭାବେ ହ୍ରାସ ପାଇବାରେ ଲାଗିଛି। ଏଥି ଯୋଗୁଁ ଚାଷୀମାନଙ୍କ ମନୋବଳ ଭାଙ୍ଗି ଯାଇଛି । ହର୍ଷଟ୍ରଷ୍ଟର କର୍ମଚାରୀ ଏବଂ ନାବାର୍ଡର ଡିଡିଏମ ନନ୍ଦପୁର ଠାରେ ଚାଷୀଙ୍କୁ ଭେଟି ତାଲିମ ଦେବା ସହ ପୁନୋଃ ମହୁମାଛି ଯୋଗାଇବା ସହ ତାହାକୁ କିଭଳି ଆଗାମୀ ସମୟରେ ଜୀବନ ଜୀବିକାର ମୁଖ୍ୟ ଅଂଶ ଭାବେ ଗ୍ରହଣ କରିବେ ସେହି ବିଷୟରେ ଚାଷିମାନଙ୍କୁ ବୁଝାଇଥିଲେ । ଡି ଖୁଡୁବ ଏବଂ ଗନ୍ଧିଗୁଡ଼ା ଗ୍ରାମର ମଧୁ ଖରା, ବିବିଦାସ ମାଟାମ, ମାଲେଶ ଏବଂ ଅନ୍ୟ ଚାଷୀମାନେ ଉଭୟ ନାବାର୍ଡ ଏବଂ ହର୍ଷାଟ୍ରଷ୍ଟ ସଂସ୍ଥାଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଏହା ସହ ଚାଷୀ ସ୍ୱଇଚ୍ଛାରେ ମହୁ ଚାଷ ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି ବୋଲି ଜଣେଇଥିଲେ। ଏଥିରେ କୋରାପୁଟ ଜିଲ୍ଲାର ଅଧିକରୁ ଅଧିକ ଚାଷିଙ୍କୁ ସାମିଲ କରିବା ଲକ୍ଷ୍ୟ ରଖିଛି ନାବାର୍ଡ ଓ ହର୍ଷ ଟ୍ରଷ୍ଟ। ନିକଟ ଅତୀତରେ ନାବାର୍ଡର ଓଡ଼ିଶା ମୁଖ୍ୟ ଏବଂ ଆନ୍ଧ୍ର ପ୍ରଦେଶର ଜୈନିକ ସାଂସଦ ମଧ ନିଜ ଜିଲ୍ଲାର ଚାଷୀମାନଙ୍କୁ ସାଥିରେ ଧରି ଗନ୍ଧୁଗୁଡା ପରିଦର୍ଶନ କରି ମହୁର ବଜାରିକରଣ ନିମନ୍ତେ ଆଲୋଚନା କରିଥିଲେ ଏବଂ ସାରା ଭାରତ ବର୍ଷରେ କୋରାପୁଟ କଫି ଭଳି କୋରାପୁଟ ମହୁକୁ ପରିଚିତ କରାଇବା ପାଇଁ କଥା ଦେଇଥିଲେ। ଶେଷରେ ୫୦୦ କିଲୋ ମହୁ କିଣିବା ପାଇଁ ମଧ ଆଗ୍ରହ ପ୍ରକାଶ କରିଥିଲେ। ନାବାର୍ଡ ଓ ହର୍ଷ ଟ୍ରଷ୍ଟ ଭବିଷ୍ୟତରେ ମହୁ ଚାଷ ପାଇଁ କୋରାପୁଟ ଜିଲ୍ଲା ଏକ ସ୍ୱତନ୍ତ୍ର ସ୍ଥାନ ହାସଲ କରିବ ବୋଲି ଆଶା ରଖିଛନ୍ତି।

# ନାଭାଲ ଅଫିସର ଓ ଡାକ୍ତର ପରିଚୟ ଲୋକଙ୍କୁ ଲୁଟୁଥିଲେ ଯୁବକ ଓ ବାନ୍ଧବୀ

ସମ୍ବଲପୁର ,୧୫/୧୦ (ନି.ପ୍ର): ନାଭାଲ ଅଫିସର ଓ ଡାକ୍ତରର ପରିଚୟ ଦେଇ ଲୁଟୁଥିଲେ ଦମ୍ପତି। ଏବେ ସେମାନଙ୍କୁ କାବୁ କଲେ ଲୋକେ। ଏଭଳି ଘଟଣା ଘଟିଛି ସମ୍ବଲପୁର ସହରରେ। ଜଣେ ଯୁବକ ନିଜକୁ ନାଭାଲ ଅଫିସରର ପରିଚୟ ଦେଇ ବିଭିନ୍ନ ମୋବାଇଲ ଦୋକାନ, କପଡା ଦୋକାନରୁ ଲକ୍ଷାଧିକ ଟଙ୍କାର ଠକେଇ କରିଥିବା ଅଭିଯୋଗ ହୋଇଛି। ଆଉ ଏହି ଠକେଇରେ ତାଙ୍କର ସାଥ ଦେଇଛନ୍ତି ଜଣେ ଯୁବତୀ। ଯିଏ କି ନିଜକୁ ଜଣେ ଡାକ୍ତର କହୁଥିବା ବେଳେ ଉକ୍ତ ଯୁବକଙ୍କ ସହ ତାଙ୍କର ବିବାହ ଠିକ୍ ହୋଇଥିବା କହିଛନ୍ତି।
ଏହି ଯୁବକ ଜଣକ ହେଲେ ଭଦ୍ରକ ଜିଲ୍ଲାର ବିପ୍ଳବ ପ୍ରଧାନ ଏବଂ ଯୁବତୀ ଜଣଙ୍କ ଅନୁଗୁଳ ଜିଲ୍ଲାର। ଏହି ଦୁଇ ଜଣ କିଛି ଦିନ ହେଲା ସମ୍ବଲପୁର ସହରର ବିଭିନ୍ନ ମୋବାଇଲ ଦୋକାନକୁ ବୁଟସୁଟରେ ଯାଇ ସେଠାରେ ଦାମି ମୋବାଇଲ କିଣୁଥିଲେ। ଆଉ ଟଙ୍କା ଅନଲାଇନ ପେମେଂଟ କରୁଥିଲେ। ହେଲେ ଦୋକାନୀଙ୍କ ଆକାଉଣ୍ଟକୁ ଟଙ୍କା ଆସୁନଥିଲା ।କିନ୍ତୁ ଟଙ୍କା କାଟିଥିବା ମେସଜ ବିପ୍ଳବ ଦୋକାନୀଙ୍କୁ ଦେଖାଉଥିଲା। ଟଙ୍କା ଯଦି ନଆସେ ଚିନ୍ତା କରିବେନି ମୁଁ ଜଣେ ନାଭାଲ ଅଫିସର, ଆଉ ତାଙ୍କୁ ନାଭାଲ ଅଫିସରର ଏକ ଆଇକାର୍ଡ ଦେଖାଇ ସେଠାରୁ ଚଞ୍ଚକତା କରି ଫେରାର ହେଇ ଯାଉଥିଲେ।
ଏଭଳି ଅନେକ ଦୋକାନରୁ କରିବା ପରେ, ଗତକାଲି ଧନୁପାଲି ଅଞ୍ଚଳରେ ଥିବା ଏକ ମୋବାଇଲ ଦୋକାନକୁ ଯାଇ ଠିକ ଏଭଳି ଠକାମୀ କରୁଥିବା ବେଳେ ଲୋକଙ୍କ ହାତରେ ଧରା ପଡ଼ିଥିଲେ। ଆଉ ଲୋକେ ତାଙ୍କୁ ଧରି ଧନୁପାଲି ପୋଲିସରେ ହସ୍ତାନ୍ତର କରିଥିଲେ। ପୋଲିସ ସମସ୍ତ ଘଟଣାର ଏବେ ତଦନ୍ତ ଜାରି ରଖିଛି । ଅଭିଯୁକ୍ତ ଜଣଙ୍କ ପ୍ରକୃତରେ ନାଭାଲ ଅଫିସର କି ନୁହେଁ ସେନେଇ ଜୋରଦାର ତଦନ୍ତ ଜାରି ରହିଛି।

# ଘରୋଇ ଶିକ୍ଷାନୁଷ୍ଠାନ ପରିସରରୁ ଡ୍ରାଇଭରଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର

ଖୋର୍ଦ୍ଧା ,୧୫/୧୦ (ନି.ପ୍ର): ଖୋର୍ଦ୍ଧା ଶିଳ୍ପାଚଂଳ ଫାଣ୍ଡି ଅନ୍ତର୍ଗତ ଏକ ଘରୋଇ ଶିକ୍ଷାନୁଷ୍ଠାନ ପରିସରରୁ ପୋଲିସ ଜଣେ ଡ୍ରାଇଭରଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର କରିଛି। ଏହି ଘଟଣାରେ ଉକ୍ତ ଶିକ୍ଷାନୁଷ୍ଠାନର ଜଣେ ସୁରକ୍ଷା କର୍ମୀଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି ପୋଲିସ। ସୂଚନା ଅନୁଯାୟୀ, ଗତକାଲି ରାତିରେ ରାଇଟ କଲେଜ ପରିସରରେ ସୁରକ୍ଷା କର୍ମୀ ବାଦଲ ସ୍ୱାଇଁ ଓ ଡ୍ରାଇଭର ରାମକୃଷ୍ଣ ପଣ୍ଡା ଏକାଠି ବସି ମଦ୍ୟପାନ କରିଥିଲେ। ପରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା ।ତେବେ ବଚସାରୁ ଉତ୍ୟକ୍ତ ହୋଇ ସୁରକ୍ଷା କର୍ମୀ ଜଣକ ଏକ ଧାରୁଆ ଅସ୍ତ୍ରରେ ରାମକୃଷ୍ଣଙ୍କୁ ହତ୍ୟା କରିଥିଲା। ହତ୍ୟା ପରେ ପ୍ରମାଣ ନଷ୍ଟ କରିବା ପାଇଁ ଛାତ ଉପରୁ ରାମକୃଷ୍ଣଙ୍କୁ ଠେଲି ଦେଇଥିଲା। ଏପରିକି ସୁରକ୍ଷା କର୍ମୀ ଜଣକ ରାମକୃଷ୍ଣଙ୍କ ଉପରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲା ।ଖବର ପାଇ ଶିଳ୍ପାଚଂଳ ପୋଲିସ ଘଟଣାସ୍ଥଳରେ ପହଂଚି ସାଇଂଟିଫିକ୍ ଟିମ୍ ସହାୟତାରେ ତଦନ୍ତ କରୁଛି।

# ନାବାଳିକା ଦୁଷ୍କର୍ମ ମାମଲାରେ ଅଭିଯୁକ୍ତକୁ ୧୦ ବର୍ଷ ଜେଲ

କନ୍ଧମାଳ ,୧୫/୧୦ (ନି.ପ୍ର): ଫୁଲବାଣୀ ତ୍ୱରିତ ପୋକ୍ସୋ କୋର୍ଟର ଅତିରିକ୍ତ ବିଚାରପତି ତଥା ଜିଲ୍ଲା ସେସନସ୍ ଜଜ୍ ଭାସ୍କର ଚନ୍ଦ୍ର ସାହୁ, ଆଜି ଏକ ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି, ମାମଲାର ସାକ୍ଷୀ,ଡାକ୍ତରୀ ରିପୋର୍ଟ୍ ଏବଂ ପିଡିତ ର ବୟାନ କୁ ଭିତିକ ରି ମାମଲାର ଅଭିଯୁକ୍ତ ଜଗତ୍ କିଶୋର ସେଠୀ (୨୦) କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। କୋର୍ଟ ଅଭିଯୁକ୍ତକୁ ୧୦ବର୍ଷ ସଶ୍ରମ କାରାଦଣ୍ଡ ସହ ଏକ ଲକ୍ଷ ପଂଚସ୍ତରୀ ହଜାର ଟଙ୍କା ଜୋରିମାନା ଦଣ୍ଡାଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅଭିଯୁକ୍ତକୁ ଆଉ ୨ବର୍ଷ ୩ ମାସ ଅଧିକ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି ବିଚାରପତି । ମାମଲାକୁ ସରକାରଙ୍କ ତରଫରୁ ପୋକ୍ସ କୋର୍ଟର ସ୍ୱତନ୍ତ୍ର ପି.ପି. ବନମାଳୀ ବେହେରା ପରିଚାଳନା କରୁଥିଲେ। ସୂଚନା ଅନୁସାରେ ସପ୍ତମ ଶ୍ରେଣୀରେ ପଢୁଥିବା ପିଡିତା ୨୫.୧୦.୨୦୧୭ ତାରିଖ ଅପରାହ୍ନ ୪.୩୦ ମି. ରେ ଟିଫିନ୍ ଖାଇ ପଡିଆକୁ ଖେଳିବାକୁ ଯାଇଥିଲା । ଅଭିଯୁକ୍ତ ପିଡିତାକୁ ଡାକି ସାଇକେଲ ଆଣିବା ବାହାନା କରି ପାଖ ଜଙ୍ଗଲକୁ ନେଇ, ଛୁରୀ ଦେଖାଇ, କଥା ନ ମାନିଲେ ଜୀବନରେ ମାରି ଦେବି ବୋଲି ଧମକ ଦେଇ ଦୁଷ୍କର୍ମ କରିଥିଲା। ତା'ପରେ ଚାପୁଡ଼ା ମାରି, କାହାକୁ କହିଲେ ମାରି ଦେବାକୁ ଧମକ ଦେଇ ବିଦ୍ୟାଳୟକୁ ପଠେଇ ଦେଇଥିଲା। ପିଡିତା ତାପର ଦିନ ଖଜୁରୀପଡ଼ା ଥାନା ରେ ଏହି ସଂକ୍ରାନ୍ତରେ ଏକ ଅଭିଯୋଗ କରିଥିଲା ।ଅଭିଯୋଗ ଅନୁଯାୟୀ ଥାନାଧିକାରୀ, ଏକ ମାମଲା ୯୪/ ୨୬.୧୦.୨୦୧୭ ରୁଜୁ କରି, ତଦନ୍ତ ସାରି ଅଭିଯୁକ୍ତଙ୍କୁ ଅଦାଲତରେ ହାଜର କରାଇଥିଲେ। ଆଜି ମାମଲାର ବିଚାର ଶେଷ କରି ଉପରୋକ୍ତ ରାୟ ବିଚାରପତି ଦେଇଛନ୍ତି ।

# ପ୍ରେସକ୍ଲବ ସଭାପତି ରମାକାନ୍ତ ସମ୍ବର୍ଦ୍ଧିତ



ବାସୁଦେବପୁର ,୧୫/୧୦ (ନି.ପ୍ର): ବାସୁଦେବପୁର ପ୍ରେସ କ୍ଲବ ସଭାପତି ରମାକାନ୍ତ ବାରିକ ଙ୍କୁ ଇତି ମଧ୍ୟରେ ଭୁବନେଶ୍ୱର ର ରେଲ ଅଡିଟୋରିଆମ ରେ ସମ୍ବାଦର ବାର୍ଷିକ ଉତ୍ସବ ରେ ସମ୍ବର୍ଦ୍ଧିତ କରାଯାଇଛି । ସମ୍ବାଦର ସମ୍ପାଦକ ସୌମ୍ୟ ରଞ୍ଜନ ପଟନାୟକ, ବରିଷ୍ଠ ସାମ୍ବାଦିକ ପୁଣ୍ୟ ପ୍ରସୂନ ବାଜପେୟୀ,ବିଶିଷ୍ଟ ସାହିତ୍ୟିକ ଗୌରହରି ଦାସ,ସମ୍ବାଦର ନିର୍ଦ୍ଦେଶୀକା ତନୟା ପଟ୍ଟନାୟକ, ମୋନିକା ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବାସୁଦେବପୁର ର ସମ୍ବାଦ ର ସାମ୍ବାଦିକ ଶ୍ରୀ ବାରିକଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ରଙ୍ଗରାଗ ର ସମ୍ପାଦକ କବି ପ୍ରଦୀପ୍ତ ମହାନ୍ତି, କବି ବିକାଶ ଶତପଥୀ, ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ଅଶୋକ ଦାସ, ବିଜେପି ନେତା ଉଦୟ ନାରାୟଣ ମଳିକ, ମହେଶ୍ୱର ଧଳ, ସୁବ୍ରତ ଧଳ, ତାଜୁ ଖାଁ, ବାସୁଦେବପୁରର ବିଭିନ୍ନ ଅନୁଷ୍ଠାନ, ରାଜନୈତିକ ବ୍ୟକ୍ତି, ସମାଜସେବୀ ଶ୍ରୀ ବାରିକ ଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

# ଆସାର ଜିଲ୍ଲାସ୍ତରୀୟ କର୍ମକର୍ତାଙ୍କ ତାଲିମ ଓ ସମୀକ୍ଷା ବୈଠକ ଅନୁଷ୍ଠିତ

ଭବାନୀପାଟଣା ,୧୫/୧୦ (ନି.ପ୍ର): ଆଜି କଳାହାଣ୍ଡି ଜିଲ୍ଲା ପ୍ଲାନିଙ୍ଗ କାର୍ଯ୍ୟାଳୟ କନଫରେନସ ହଲ ଠା ରେ ଜିଲ୍ଲା ସ୍ତରୀୟ ଆକସନ ଫର ସୋସିଆଲ ଆଡ଼ଭାନସମେଂଟ (ଆସା )ତରଫ ରୁ ତାଲିମ ଓ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଳାହାଣ୍ଡି, ବଲାଙ୍ଗୀର ଜିଲ୍ଲା ର କର୍ମକର୍ତା ମାନଙ୍କୁ ମଧ ବର୍ତୀ ଫସଲ, ଚାଷକୁ କିପରି ରାସାୟନିକ ପଦ୍ଧତିରେ ପ୍ରୟୋଗ ନକରି ଅର୍ଗାନିକ ପଦ୍ଧତିରେ ପ୍ରୟୋଗ କରି ଅଧିକରୁ ଅଧିକ ଚାଷ ଅମଳ କରାଯାଇପାରିବ, ସେ ଉପରେ ବିଭିନ୍ନ ଉଚ୍ଚ ପଦାଧିକାରୀ, ବିଶେଷଜ୍ଞ ମାନେ ବିଭିନ୍ନ ପଦ୍ଧତି କୁ ଆପଣାଇ ଚାଷ କରିବାକୁ ତାଲିମ ପ୍ରଦାନ କରିଥିଲେ। ଏହି ପଦ୍ଧତି କୁ ଗାଁ ଗାଁ ରେ କର୍ମକର୍ତା ମାନେ ଚାଷୀ ମାନଙ୍କୁ ପରାମର୍ଶ କରିବା ସହ ସଚେତନ କରିବାକୁ କରାମର୍ଶ କରିଥିଲେ, ଜିଲ୍ଲାର ଭବାନୀପାଟଣା ବ୍ଲକ ସହ ତିନି ଗୋଟି ବ୍ଲକ ରେ ବର୍ତ ମାନ ଚାଲୁ ଥିବା ବେଳେ ଆଗାମୀ ଦିନରେ ଜିଲ୍ଲା ବ୍ୟାପି କାର୍ଯ୍ୟକ୍ରମ କରିବାର ଲକ୍ଷ୍ୟ ଥିବା ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମକୁ ରମେଶ ପଟେଲ, ବରୁଣ ସିଂହ, ଟୁଟୁ ସେଠି, ଦେବାଶିଷ ବେହେରା, ଜ୍ଞାନରଞ୍ଜନ ମହାପାତ୍ର ସମେତ ଅନେକ ବିଶେଷଜ୍ଞ ପରିଚାଳନା କରିଥିଲେ। ଆଗାମୀ ଦିନରେ କେବଳ ଅର୍ଗାନିକ ପଦ୍ଧତି ଚାଷ କିପରି ରୋଗ ମୁକ୍ତ ଫସଲ ଉତ୍ପାଦନ କରିବେ ଚାଷୀ, ସେଥିପ୍ରତି ଗୁରୁତ୍ୱ ଦେବାକୁ ସମସ୍ତ କର୍ମକର୍ତ୍ତାଙ୍କୁ ପରାମର୍ଶ କରାଯାଇଥିଲା।

# ବେଆଇନ ଗୁଟଖା କାରଖାନା ଉପରେ ଚଢ଼ଉ : ୨ ଗିରଫ

ଗଞ୍ଜାମ ,୧୫/୧୦ (ନି.ପ୍ର): ବେଆଇନ ଗୁଟଖା କାରଖାନା ଉପରେ ଗୋଳନ୍ଥରା ପୋଲିସ ପକ୍ଷରୁ ଚଢ଼ଉ କରାଯାଇଛି। ଗତକାଲି ସଂନ୍ଧ୍ୟାରେ ହଳଦିଆପଦର ଓ ଅଟୋନଗର ଠାରେ ପୋଲିସ ପକ୍ଷରୁ ୧୦ କୋଟି ଟଙ୍କାର ଏହି ଗୁଟଖା କାରଖାନା ଠାବ କରାଯାଇଥିଲା । ଯାଂଚ୍ ପରେ ସେଠାରୁ ବିପୁଳ ପରିମାଣର ଗୁଟଖା ଏବଂ ଗୁଟଖା ତିଆରି ପାଇଁ ବ୍ୟବହୃତ ସାମଗ୍ରୀ ଆଦି ଜବତ ହୋଇଥିଲା । ଉଭୟ ସ୍ଥାନରୁ ୫୦୦ ବସ୍ତା ଗୁଟଖା, ଗୁଟଖା ପ୍ରସ୍ତୁତି ପାଇଁ ବ୍ୟବହୃତ କଂଚା ମାଲ୍ ଏବଂ ବିଭିନ୍ନ ପ୍ରକାରର ୪୦ଟି ମେସିନ ଜବତ ହୋଇଥିଲା । ଜବତ ସାମଗ୍ରୀର ମୂଲ୍ୟ ୧୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ବ୍ରହ୍ମପୁର ସଦର ଏସଡିପିଓ ଶିବଶଙ୍କର ମହାପାତ୍ର ସୂଚନା ଦେଇଛନ୍ତି । ଏ ସଂକ୍ରାନ୍ତରେ ଗୋଳନ୍ଥରା ଥାନା ପକ୍ଷରୁ ୩୭୧/୨୨ ରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଜାରୀ ରହିଛି । ଘଟଣାରେ ପୋଲିସ ୨ ଜଣଙ୍କୁ ଗିରଫ କରିଛି । ତେବେ ମାମଲାର ମୁଖ୍ୟ ଅଭିଯୁକ୍ତ ଫେରାର୍ ଥିବା ଜଣାପଡିଛି ।

# ଅସ୍ୱଚ୍ଛ ପୁରୀ ନିନ୍ଦା ଆମରି: ରେଡ଼କ୍ରସ ରୋଡ଼ରେ କୁଢ କୁଢ ଅଳିଆ

ପୁରୀ ,୧୫/୧୦ (ନି.ପ୍ର): ପୁରୀ ସହରକୁ ସ୍ୱଚ୍ଛ ନିର୍ମଳ କରିବା ପାଇଁ ରାଜ୍ୟ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । କିନ୍ତୁ ସହରର ପରିମଳ ବ୍ୟବସ୍ଥା ସୁଧୁରିନଥିବା ଦେଖିବାକୁ ମିଳୁଛି । ପୁରସ୍କାର ଫିକ୍ସିଂ ଯୋଜନା କରି ପୂର୍ବରୁ ସାହି ଗଳିକନ୍ଦି ସଫା କରିବା, ବାଲଟି ବାଂଟିବା, ଛିଣ୍ଡା କନା ନେବା ଓ ଦେବା , ପ୍ଲାଷ୍ଟିକ ବୋତଲ ବାହାରେ ନପକାଇବା , ଓଦା ଓ ଶୁଖିଲା ବର୍ଜବସ୍ତୁ ଅଲଗା କରି ବାଲଟିରେ ଦେବା ,ବର୍ଜ୍ୟବସ୍ତୁ ଟ୍ରିମେଂଟ ପ୍ଲାଂଟରେ ଦେବା ଆଦି ଅନେକ ଯୋଜନା ପୁରସ୍କାର ପାଇବା ପାଇଁ ହୋଇଥିଲା ବୋଲି ସହରରେ ଆଲୋଚନା ହେଉଛି । ବ୍ଲୁଫ୍ଲାଗ ବିଚରେ ପ୍ଲାଷ୍ଟିକ ଓ ଅଳିଆ ପଡୁନାହିଁ ଆଦି ଫଟୋ ଏବଂ ଭିଡ଼ିଓ ପ୍ରଚାର କରି ବିଚ୍‌କୁ ସଫା ରଖୁଛି ବୋଲି ଉପରିସ୍ଥ ସଂସ୍ଥାକୁ ସୂଚନା ଦେବା ଆଦି କାର୍ଯ୍ୟ କରାଯାଇଥିଲା । ଏପରିକି ଅସ୍ଥାୟୀ ଭାବେ କେତେକ କର୍ମଚାରୀଙ୍କୁ ଦିନ ମଜୁରୀ ହିସାବରେ ଦେୟ ଦେଇ କାର୍ଯ୍ୟ କରାଯାଇ ପୁରସ୍କାର ହାତେଇବା ପାଇଁ ପ୍ରାକ୍‌ପ୍ଲାନ କରାଯାଇଥିବା ଆଲୋଚନା ହେଉଛି । ଅତି ଚତୁରତା ଭାବେ ପୁରୀ ସହର ନିର୍ମଳ ବୋଲି ପ୍ରଚାର କରୁଥିବା ବେଳେ ପ୍ରକୃତପକ୍ଷରେ ସାହିଗଳି କନ୍ଦିରେ କୁଢ କୁଢ ଅଳିଆ ଗଦା ହୋଇଥିବା ଦେଖିବାକୁ ମିଳୁଛି । ଯାହାର ଜ୍ୱଳନ୍ତ ଉଦାହରଣ ରେଡ଼କ୍ରସ ରୋଡ଼ରେ ଅଳିଆ ଗଦାକୁ ଦେଖିଲେ ଜାଣିହେବ । ପ୍ରତିଦିନ ହଜାର ହଜାର ପର୍ଯ୍ୟଟକ, ତୀର୍ଥଯାତ୍ରୀ, ଷ୍ଟେସନରୁ ବଡ଼ଦାଣ୍ଡକୁ ଏହି ରେଡ଼କ୍ରସ ରୋଡ଼ ଦେଇ ଆସୁଥିବା ସମୟରେ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି । ଏ ସଂପର୍କରେ ସଚେତନ ନାଗରିକ ଦେବାଶିଷ ଦାସ ମୁଖ୍ୟମନ୍ତ୍ରୀ ,ମୋ ସରାକର ଫାଇଭ ଟି ସଚିବ, ଜିଲ୍ଲାପାଳ,ରାଜ୍ୟ ନଗର ଉନ୍ନୟନ ବିଭାଗ ଓ ପୌରସଂସ୍ଥାକୁ ଜଣାଇଥିଲେ ମଧ କୌଣସି ଆଖି ଦୃଷ୍ଟିଆ ସଫେଇ ହୋଇପାରୁ ନାହିଁ ବୋଲି ଅଭିଯୋଗ କରିଛନ୍ତି । ଖାଲି ରେଡ଼କ୍ରସ ରୋଡ଼ ନୁହେଁ ସହରର ଅନେକ ସାହି ଓ ଛକ ମାନଙ୍କରେ ଅଳିଆ ଗଦା ହେଉଥିବା ଦେଖିବାକୁ ମିଳୁଛି । ସ୍ୱଚ୍ଛ ଭାରତ ଅଭିଯାନରେ ସାରା ଦେଶରେ ୫୬ ତମ ସହର ଭାବେ ପୁରୀ ସହର ଯୋଗ୍ୟ ବିବେଚିତ ହୋଇଛି । ପ୍ରାୟ ୪କୋଟି ଟଙ୍କା ପୌରସଂସ୍ଥାକୁ ପୁରସ୍କାର ଆକାରରେ ମିଳିବା ପାଇଁ ଯୋଜନା ଥିବାବେଳେ ଏହି ଅର୍ଥ କଣ ହେବ,କେମିତି ଖର୍ଚ୍ଚ ହେବ ତାହାର ସବିଶେଷ ତଥ୍ୟ ଜନସାଧାରଣଙ୍କୁ ଜଣାଇବା ପାଇଁ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି । ସହରରେ ସକାଳୁ ସକାଳୁ ସ୍ୱଚ୍ଛ ପୁରୀ ଗର୍ବ ଆମରି ଅଳିଆ ଗାଡ଼ିରେ ବାଜୁଥିବା ବେଳେ ଅନେକ ବୃଦ୍ଧବୃଦ୍ଧା ଓ ରୋଗୀମାନେ ଏହି ଉଚ୍ଚସ୍ୱର ଗୀତ ଶୁଣି ବିରକ୍ତି ପ୍ରକାଶ କରୁଥିବା ସହ ନିଦ ଭାଙ୍ଗି ଯାଉଥିବାରୁ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ମଙ୍ଗଳାଘାଟ ଛକ,ବାସେଳି ସାହି,ମାର୍କଣ୍ଡେଶ୍ୱର ସାହି,ସ୍ୱର୍ଗଦ୍ୱାର ଅଞ୍ଚଳ,ବାଲିସାହି , ଦୋଳମଣ୍ଡପ ସାହି,ହାଡ଼ଗଡ଼ିଆ ସାହି,ଚୁଡ଼ଙ୍ଗ ସାହି,ଯମୁନା ଲେନ,ମାର୍କଣ୍ଡ ପୁଷ୍କରଣୀ ଚାରିପଟ, ଚର୍ଚ୍ଚଗଳି, ଦତତୋଟା, ହେରାଗୋହିରି ସାହି ଅଞ୍ଚଳ ସମେତ ସହରର ବିଭିନ୍ନ ସାହିରେ ଅଳିଆଗଦା ପଡ଼ି ରହୁଥିବାରୁ ଜନ ଅସନ୍ତୋଷ ବୃଦ୍ଧି ପାଉଛି । ଶହ ଶହ ସ୍ୱଚ୍ଛ ସାଥୀ,ସ୍ୱଚ୍ଛ ସୁପରଭାଇଜର ବୁଲୁଥିବା ବେଳେ ତାଙ୍କ ନଜରକୁ ଅଳିଆ ଗଦା ଅଞ୍ଚଳ ଦେଖା ଯାଉନଥିବା ଲୋକେ ଅଭିଯୋଗ କରୁଛନ୍ତି।

# ଭୁବନ ବିଜେଡି ତରଫରୁ ବିଭିନ୍ନ ୱାର୍ଡରେ ଜନ ସଂପର୍କ ପଦଯାତ୍ରା

ଭୁବନ ,୧୫/୧୦ (ନି.ପ୍ର): ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ତଥା ଲୋକାଭିମୁଖୀ କାର୍ଯ୍ୟକ୍ରମ ଓ ଯୋଜନାକୁ ପ୍ରତି ଘରେ ଘରେ ପହଂଚାଇବା ଉଦ୍ଦେଶ୍ୟରେ ଅକ୍ଟୋବର ୨ରୁ ନଭେମ୍ବର ୨ ପର୍ଯ୍ୟନ୍ତ ଜନସଂପର୍କ ପଦଯାତ୍ରା କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆହ୍ୱାନ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ ଓ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କ ପରାମର୍ଶ କ୍ରମେ ଭୁବନ ନଗରପାଳ ଶୁଭେନ୍ଦୁ କୁମାର ସାହୁଙ୍କ ନେତୃତ୍ୱରେ ଗତ ବୁଧବାର ଦିନ ୧ ନମ୍ବର ୱାର୍ଡରେ ଜନ ସଂପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଥିବାବେଳେ ଆଜି ୱାର୍ଡ ନମ୍ବର ୭, ୧୪ ଓ ୧୫ ତିନୋଟି ୱାର୍ଡରେ ଜନସଂପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ୧ ନମ୍ବର ୱାର୍ଡ କାଉନସିଲର ଗିରିଧାରୀ ସାହୁ, ୭ ନମ୍ବର ୱାର୍ଡ କାଉନସିଲର ନରେନ୍ଦ୍ର ବେହେରା, ୧୪ ନମ୍ବର ୱାର୍ଡ କାଉନସିଲର କଳ୍ପନା ବେହେରା ଓ ୧୫ ନମ୍ବର ୱାର୍ଡ କାଉନସିଲର ରୀନା ନାୟକଙ୍କ ସମେତ ଜିଲ୍ଲା ସଂପାଦକ ଅଜୟ କୁମାର ସେଠୀ, ଜିଲ୍ଲା ଯୁବ ବିଜେଡି ଯୁଗ୍ମ ସଂପାଦକ ବିଶ୍ୱଜିତ ବାରିକ, କାମାକ୍ଷାନଗର ନିର୍ବାଚନ ମଣ୍ଡଳୀ ଛାତ୍ର ବିଜେଡି ସଭାପତି ବିନୋଦ ବେହେରା, ରାକେଶ ପୃଷ୍ଟି, ଦିବାକର ବେହେରା, ଜୟଗୁରୁ ପାତ୍ର, ଦେବେନ୍ଦ୍ର ସାହୁ, ଅଚ୍ୟୁତ ମଲିକ, ଶ୍ରୀକାନ୍ତ ସାହୁ, ସୁଶାନ୍ତ କୁମାର ବେହେରା, ସନ୍ତୋଷ ବେହେରା(ମୁଣ୍ଡୁ) ଗୌରାଙ୍ଗ ବେହେରା, ଶିବରାମ ବେହେରା, ସତ୍ୟାନନ୍ଦ ପୃଷ୍ଟି, ଝରଣା ପୋଥାଳ, ସୁଷମା ସାହୁ, ଜଲି ସାହୁ, ଲିଲି ସାହୁ, ସତ୍ୟଭାମା ନାୟକ, ଚାରୁଲତା ମହାନ୍ତି, ମାତାଜୀ ବେହେରା, ମାନି ସାହୁ ପ୍ରମୁଖ ଶତାଧିକ ମହିଳା ଓ ପୁରୁଷ କର୍ମୀ ଗୋଡି ପୋଖରୀ ଛକ ନିକଟରୁ ଜନସଂପର୍କ ପଦଯାତ୍ରାରେ ବାହାରି ୭, ୧୪ ଓ ୧୫ ନମ୍ବର ୱାର୍ଡ ପରିକ୍ରମା କରି ଏହି ୱାର୍ଡମାନଙ୍କରେ ନିର୍ମାଣ ଶେଷ ହୋଇଥିବା ଓ ଆଗକୁ ହେବାକୁ ଥିବା ବିଭିନ୍ନ ଜନହିତକର କାର୍ଯ୍ୟ ସଂପର୍କରେ ଲୋକଙ୍କୁ ଅବଗତ କରାଇଥିଲେ ।


ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୧୬ ଅକ୍ଟୋବର, ୨୦୨୨
email :
rabibarachayan2015@gmail.com

ରବିବାର ଚୟନ
ପୃଷ୍ଠା ୩
......ସୁଚୟନ ସୁଚୟନ ସୁଚୟନ.......
କଥା, କବିତା, ସୃଜନର ସୁରମ୍ୟ ସମ୍ଭାର

# ଧାରାବାହିକ : ଜୀବନାନୁଭୂତି

**ଭାଗ - ୯୪**

# ମୋର ପୂର୍ବ ସ୍ମୃତି କଥା



ବାଲେଶ୍ୱରରେ ପ୍ରଥମଥର ୧୯୧୫ ମସିହାରେ ତୃତୀୟଶ୍ରେଣୀ ମାଜିଷ୍ଟ୍ରେଟ ଓ ଦ୍ୱିତୀୟଥର ୧୯୩୧ ମସିହାରେ ଡେପୁଟି ମାଜିଷ୍ଟ୍ରେଟ ପଦରେ ଅବସ୍ଥାପିତ ହୋଇଥିବା ଭାରତଚନ୍ଦ୍ର ନାୟକଙ୍କ ରଚିତ 'ପୂର୍ବ ସ୍ମୃତିକଥା' ୧୯୬୬ରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇ ତା' ପରବର୍ଷ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହେବା ମନନଶୀଳ ପାଠକଙ୍କ ପାଇଁ ଆଣିଦେଇଥିଲା ଗୋଟେ ପ୍ରକାର ଆଶ୍ୱସ୍ତି । ଏହି ପୁସ୍ତକରେ ଅଛି ରାଜା ରାଜୁଡା ସମୟର ଇତିହାସ, ଅଛି ସାମାଜିକ ଚେତନା, ଅଛି ମଧ ଉଚ୍ଚାଙ୍ଗ ସାହିତ୍ୟ । ଆଜି ବି ଆମ ସମାଜରେ ନାରୀ ନିର୍ଯାତନାର ଚିତ୍ର ସର୍ବତ୍ର ଦେଖିବାକୁ ମିଳୁଥିବା ବେଳେ ସେ ସମୟରେ ନାରୀମାନଙ୍କ ପାଇଁ ସେ ଦେଖିଥିବା ସ୍ୱପ୍ନ, ସମ୍ବେଦନଶୀଳ ମନୋଭାବ, ନାରୀଶିକ୍ଷା ପ୍ରତି ତାଙ୍କର ପ୍ରେରଣା ତାଙ୍କୁ ସ୍ମରଣୀୟ କରି ରଖିଛି । ଶ୍ରୀଯୁକ୍ତ ନାୟକଙ୍କର 'ମୋର ପୂର୍ବ ସ୍ମୃତିକଥା' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

(ପୂର୍ବ ପ୍ରକାଶିତ ଉତ୍ତାରୁ...)

ଏକା ବସିଥାନ୍ତି, ମୋତେ ଦେଖି ହସି ହସି କହିଲେ, 'ଆଉ ଘଣ୍ଟା କେତେ ମାତ୍ର।' ମୁହଁ ପ୍ରସନ୍ନତୀଭରା ଚିନ୍ତା ବା ଉଦ୍‌ବେଗର ଚିହ୍ନ ମାତ୍ର ନାହିଁ । ମୋର ସମୁଦି (ଝିଅର ଶ୍ୱଶୁର) ଶ୍ରୀଯୁକ୍ତ ଶ୍ୟାମଚରଣ ପାଢ଼ୀଙ୍କ ନାତୁଣୀର ବିବାହ ଉପଲକ୍ଷେ ତାଙ୍କ ଘରେ ଭୋଜି ହେଉଥିଲା । ସ୍ଥାନୀୟ ଅନେକ ଭଦ୍ରବ୍ୟକ୍ତି ଓ ହାକିମ ନିମନ୍ତ୍ରିତ ହୋଇ ଆସିଥିଲେ । ବୋଧରାମ ବାବୁଙ୍କୁ ନିମନ୍ତ୍ରଣ କରି ଆଣିବା ଭାର ମୋ ଉପରେ ନ୍ୟସ୍ତଥିଲା । ବୋଧରାମ ବାବୁଙ୍କଠାକୁ ଗଲି । ସେ ମୋତେ କହିଲେ, "ମୁଁ ଯାଇପାରିବି ନାହିଁ; କାରାଗାରକୁ ଯିବା ପୂର୍ବେ ମୋର ଶେଷ ଭୋଜନ ମୋର ବୃଦ୍ଧାମାତା ଓ ଭାଇମାନଙ୍କ ସଙ୍ଗେ କରିବା ମୋର ଇଚ୍ଛା । ଆପଣ ଶ୍ୟାମଚରଣ ବାବୁଙ୍କୁ କହିଦେବେ, ଯେପରି ମୋର ଅନୁପସ୍ଥିତ ଯୋଗୁଁ ସେ ଦୁଃଖିତ ନ ହୁଅନ୍ତି । ମୁଁ କହିଲି 'ଚାଲନ୍ତୁ, ଆପଣ କେବଳ ଦେଖା ଦେଇ ଆସିବେ । ଆମ୍ଭେମାନେ ସମସ୍ତେ ଆପଣଙ୍କ ସହିତ ମିଳନର ସୌଭାଗ୍ୟ ଲାଭକରିବୁ।'ବୋଧରାମ ବାବୁ ସମ୍ମତ ହେଲେ । ମୁଁ ଯାଇ ଶ୍ୟାମଚରଣ ବାବୁଙ୍କୁ ଡାକିଆଣିଲି। ନିକଟରେ ତାଙ୍କ ଘରନ୍ତ ସେ ଓ ମୁଁ ତାଙ୍କୁ ନେଇଗଲ।'

ବୋଧରାମ ବାବୁ ତାଙ୍କ ସ୍ୱାଭାବିକ ସରଳତା ଓ ଉଚ୍ଚ ହାସ୍ୟ ସହକାରେ ସମବେତ ଭଦବ୍ୟକ୍ତିଙ୍କ ସହିତ ଆଳାପ କରିବାକୁ ଲାଗିଲେ । ତାଙ୍କ ଆଡ଼କୁ ଉପସ୍ଥିତ କେତେକ ହାକିମଙ୍କ ଅଙ୍ଗୁଳି ସଙ୍କେତ ମଧ୍ୟରେ ମଧ୍ୟରେ ଦେଖାଯାଉଥାଏ । କେହି କେହି ତାଙ୍କ ପାଖରୁ ଉଠିଗଲେ ଓ କେହି କେହି ଆହୁରି ପାଖୁ ଆସି ତାଙ୍କ ସହିତ କଥୋପକଥନରେ ଯୋଗଦେଲେ । ପୋଲିସ ଡେପୁଟି ସୁପରିଂଟେଣ୍ଡେଂଟ୍ ଶ୍ରୀ ଅନୀଲ କୁମାର ଚାଟର୍ଜ କହିଲେ, 'କାଲିକାର ଅପ୍ରୀତିକର କାର୍ଯ୍ୟଟି ମୋ ଉପରେ ନ୍ୟସ୍ତ ଅଛି ।' ବୋଧରାମ ବାବୁ କହିଲେ, 'ମୋତେ ଗ୍ରେସ୍ତାର କରିବା କାର୍ଯ୍ୟଟି ନା ଅପ୍ରୀତିକର ଆଉ କ'ଣ ? ଆପଣଙ୍କ କର୍ତ୍ତବ୍ୟ ପାଳନ କରିବେ । ତାହା ତ ଅତି ସୁନ୍ଦର କଥା ।' ପ୍ରାୟ ଘଣ୍ଟାଏ କାଳ ରହି ଓ ସମସ୍ତଙ୍କ ସଙ୍ଗେ ମିଶି ବୋଧରାମବାବୁ ନିଜ ଘରକୁ ଚାଲିଆସିଲେ। ମୁଁ ଘର ପର୍ଯ୍ୟନ୍ତ ତାଙ୍କୁ ଛାଡ଼ିଦେଇ ଆସିଲି।

ଡିସେମ୍ବର ତା ୩ ରିଖ, ଶୀତଦିନର ମେଘୁଆ ସକାଳ । ବଡ଼ି ସକାଳୁ ଶଙ୍ଖ ବାଜିଉଠିଲା । କୁଳବଧୂମାନେ ନିଜ ନିଜ ଘରଦାଣ୍ଡମାନ ଲିପି ପୋଛି ପରିଷ୍କାର କରିବାରେ ଲାଗିଗଲେ। ନଦୀରୁ ଗାଧୋଇ ଆସି ଘର ଆଗରେ ପୂର୍ଣ୍ଣ କଳସ ସ୍ଥାପନକରି ମୁରୁଜ ଲେଖି, ଦୀପ ବସାଇ ଦେଇଗଲେ । ତତ୍ପରେ ସେମାନଙ୍କ ହୁଳହୁଳି ଧ୍ୱନିରେ ଚତୁର୍ଦ୍ଦିଗ ମୁଖରିତ ହୋଇଉଠିଲା । ଜଣ ଜଣ ହୋଇ ସଡ଼କରେ ଲୋକ ସମାଗମ ବୃଦ୍ଧି ହେବାକୁ ଲାଗିଲା । ସମସ୍ତେ ବୋଧରାମ ବାବୁଙ୍କ ଦର୍ଶନ ସକାଶେ ଉତ୍କଣ୍ଠିତ ହୋଇ ରହିଅଛନ୍ତି । କେତେଲୋକଙ୍କ ମୁଖରୁ କେତେକଥା ଶୁଣାଯାଉଅଛି । ଅନେକେ କହୁଛନ୍ତି, ଯାହା ହେଉ, ସମ୍ବଲପୁରର ସୁପୁତ୍ର । ତନ୍ମଧ୍ୟରେ ମୁଷ୍ଟିମେୟ ଲୋକ କହୁଅଛନ୍ତି, 'ଏ କ'ଣ କଲେ ? କଂଗ୍ରେସ ପଛା ଛାଡ଼ି ଦିଅନ୍ତେ ସିନା । ପିଲାଙ୍କୁ ଛାଡ଼ି, ଓକିଲାତି ଛାଡ଼ି ଜେଲ୍ ଯିବା କ'ଣ ସୁବୁଦ୍ଧିର କଥା ? କେତେକ ମହକିଲ କହୁଛନ୍ତି, 'ମୋ ମୋକଦ୍ଦମା କ'ଣ ହେବ? ସେମାନଙ୍କ ମଧ୍ୟରୁ ପୁଣି କେତେକ କହୁଛନ୍ତି, 'ଆରେ ଭାଇ, ମୋକଦ୍ଦମା ଆଉ କୌଣସି ଓକିଲଙ୍କୁ ଦେବା । ଏହି ମଙ୍ଗଳକର କାର୍ଯ୍ୟରେ ତାଙ୍କୁ ବାଧା ଦେବା କୌଣସିମତେ ଉଚିତ ନୁହେଁ ।

ନଅଟା ବାଜିବାକୁ ପନ୍ଦର ମିନିଟ୍ ବାକୀ। ବୋଧରାମ ବାବୁଙ୍କ ସଦର - ଦ୍ୱାର ଉନ୍ମୋଚିତ ହେଲା । ତାଙ୍କ ସହଧର୍ମିଣୀ ଶ୍ରୀମତୀ ରୁକ୍ମିଣୀ ଦେବୀ ଦ୍ୱାରଦେଶରେ ପୂର୍ଣ୍ଣକଳସ ଓ ପ୍ରଦୀପ ସ୍ଥାପନ କରିଦେଲେ । ପ୍ରତିବେଶିନୀ ରମଣୀମାନେ ତାଙ୍କ ପଛକୁ ଲାଗିଗଲେ । ହୁଳହୁଳି ପଡ଼ିଗଲା। ଝିଅ ସରୋଜିନୀ ଆସି ପାଖରେ ଛିଡ଼ାହେଲା । ବୃଦ୍ଧାମାତା ଆସି ପୁତ୍ରର ଲଲାଟରେ ଚନ୍ଦନରେଖା ଅଙ୍କନ କରିଦେଲେନ୍ତ ଗଳାରେ ଫୁଲମାଳା ଲମ୍ବାଇଦେଲେ ଏବଂ ଚିବୁକ ସ୍ପର୍ଶକରି ଚୁମ୍ବନ କଲେ । ଆଉ ଏକ ବୃଦ୍ଧ ମଧ ଆସି ତଦନୁରୂପ କରିଦେଲେ। ସରୋଜିନୀ ଫୁଲମାଳ ପିତାଙ୍କ ଗଳାରେ ଲମ୍ବାଇଦେଲା । ତାହା ପଛକୁ ରାମଧୀନ, କୈଳାସ ଆଦି ଭାଇମାନଙ୍କ ହସ୍ତରୁ ଫୁଲମାଳମାନ ଲମ୍ବିତ ହେଲା ।

ମୋଟର ଗାଡ଼ିର ମେଘନାଦ ଶୁଭିଲା, ଗୋଟିଏ, ତା ପଛକୁ ଆଉ ଗୋଟିଏ, ଆଉ ଗୋଟିଏ ଆସି ସଡ଼କରେ ଛିଡ଼ାହେଲା । ଗୋଟିକରେ ସ୍ଥାନୀୟ ସବ୍‌ଡ଼ିଭିଜନାଲ ଅଫିସର ଓ ଅପରଟିରେ ଜଣେ ପୋଲିସ୍ ସବ୍‌ଇନ୍ସପେକ୍ଟର ଓ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ। ସମସ୍ତେ ଜନତା ମଧ୍ୟରେ ପ୍ରବେଶ କଲେ। ଲୋକଭିଡ଼ରେ ସଡ଼କରେ ତିଳ ଧାରଣର ସ୍ଥଳ ନ ଥିଲା।

ଜନତା ମଧ୍ୟରେ ଦଣ୍ଡାୟମାନ ହୋଇ ବୋଧରାମ ବାବୁ ପ୍ରଥମରେ ଇଂରେଜୀରେ ପରେ ଓଡ଼ିଆରେ ଲେଖା ଖଣ୍ଡିଏ ଧରି ପାଠକଲେ – ମହାମାଙ୍କ ଅନୁମୋଦିତ ସେହି ଗୋଟିକ ବାକ୍ୟ । ଓଡ଼ିଆରେ ବାକ୍ୟ ପାଠ ଶେଷ ନ ହେଉଣୁ ସଡ଼ିଭିଜନାଲ ଅଫିସର ପୋଲିସ ସଇସପେକ୍ଟରଙ୍କୁ କହିଲେ, 'ଯାଅ ମ, ତାଙ୍କୁ ଗ୍ରେସ୍ତାର କର। ସବ୍‌ଇନ୍ସପେକର କହିଲେ, ଆପଣ ତ ହାକିମ ଅଛନ୍ତି । ସେହି କାମ ଆପଣଙ୍କର। ସବ୍‌ଇନ୍ସପେକ୍ଟର ନିମେଷ ଲୋଚନରେ ବୋଧରାମ ବାବୁଙ୍କ ମୁଖକୁ ଅନାଇ ରହିଲେ । ହାକିମ ପୁଣି କହିଲେ, ଏଁ, ଏ କଣ କହି ଯାଉଥିବେ ? ଥରେ କହିଲେ, ଦୁଇଥର କହିଲେଣି, ଯାଅ, ତାଙ୍କୁ 'ଗ୍ରେସ୍ତାର କର ।' ସବ୍‌ଇନ୍ସପେକ୍ଟରଙ୍କ ନେତ୍ର ସ୍ଥିର, ମୁଖ ଗମ୍ଭୀର, ସେ ନିର୍ବାକ ହୋଇ ପୁତ୍ତଳିକାବତ୍ ଦଣ୍ଡାୟମାନ; ଅଦୂରରେ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଶ୍ରୀ ଅନିଲକୁମାର ଚାଟାର୍ଜ ତଦ୍ରୁପ । ମୁଁ ତାଙ୍କ ଚକ୍ଷୁକୋଣରେ ଲକ୍ଷ୍ୟକଲି ଅଲକ୍ଷ୍ୟନିଃସୃତ ଅଶ୍ରୁବିନ୍ଦୁ

ବୋଧରାମ ବାବୁ ସମବେତ ଜନମଣ୍ଡଳୀଙ୍କୁ ଖଦଡ଼ ପରିଧାନ, ଗ୍ରାମ ସଂଗଠନ, ଅହିଂସା ବ୍ରତ ଓ ମହାତ୍ମା ଗାନ୍ଧୀଙ୍କ ନିର୍ଦ୍ଦେଶ ପାଳନ ବିଷୟରେ ଉପଦେଶ ଦେବାକୁ ଲାଗିଲେ। ସବ୍‌ଡ଼ିଭିଜନାଲ ଅଫିସର ଆଉ ସମ୍ଭାଳି ନ ପାରିବା ଭଳି ଧୀରେ ଧୀରେ ତାଙ୍କ ଆଡ଼କୁ ଅଗ୍ରସର ହୋଇ କହିଲେ, ଦୁବେ ମହାଶୟ ! ଆପଣ ବର୍ତ୍ତମାନ ମୋ ହାତରେ ବନ୍ଦୀ । ମୋ ପଛେ ପଛେ ଆସନ୍ତୁ ।' ବୋଧରାମ ବାବୁ ହସ ହସ ମୁଖରେ ତାଙ୍କ ଅନୁସରଣ କଲେ । ସଙ୍ଗେ ସଙ୍ଗେ ନିରବଚ୍ଛିନ୍ନ ଧ୍ୱନି ହେଲା, 'ଜୟ, ବୋରାମ ବାବୁଙ୍କ ଜୟ, ମହାତ୍ମା ଗାନ୍ଧୀଙ୍କ ଜୟ, ଭାରତମାତାଙ୍କ ଜୟ।' ମୋଟର ଗର୍ଜନ କରି ତାଙ୍କୁ ଘେନି ଚାଲିଗଲା ।

ତାଙ୍କୁ ନେଇ ଜେଲରେ ରଖାହେଲା । ସେହି ଦିନ ଜିଲ୍ଲା ହାକିମ ଅଜଫର୍ ସାହେବ ତାଙ୍କ ବିଚାର କରି ନିଅମାସ ଅଶ୍ରମ କାରାଦଣ୍ଡାଦେଶ ଜ୍ଞାପନ କଲେ। ସମ୍ବାଦପତ୍ରରେ ଦେଖାଗଲା ଭାରତବର୍ଷର ସର୍ବତ୍ର ଏହି ଲୀଳା । ସେହିଦିନ ବ୍ୟବସ୍ଥାପକ ସଭାରେ ସଦସ୍ୟ ଶ୍ରୀ ଫକୀର ବେହେରା ଗ୍ରେସ୍ତାର ହେଲେ ଓ ତାଙ୍କ ପ୍ରତି ଛଅମାସ ସଶ୍ରମ କାରାଦଣ୍ଡ ବିଧାନ ହେଲା । ପରଦିନ ଅପରସଦସ୍ୟ ଶ୍ରୀ ପ୍ରହ୍ଲାଦ ରାୟ ଲାଠୁ ଗ୍ରେସ୍ତାର ହେଲେ ଓ ଆଠ ମାସ ଅଶ୍ରମ କାରାଦଣ୍ଡରେ ଦଣ୍ଡିତ ହେଲେ।

ଯୁଦ୍ଧ ଚାଲିଥିବା ସମୟରେ ସରକାରୀ କର୍ମଚାରୀଙ୍କ ମତିଗତି ବିଷୟ ଉଲ୍ଲେଖଯୋଗ୍ୟ । ମୁଁ ସେତେବେଳେ ସମ୍ବଲପୁରରେ ଚାକିରିରେ । ପ୍ରତ୍ୟେକ ଜିଲ୍ଲା ତୁଲ୍ୟ ସମ୍ବଲପୁରରେ ସୁଦ୍ଧା ଯୁଦ୍ଧ କମିଟି ଗଠିତ ହୋଇଥିଲା । ତହିଁର ସଭ୍ୟମାନଙ୍କ ମଧ୍ୟରୁ କେତେକ ସରକାରୀ ଓ କେତେକ ବେସରକାରୀ । କଂଗ୍ରେସ ଶାସନଭାର ତ୍ୟାଗ କରିଅଛି, ଓଡ଼ିଶା ଲାଟ ଶାସଭାର ଗ୍ରହଣ କରିଛନ୍ତି । ତାଙ୍କ ତଳେ ଜଣେ ପରାମର୍ଶଦାତା (ଇୟଙ୍ଗସହ୍ୱକ୍କ୍ୱ) ନିଯୁକ୍ତ ହୋଇଛନ୍ତି । ତା.୮.୪.୪୧ ଦିନ ଓଡ଼ିଶାର ପରାମର୍ଶଦାତା (ର. ଉ. ଇଭହ୍ୱକ୍କ୍ୱଶର) ଏସଜି ସାହେବ ସମ୍ବଲପୁର ଜିଲ୍ଲାର ଯୁଦ୍ଧ କମିଟିର ବୈଠକରେ ଉପସ୍ଥିତ ଥିଲେ ଏବଂ ଏହି ଜିଲ୍ଲାରେ ଯୁଦ୍ଧ ସମ୍ବନ୍ଧରେ କି କି କାର୍ଯ୍ୟ କରାହୋଇଅଛି ତହିଁର ଆଲୋଚନା କରିଥିଲେ । (କ୍ରମଶଃ)

# ପର୍ଦ୍ଦା ପଛର କଥା



ଓଡ଼ିଆ ଚଳଚ୍ଚିତ୍ରର ଗୀତିକାର, ସଂଳାପକାର, କାହାଣୀ ଓ ପଟ୍ଟକଥା ଲେଖକ ଭାବରେ ଡ. ରଜନୀରଂଜନଙ୍କ ସର୍ବକାଳୀନ ରେକର୍ଡ। ପ୍ରାୟ ୯୦ଟିରୁ ଉର୍ଦ୍ଧ୍ୱ ଚଳଚ୍ଚିତ୍ରରେ ତାଙ୍କର ସଂପୃକ୍ତି। ଦୁଇ ଦୁଇଥର ରାଜ୍ୟ ସରକାରଙ୍କ ଦ୍ୱାରା ପୁରସ୍କୃତ। ଓଡ଼ିଆ ଚଳଚ୍ଚିତ୍ରର ବିକାଶର ଧାରାରେ ଘଟଣା, ଦୁର୍ଘଟଣା, ଅଭିଜ୍ଞତାର ତିକ୍ତ ମଧୁର ଅନୁଭୂତିକୁ ପ୍ରକାଶ ପାଇଁ ଧ୍ୱନି ପ୍ରତିଧ୍ୱନିର ଏ ପ୍ରୟାସ।

ଭାଗ- ୭୦

## ॥ ଯୋଗୀ ଓ ଫୋର ଇଡଇଅଟ୍‌ସ ॥

ଯୋଗୀ ଓ ଫୋର ଇଡିଅଟ୍‌ସର ଶୀର୍ଷକକୁ ନେଇ ଏକ ସୁନ୍ଦର ଗଳ୍ପର ଶୀର୍ଷକ ଚୟନ କରାଯାଇ ପାରିବ । ତେବେ 'ଯୋଗୀ' ଏବଂ 'ଫୋର ଇଡିଅଟ୍‌ସ' ୨୦୧୮ ମସିହାରେ ମୁକ୍ତିଲାଭ କରିଥିବା ଦୁଇଟି ଚଳଚ୍ଚିତ୍ର । 'ଯୋଗୀ' ମୁକ୍ତିଲାଭ କରିଥିଲା ୨୦୧୮ ମସିହା ଏପ୍ରିଲ ୨୦ ତାରିଖରେ । 'ଫୋର ଇଡଅଟ୍‌ସ' ମୁକ୍ତିଲାଭ କରିଥିଲା ଅଠର ମସିହା ଜୁନ୍ ତେର ତାରିଖରେ । ଏତିକି କହିରଖେ ଯେ ଦୀର୍ଘଦିନ ପରେ ମୁଁ ପୁଣି ଏକ କଲେଜର ଅଧ୍ୟକ୍ଷ ଦାୟିତ୍ୱରେ ଥାଏ । ଜଞ୍ଜାଳ ବଢ଼ି ଚାଲିଥାଏ ଓ ଚଳଚ୍ଚିତ୍ର ସହ ସଂପୃକ୍ତି କମି ଆସିଥାଏ । ତଥାପି କଲେଜକୁ ପ୍ରଯୋଜକ, ନିର୍ଦ୍ଦେଶକ କଳାକାର ମାନେ ନିୟମିତ ଯାଆଆସ କରୁଥାନ୍ତି । କିନ୍ତୁ ମୁଁ ଫୁଲ୍‌ଟାଇମ୍ ସ୍କ୍ରିପ୍ଟିଂ ପାଇଁ ଦେଇ ପାରୁନଥାଏ ।

ପ୍ରଯୋଜକ ଶ୍ରୀଧରମାର୍ଥା ମୋର ସିଧାସଳଖ ଷ୍ଟୁଡେଂଟ୍ । ବାଲକାଟି କଲେଜରେ ଅଧ୍ୟାପନା କରୁଥିଲା ବେଳେ ସେ ମୋ ଷ୍ଟୁଡେଂଟ୍ ଥିଲା, ବେଳେବେଳେ ଗୋଟାଏ ପୁରୁଣା କାର୍ ଧରି ଆସୁଥିଲା । ସେତେବେଳେ ଅବଶ୍ୟ ମୋର ତା' ସହିତ ବିଶେଷ ସଂପର୍କ ନଥିଲା । ପରେ ଶୁଣିଲି ଶ୍ରୀଧର 'କଥାଦେଲି ତୋ ମଥା ଛୁଇଁ' ଚଳଚ୍ଚିତ୍ର ନିର୍ମାଣ କରିଛି । ଖୁସି ଲାଗିଲା ଯେତିକି ଅଭିମାନ ବି ଆସିଲା । ତା' ସାର୍ (ମାନେ ମୁଁ) ଜଣେ ନାମକରା ଲେଖକ ମତେ ଅନ୍ତତଃ ଥରେ ପଚାରି ପାରିଥାନ୍ତା । ସବୁ ଶିକ୍ଷକଙ୍କର ଏଇ ଗୋଟାଏ ଦୁର୍ବଳତା, ନିଜ ଛାତ୍ର ଉପରେ ଅଖଣ୍ଡ ଅଧିକାର ସାବ୍ୟସ୍ତ କରି ବସିବେ ।

ତେବେ ସେ ଯାହା ହେଉ ଚଳଚ୍ଚିତ୍ରଟିକୁ ଏକାମ୍ରହାଟରେ ଅନ୍ୟ ପ୍ରଯୋଜକ ବଂଧୁ ତଥା ସାମ୍ବାଦିକଙ୍କ ସହ ଏଲ୍‌ଇଡି ସ୍କ୍ରିନ୍ ଲଗାଇ ଶ୍ରୀଧର ଆମକୁ ଦେଖାଇଲା । ଚଳଚ୍ଚିତ୍ରଟି ମନ୍ଦ ହୋଇନଥିଲା । ଫାଇଟ୍ ଡାଇରେକ୍ଟର ଦେବେନ୍ଦ୍ର ପରିଡ଼ା ନିର୍ଦ୍ଦେଶକ ଭାବରେ ଡେବ୍ୟୁ କରିଥିଲେ ।

ଏହା ମଧ୍ୟରେ ଶ୍ରୀଧର ଆଉ ଗୋଟିଏ ଚଳଚ୍ଚିତ୍ରର ପରିକଳ୍ପନା ଆରମ୍ଭ କରିଦେଲା । 'ଯୋଗୀ' ଚମତ୍କାର ଶୀର୍ଷକ । ଶ୍ରୀଧର ଭାରି ଜିଦ୍‌ଖୋର । ତାକୁ ବୁଝାଇବା ବଡ଼ କଷ୍ଟକର । ସବୁବେଳେ ତା ମର୍ଜିର ମାଲିକ । 'ଯୋଗୀ'ର କାହାଣୀ ତା ପତ୍ନୀ ଛବି ଲେଖିଥିଲା । କନସେପ୍ଟ ବହୁତ ବଢ଼ିଆ । ମତେ କହିଲା, ଆପଣ ମୋର ସ୍କ୍ରିପ୍ଟ ଲେଖିବେ । ମୁଁ ଗୁରୁ ଋଣ ଶୁଝିବି । ମୋର ଅରାଜି ହେବାର କୌଣସି କାରଣ ନଥିଲା । ନିର୍ଦ୍ଦେଶକ ଭାବରେ ନବାଗତ ନିରଞ୍ଜନ ବେହେରାଙ୍କୁ ନେଇଥିଲା । ମୋର ନିରଞ୍ଜନଙ୍କ ସହ ସଂପର୍କ ପ୍ରଥମ । ତେବେ ନିରଞ୍ଜନ କାହାଣୀର ସ୍କ୍ରିନ୍ ପ୍ଲେ ବନାଇ ସଂଳାପ ମଧ୍ୟ ଲେଖି ଦେଇଥିଲେ । ମତେ ପଢ଼ିବାକୁ ଦେଲେ । ମତେ ସବୁ ଠିକ୍‌ଠାକ୍ ଲାଗିଲା । ଗୋଟାଏ କି ଦୁଇଟା ସ୍ଥାନରେ ପରିବର୍ତ୍ତନ କରି ମୁଁ ସ୍କ୍ରିପ୍ଟକୁ ଫେରାଇ ଦେଲି । ସ୍କ୍ରିନ୍‌ରେ ଅବଶ୍ୟ ସଂଳାପକାର ଭାବରେ ନିରଞ୍ଜନଙ୍କ ନାମ ସହ ମୋ ନାମ କ୍ରେଡିଟ୍‌ରେ ଦିଆଯାଇଥିଲା । ମୋ ନାମ ନଦେଇଥିଲେ ମଧ୍ୟ ମୋର ଦୁଃଖ କରିବାର ନଥିଲା । ତେବେ ମୋର ପଚାଶତମ ଚଳଚ୍ଚିତ୍ର ଭାବରେ 'ଯୋଗୀ'କୁ ଗବେଷକମାନେ ଗ୍ରହଣ କରିନେଲେ । ଚଳଚ୍ଚିତ୍ରଟି ମତେ ଭଲ ଲାଗିଥିଲା । ପରବର୍ତ୍ତୀ କାଳରେ ଶ୍ରୀଧର ଓଡ଼ିଆ ସହିତ ଅନ୍ୟ ଭାଷାରେ ମଧ୍ୟ ଚଳଚ୍ଚିତ୍ର ନିର୍ମାଣ ଜାରି ରଖିଲେ । ୨୦୧୮ର ଅନ୍ୟ ଗୋଟିଏ ଚଳଚ୍ଚିତ୍ର ଥିଲା 'ଫୋର ଇଡିଅଟ୍‌ସ' । ସମାନ କାହାଣୀ ଉପରେ ଗୋଟିଏ ତାମିଲ ଓ ପଂଜାବୀ ଚଳଚ୍ଚିତ୍ର ନିର୍ମିତ ହୋଇଥିଲା । ତାମିଲ ଚଳଚ୍ଚିତ୍ରରେ କମଳ ହାସନ ମୁଖ୍ୟ ଭୂମିକାରେ ଥିଲେ । ନିର୍ଦ୍ଦେଶକ ବସନ୍ତ ସାହୁ ଉଭୟ ଚଳଚ୍ଚିତ୍ରର ଆଧାରରେ ଏକ ନୂଆ ପ୍ଲଟ ତିଆରି କରିଥିଲେ ଓ ମୁଁ ସଂଳାପ ଲେଖିଥିଲି ଅନ୍ୟ ଜଣେ ପ୍ରଯୋଜକଙ୍କ ପାଇଁ, ଖୁବ୍ ରୋଚକ ଥିଲା କାହାଣୀ । ଚାରିଜଣ ବଂଧୁ ଗୋଟିଏ ମର୍ଡର କେଶ୍‌ରେ ଫସିଯାଇଛନ୍ତି । ରହସ୍ୟମୟ ମାୟାଜାଲ ଭିତରେ ଛନ୍ଦି ହୋଇଯାଇଛନ୍ତି । ହାସ୍ୟରସ ଓ ରହସ୍ୟ ରୋମାଂଚରେ ଭରପୁର ଏହି ଚଳଚ୍ଚିତ୍ର । ମୂଳ କାହାଣୀର ବହୁ ପରିବର୍ତ୍ତନ କରାଗଲା ପରବର୍ତ୍ତୀ କାଳରେ । ଯେତେବେଳେ ଅକ୍ଷୟ ପରିଡ଼ା ଏହି କାହାଣୀ ପ୍ରତି ଆଗ୍ରହ ପ୍ରକାଶ କରିଥିଲେ ।

କାହାଣୀ ଓ ସଂଳାପ କ୍ରେଡିଟ୍ ମୋ ନାଁରେ ଥିଲା । ବସନ୍ତ ସାହୁ ନିର୍ଦ୍ଦେଶକଙ୍କ ସହ ପୂର୍ବରୁ ଦୁଇଟି ଚଳଚ୍ଚିତ୍ରରେ କାମ କରି ମୁଁ ବହୁତ କମ୍ଫଟେବଲ ଅନୁଭବ କରୁଥିଲି । ସବ୍ୟ, କୁନା ତ୍ରିପାଠୀ, ଆକାଶ, ଏଲିନା, ପୁନମ୍, ଲିପ୍ସାମିଶ୍ର, କେକେ, ସମରେଶ ପ୍ରମୁଖ ମୁଖ୍ୟାଂଶରେ ଅଭିନୟ କରିଥିଲେ । ଯେହେତୁ ପ୍ରଯୋଜକ ଅକ୍ଷୟ ପରିଜା ଏହାକୁ ଏକ ମଲ୍‌ଟିଷ୍ଟାରଡ୍ ଛବି ବନେଇବାକୁ ଚାହୁଁଥିଲେ । ଆମକୁ ବେଶ୍ କସରତ କରିବାକୁ ପଡୁଥିଲା । ପ୍ରେମାନନ୍ଦ ଏହାର ସଂଗୀତ ନିର୍ଦ୍ଦେଶନା ଦେଇଥିଲେ । ଗୁଡୁ ମଧ୍ୟ ଚମତ୍କାର ଅଭିନୟ କରିଥିଲେ । ବେଶ୍ ହାସ୍ୟରସର ଖୋରାକ୍ ଯୋଗାଇଥିଲା । ତେବେ ଷ୍ଟାର୍‌ମାନଙ୍କୁ ନେବାଦ୍ୱାରା ପ୍ରତିଟି ଚରିତ୍ରକୁ ଏଷ୍ଟାବ୍ଲିସ୍ କରି ଯଥାର୍ଥ ଗୁରୁତ୍ୱ ଦେବା ଫଳରେ କାହାଣୀର ଗତିଶୀଳତା କେତେକାଂଶରେ କ୍ଷୁର୍ଣ୍ଣ ହୋଇଥିଲା ପରି ମୋର ମନେହୁଏ । କିନ୍ତୁ ଯା ଛଡ଼ା ଆମ ପାଖରେ ଅନ୍ୟକିଛି ବାଟ ନଥିଲା ।

ଏହି ଚଳଚ୍ଚିତ୍ରଟିର କାର୍ଯ୍ୟକାରୀ ପ୍ରଯୋଜକ ଥିଲେ ସମରେଶ ରାଉତରାୟ । ସମରେଶଙ୍କର ଅନୁରୋଧରେ ତ୍ରିପାଠୀ ବାବୁ ମୁମ୍ବାଇ ବ୍ୟସ୍ତତାରୁ କିଛି ସମୟ ଦେଇ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ ।

ମୋଟାମୋଟି ଭାବରେ କହିବାକୁ ଗଲେ ଚଳଚ୍ଚିତ୍ରଟି ଏକ ସଫଳ ଚଳଚ୍ଚିତ୍ର ଥିଲା । (କ୍ରମଶଃ)

## ॥ ହାତ ॥

**ପ୍ରିୟନାଥ ପାଣି**



ଏଇ ହାତ ଉଚ୍ଛିଷ୍ଟ ଉଠେଇଥିଲା
ଶବରୀର ସନ୍ତୁଷ୍ଟି ପାଇଁ
ଏଇ ହାତ ଉଠିଥିଲା ଉର୍ଦ୍ଧ୍ୱକୁ
ଦ୍ରୌପଦୀର ମାନରକ୍ଷା ପାଇଁ
ଏଇ ହାତ ଥକୁଥିଲା
ଦୁଃଶାସନର କାମନା ଜ୍ୱାଳାରେ
ଏଇ ହାତ ଛେଦୁଥିଲା
ମହାଭାରତର ମହାସମରରେ ।

ଏଇ ହାତ ଗଢିଥିଲା ବାଲିରଥ ତନ୍ମୟ କ୍ଷଣରେ
ଏଇ ହାତ କିଞ୍ଚିତ୍ ବଢେଇ ଥିଲା ଭାବମୟ ସାନ୍ନିଧ୍ୟରେ
ଏଇ ହାତ ସାଗରକୁଚଲୁ କରିଥିଲା
ବିସ୍ମୟ ମୁଦ୍ରାରେ ।

ଏଇ ହାତ ପୋଛିଥିଲା
ବୀରାରମଣୀର କପାଳ ସିନ୍ଦୂର
ରକ୍ତ ସ୍ନାତ ଖଡ୍ଗ ଖସିଥିଲା
ଏଇ ହାତୁ ନିଃସର୍ତ୍ତରେ
ଶାନ୍ତି ପ୍ରତୀକ୍ଷାରେ ।

ଏଇ ହାତ କେତେକାଳୁ
ସୃଷ୍ଟିର ରଚନା ଲେଖୁଛି
ଲୁହ ଲହୁ ସ୍ୱେଦର ସ୍ୟାହିରେ
ଅବଳାକୁ ଧରିରଖେ
ଏଇ ହାତ କାମୁକପଣରେ
ମର୍ଯ୍ୟାଦା ଲଂଘନରେ
ଅବିବେକୀ ନିର୍ଲଜ୍ଜ ଠାଣିରେ ।

ଏଇ ହାତ ଈଶ୍ୱରୀୟ ଅଦ୍ଭୂତ ଆକୃତି
ବେଳେବେଳେ ଦୁଃସ୍ଥିତିରେ
ପରମ ବିକୃତି ।
ହାବୁକେ ଶକ୍ତିରେ ଟେକିଛି ଆହୃତି
ଏଇ ହାତ ଥିବାଯାଏ ଘଟୁଥିବ
ନୀତି ଅନୀତି କୀର୍ତ୍ତି ଆଉ ଅପକୀର୍ତ୍ତି ।

♥ କଦଳିଆ, ବୈଶିଙ୍ଗା, ମୟୂରଭଞ୍ଜ
ମୋ-୯୯୩୭୧୨୫୧୫୧

## ଆମ ସମୟର କବିତା.....

## ॥ ନାଁ ॥

**ଅକ୍ଷୟ ପାତ୍ର**



ନାଁ,
ମୁଁ ମୋ ନିଜକୁ ସାମ୍ନା କରିବାକୁ
ନା ଆଇନା ନା ପ୍ରବଞ୍ଚନା
କାହାର ସାହାରା ନେବାର
ମୁଁ ଆଉ କୁଳେଇ ପାରେନା ।

ନା'
ମୁଁ ଆଉ ନୁହେଁ ମୋର
ମାଖି ପାରେନା ଜାତି ଜାତି ମୁଖା
ଆଦରି ପାରେନା ଭଳି ଭଳି ବାହାନା
ଅପରଙ୍କୁ ନୁହେଁ, ମୋ ନିଜକୁ ହିଁ ଭଣ୍ଡି
ତା'ଥେଇ ତା'ଥେଇ ନାଚି
ସାଜି ପାରେନା
ଜମାନା ପାଇଁ ଏକ ଚର୍ଚ୍ଚିତ ନମୁନା ।

ନା',
ମୋ ନିଜକୁ ମୁଁ
ଆଉ ନୂଆ ନୂଆ ସୁରେ
ନାନା ବାୟା ଶୁଣାଇ ପାରେନା
ଅନ୍ତର୍ଗତେ କୁହରୁ ଥିବା
ଆତ୍ମଘାତୀ ଦ୍ରୋହକୁ ଆଉ
ପାଉଁଶ ତଳର ନିଆଁ ସଜାଇ ପାରେନା ।

ନା'
କାୟ ମନ ବାକ୍ୟେ
ମୁଁ ମୋ ନିଜକୁ ଆଉ
ସୁସମନ୍ୱିତ ଏକ ସାଧନ ପାଏନା
ବିଖଣ୍ଡିତ, ବିଦାରିତ, ବିଚ୍ୟୁତ, ବିଗଳିତ
ମୁଁ ଏକ ଏମିତି କାନ୍ଦଣା

ଯିଏ କେବେଠୁଁ ସାଜି ସାରିଥାଏ
ନିଜେ ନିଜ ପାଇଁ ଏକ ବିରାଟ ନା' ।

ଅଧ୍ୟାପକ : ଇଂରାଜୀ ବିଭାଗ
ହିନ୍ଦୋଳ ମହାବିଦ୍ୟାଳୟ
ଖଜୁରିଆକଟା
ମୋ: ୮୮୯୫୮୮୪୯୬୦

## ॥ ଅସହାୟ ମଣିଷ ॥

**ପ୍ରଭାତ କୁମାର ଆଚାର୍ଯ୍ୟ**



ଜୀବନଟା ଜଳୁଛି
ଶଙ୍କା,ଦ୍ୱିଧା,ଦ୍ୱନ୍ଦ ଜୀବନ ଘେରିଛି
ଅଶାନ୍ତିର ବୋମା
ପ୍ରତି ମୁହୂର୍ତ୍ତେ ଫୁଟୁଛି
ଅସହାୟ ମଣିଷ
ଶବ ଭଳି ବଞ୍ଚିଛି।

ବଦଳି ଯାଇଛି ବଞ୍ଚିବା ଗଣିତ
ବିଦ୍ରୋହର ସ୍ୱର କମ୍ପାଉଛି ହୃଦ
କିଛି କରିବାର ଥିଲେବି
ବୃହନ୍ନଳା ସାଜୁଛି ମଣିଷ
ଜୀବନ ଥିଲେ ବି ମରି ମରି ବଞ୍ଚିଛି
ଅସହାୟ ମଣିଷ
ଶବ ଭଳି ବଞ୍ଚିଛି।
ଷୋଡଶୀର ଘରେ କିନ୍ତୁ
ନାବାଳିକାର ଇଜ୍ଜତ ଲୁଟୁଛି
ଏସିଡ୍ ପିଡୀତା ଧାରଣାରେ ବସୁଛି
ଦିନର ତମାମ୍ ଆଲୋକରେ

ମୁଣ୍ଡ ପରେ ମୁଣ୍ଡ ଗଡୁଛି
ସରକାର, ସମ୍ବିଧାନକୁ
ପ୍ରଶ୍ନ ପରେ ପ୍ରଶ୍ନ ଆସୁଛି
ସବୁ ଆଖି ଦେଖୁଛି, ସବୁ କାନ ଶୁଣୁଛି
ଅସହାୟ ମଣିଷ ଶବ ଭଳି ବଞ୍ଚିଛି।
ଭୋକର ବ୍ଲାଷ୍ଟଫରନେସ୍ ଆଁ କରିଛି
ପେଟରେ ଓଦା କନା ଦେଇ
ଜରିଗୋଟାଳି ଝିଅ ହେଉ କିବା
ଫୁଟ୍ ପାଥ୍ ଗରଗଛ ତଳେ
ନିରନ୍ନ, କଙ୍କାଳସାର
ଜହ୍ନ ତାରା ଗଣୁଛି,
ଅସହାୟ ମଣିଷ ଶବ ଭଳି ବଞ୍ଚିଛି।

ଆମେ ସୁଖ ସମୁଦ୍ରରେ ପହଁରୁଛୁ
ନିଜ ବଞ୍ଚିବା କଳାରେ,
କିଏ କାହିଁକି ଚାହିଁବ
ଆଗକୁ ପଛକୁ ?
ଏମିତି କେତେଦିନ ଚାଲିବ

ସ୍ପନ୍ଦନହୀନ ସମାଜ, ସଭ୍ୟତା, ସଂସାର ?
କେତେଦିନ ଅବାଞ୍ଛିତ ରହିବ
ସ୍ୱର୍ଣ୍ଣମୟ, ସ୍ୱପ୍ନମୟ ଜୀବନ ?

କିଛି ନା କିଛି କରିବାକୁ ହେବ
ଯେତେଦିନ ପର୍ଯ୍ୟନ୍ତ ଏ ଧରା
ବସୁନ୍ଧରା ହୋଇ ରହିଛି
କେବଳ ବଞ୍ଚିଲା ଭଳି ପୃଥିବୀଟା ଦେଇ
ମଣିଷ ଭଳି ବଞ୍ଚିବାର ଅଛି,
ନ ହେଲେ ଶବ ହେବାକୁ
ଆଉ କ୍ଷଣେ ବାକି ଅଛି।

♥ ଜାନୁଗଞ୍ଜ, ବାଲେଶ୍ୱର

## ॥ ପ୍ରେମ ଚିତ୍ର ॥

**ତପନ ସାହୁ**



ଜହ୍ନ, ଫୁଲ, ଫଗୁଣ, ଓଠକୁ ନେଇ
ଖୁବ୍ କବିତା ଲେଖିଲି,
ତାକୁ ପ୍ରେମ କରି ଚିତ୍ର ଆଙ୍କିଲି,

ରାତିସାରା ଚେଇଁଲି,
ସ୍ୱପ୍ନ ସଜେଇଲି ଖୋଲା ଆଖିରେ,
ନରମ ଦେହକୁ ଗରମ କଲି,
ଆଖିରୁ ଲୁହ ଝରେଇଲି,
ପାଦରେ ଅନେକ ଗାର ଟାଣିଲି,
ଅନେକ ସମୟ ତା'ଭାବନାରେ ହଜିଲି,

ଅନ୍ୟମନସ୍କ ହୋଇ ଉଡ଼ି ବୁଲିଲି,
ଜୀବନର ଶୁନଶାନ୍ ଇଲାକାରେ,
ସାଦା କାଗଜେ ରଙ୍ଗ ଭରିଲି,
ମିଳନକୁ ଆଶା କରି
ସାତରଙ୍ଗକୁ ଏକାକାର କରିଲି,

ତଥାପି ଗଢି ପାରିଲିନି ପ୍ରେମ ଚିତ୍ର ।

ମୋ ଚିତ୍ରରେ ଏବେ ବି
କଇଁ ଜହ୍ନକୁ ଝୁରୁଛି,
ଭଅଁର ବାଟକୁ ଫୁଲ ଚାହି ?କି ବସିଛି,
ଫଗୁଣ ପ୍ରତିଥର ଆସୁଛି ଯାଉଛି,
ଦେହେ ଲାଗିଥିବା ସବୁରଙ୍ଗ
କିଛିଦିନ ପରେ ଲିଭି ଯାଉଛି,

ପ୍ରେମଚିତ୍ର ଯେତେ ସୁନ୍ଦର ହେଉ ପଛେ
ତା'ଓଠ ନୀରବ,
ଆଖି ସେମିତି ଚାହିଁଛି ଏକ ଲୟରେ,
ତଥାପି ତୂଳୀ ଧରିଛି
ଏବେ ବି ଆଙ୍କୁଛି ପ୍ରେମ ଚିତ୍ରଟିଏ ।
କାଳେ ତା'ଓଠ ଖୋଲିବ କୋଉ ଦିନ,
ଆଖି ମିଟିକେଇବ,
ସେଦିନ ମୁଁ ଥିବି କି ନ ଥିବି ଜାଣେନା !
ତା'ଚିତ୍ର କିନ୍ତୁ ମୋ ହୃଦୟ କାନ୍ଥରେ ଟଙ୍ଗା ହୋଇଥିବ,
ନୀରବରେ ଖୁବ୍ କଥା କହୁଥିବ,

ସେତେବେଳେ ମୁଁ କିନ୍ତୁ ନୀରବି ଯାଇଥିବି
ଚିରଦିନ ପାଇଁ !!!

♥ ବେଲଗାଁ, ଏମ୍.ରାମପୁର
କଳାହାଣ୍ଡି, ମୋ.୯୦୧୯୩୧୧୮୬୮

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର, ରବିବାର, ୧୬ ଅକ୍ଟୋବର, ୨୦୨୨

ପୃଷ୍ଠା ୪ ରବିବାର ଚିନ୍ତନ ସାପ୍ତାହିକ କ୍ରୋଡ଼ପତ୍ର


## ପ୍ରେମରେ ପ୍ରେମରେ ଗୀତି ....(୭୭)



### ॥ ସପନ ଦେଖିବା ମିଶି ॥


ଆସ ସାଥୀ ଅମେ ନିଦର ପଠାରେ
ସପନ ଦେଖିବା ମିଶି,
ତମ ସୁନା ଦେହୁ ଲାଜର ଓଢ଼ଣା
ତଳେ ଲୋଟୁଥିବ ଖସି ।

ବୟସୀ ରାତିର ଅୟସୀ ଛାତିରେ
ଜଡ଼ାଇ ଧରି ମୁଁ ତୁମେ,
ମାଖୁଥିବି ବସି ରାତିର ଅନ୍ଧାର
ଅନ୍ଧ ହୋଇଯିବା ଆମେ,
ମାଗୁଥିବା ଦୁହେଁ ରାତିକୁ ଆୟୁଷ
ତାରା ଗଣୁଥିବା ହସି ।


ଅନ୍ଧାର ସାଥିରେ ତୁମେ ମୋ ଛାତିରେ
ଯାଇଥିବ ଲୀନ ହୋଇ,
ପାହାନ୍ତି ପବନ ପରଶରେ ତୁମେ
ସହସା ଉଠିବ ଚେଇଁ,
ଯାଆନା ସାଥୀ ତୁ ପାହାନା ରାତି ତୁ
ଗଜରା ହୋଇବ ବାସି ।


■ ବିପିନ ମହାନ୍ତି

♥ ୩୩, ଗଡ ମହାବୀର ବିହାର, ଗ୍ୟାରେଜ ଛକ, ଭୁବନେଶ୍ୱର-୨ (ମୋ) ୯୮୬୧୧୪୪୯୯୧


## ମୋ ଦୃଷ୍ଟିରେ ମୋ ସୃଷ୍ଟି...(୨୩)



'ମୋ ଦୃଷ୍ଟିରେ ମୋ ସୃଷ୍ଟି' ନାମକ ଏକ ବିଶେଷ ଆଲୋଚନା ନିୟମିତ ପ୍ରକାଶ କରିବାକୁ ଯାଉଛୁ, ଯାହାକି ଆମ ମାଟିର ଜଣେ ପ୍ରଥିତଯଶା ନାଟ୍ୟକାର ହେମେନ୍ଦ୍ର ମହାପାତ୍ରଙ୍କ ସାମଗ୍ରିକ ନାଟ୍ୟକୃତି ଉପରେ ଆଧାରିତ । ସେ ନିଜ ଭାଷା ଓ ଭାବନାରେ ନିଜ ନାଟକର ସମୀକ୍ଷାମୂଳକ ଆଲୋଚନା ଏହି ସ୍ତମ୍ଭରେ ଲେଖିବେ, ଯେଉଁଥିରେ କେଉଁ ପରିପ୍ରେକ୍ଷୀରେ ତଥା କେଉଁ ସମସ୍ୟାର ଉତ୍ପୀଡ଼ନରେ ସେ ଏଭଳି ଏକ ନାଟକ ସୃଷ୍ଟିକଲେ ଏବଂ ତାହା ଦର୍ଶକ ମହଲରେ କି ପ୍ରଭାବ ପକାଇଲା ତାର ଏକ ସଂକ୍ଷିପ୍ତ ବିବରଣୀ ଧ୍ୱନି ପ୍ରତିଧ୍ୱନିର ରବିବାର ସୁଚୟନ ପୃଷ୍ଠାରେ, ଜିଜ୍ଞାସୁ ପାଠକମାନଙ୍କ ପାଇଁ...


■ ହେମେନ୍ଦ୍ର ମହାପାତ୍ର

ସଂପାଦକ: ରଂଗମଞ୍ଚ, ସୁନହଟ ବାଲେଶ୍ୱର-୨ (ମୋ) ୯୮୬୧୩୫୦୯୫୧


### ॥ ଯୁଗ ଚରିତ ବୃତ୍ତାନ୍ତ (ଦ୍ୱିତୀୟ) ॥

(ପୂର୍ବ ପ୍ରକାଶିତ ଉତ୍ତାରୁ)

ସୂର୍ଯ୍ୟ, ପୃଥିବୀର ସକଳ ଶକ୍ତିର ଆଧାର । ସେହି ସୂର୍ଯ୍ୟଉଦୟ ହୋଇ ଅସ୍ତ ହୁଏ ପୁଣି ଉଦୟ ହୁଏ । ଏହି ଉଦୟ ଅସ୍ତର ପୁନରାବୃତ୍ତି ହୋଇ ଚାଲିଛି କାହିଁ କେଉଁ ଅନାଦି କାଳରୁ । ଉଦୟ ପରେ ଅସ୍ତ ଯେମିତି ନିଶ୍ଚିତ, ଅସ୍ତ ପରେ ଉଦୟ ସେମିତି ନିଶ୍ଚିତ । କାରଣ ସୂର୍ଯ୍ୟୋଦୟ ଜୀବନ ସତ୍ତାର ସଂଚାର କଲାପରି ସୂର୍ଯ୍ୟାସ୍ତ ସମଗ୍ର ସୃଷ୍ଟିର ଜଡ଼ତାର ଏକ ଘନ ଘୋର ଅଂଧାରୁଆ ଆସ୍ତରଣ ବିସ୍ତାର କରେ । ଅଂଧାର ଭିତରେ ହଜିଯାଇ ସୃଷ୍ଟି ଆଲୋକର ସଂଧାନ ପାଇଁ ହୁଏତ ଉଦ୍ୟମ କରେ କିନ୍ତୁ ସଫଳତା ହାସଲ କରିବା ପାଇଁ ସମୟ ଉପରେ ନିର୍ଭର କରିବାକୁ ପଡ଼େ । କାରଣ ମଣିଷର ଅବଚେତନ ମନ ଆଲୋକ ଅଂଧାର ଭିତରେ ପ୍ରଭେଦ ବୁଝିବାରେ ଅକ୍ଷମ । ତଥାପି ଅଂଧକାରର ବିନାଶ ହୁଏ, ଜଡ଼ତାର ମୋହ ଭାଂଗେ, ପୂର୍ବରାଗ ରକ୍ତିମ ହୁଏ, ସୂର୍ଯ୍ୟୋଦୟର ପୁନରାବୃତ୍ତି ଘଟେ ।

ସୃଷ୍ଟି ଓ ସମୟର ସମୁଦ୍ରରେ ଭାସି ବୁଲୁଥିବା ଅସଂଖ୍ୟ ଅଣୁ ପରମାଣୁ ମଧ୍ୟରେ ମଣିଷ ଏକ ଅତି କ୍ଷୁଦ୍ର ପରିମାଣୁ ମାତ୍ର । ଯେଉଁ କ୍ଷୁଦ୍ରତମ କଣିକାଟି କେବଳ କାଳର କରାଳ ବକ୍ଷରେ ଲହଡ଼ି ଭାଂଗିବାର ଚେଷ୍ଟା ହିଁ କରି ଆସିଛି ସଫଳତାର ଗୌରବ ଏବଂ ବିଫଳତାର ଗ୍ଳାନି ନେଇ ସେ ଅନେକ ସୂର୍ଯ୍ୟଙ୍କ ଆଗମନୀ ଗାଇଛି ଏ ନାଟକଟି ଏକ ଅହେତୁକ ଆଗମନୀର ଆବୃତ୍ତି ମାତ୍ର ।

ସେମିତି 'ସିଂହାସନ' ମଣିଷ ପାଇଁ ମଣିଷ ହାତରେ ନିର୍ମିତ ଏକ ଉଚ୍ଚ ଆସନ ମାତ୍ର । ଯାହା ଉପରେ ଅଧିଷ୍ଠିତ ହୋଇ ମଣିଷ ମଣିଷର ସେବା ଅବା ଶାସନ କରେ । ଉଚ୍ଚ ନୀଚର ପାର୍ଥକ୍ୟ ଉପରେ ଭରା ଦେଇ ରାଜନୀତିର ସଂଜ୍ଞା ନିରୂପିତ ହୋଇଥାଏ । ଅସମାନ ତାର ବାର୍ତ୍ତା ପ୍ରଚାରିତ ହୁଏ, ସମାଧାନ ପାଇଁ ସ୍ୱାର୍ଥର ପ୍ରାଧାନ୍ୟ ପ୍ରତିପାଦନ କରିବାରେ ଚେଷ୍ଟିତ ହୁଏ । ସାଂପ୍ରତିକ ସାମାଜିକ ଅବ୍ୟବସ୍ଥା ଶାସନ କ୍ଷେତ୍ରରେ ଭ୍ରଷ୍ଟାଚାର, ଜନ ଚରିତ୍ରର ଅଧୋଗତି ମାନବ ଜୀବନ ପାଇଁ ଏକ ସମସ୍ୟା ହୋଇ ଛିଡ଼ା ହୁଏ, ଯାହାର ସମାଧାନ ପାଇଁ ଏକ ଆନ୍ତରିକ ଆହ୍ୱାନ ଏ ନାଟକର ମୁଖ୍ୟ ଉଦ୍ଦେଶ୍ୟ ଯାହାକୁ ବଳିଷ୍ଠ ଭାବରେ ରୂପାୟିତ କରିବା ପାଇଁ ଆଦିକବି ଶୁଦ୍ରମୁନୀ ଶାରଳା ଦାସକୃତ ମହାଭାରତର ଏକ ଆଖ୍ୟାନ ଉପରେ ଆଶ୍ରୟ ନେବାକୁ ପଡ଼ିଛି । ମହାଭାରତ କେବଳ ଭାରତରେ କାହିଁକି ସମଗ୍ର ବିଶ୍ୱରେ ଏକ ବୃହତ୍ତମ କାବ୍ୟଗ୍ରନ୍ଥ, ଯେଉଁଗ୍ରନ୍ଥ ଭାରତୀୟ ତଥା ସମଗ୍ର ବିଶ୍ୱ ମାନବଜୀବନ ଧାରାର ଏକ ଅମୂଲ୍ୟ ସଂଗ୍ରହାଳୟ କହିଲେ ଅତ୍ୟୁକ୍ତି ହେବନାହିଁ । ବିଶେଷକରି ଶାରଳାକୃତ ଓଡ଼ିଆ ମହାଭାରତରେ ଓଡ଼ିଶାର ଜନଚରିତ୍ର ସଂସ୍କୃତି ଓ ପରମ୍ପରାର ସ୍ପଷ୍ଟ ଚିତ୍ରମାନ ପରିଲକ୍ଷିତ ହୁଏ । ଏହି ଗ୍ରନ୍ଥର ସ୍ୱର୍ଗାରୋହଣ ପର୍ବର କଳି ପ୍ରବେଶ ଅଧ୍ୟାୟରେ ବର୍ଣ୍ଣିତ ଯୋଡ଼ିଏ କଂକଣର ଆବିର୍ଭାବ ପାଠକ ତଥା ଆଲୋଚକଙ୍କ ମନରେ ଏକ ସ୍ୱତନ୍ତ୍ର ଦୃଷ୍ଟି ଆକର୍ଷଣ କରିଥାଏ । ଜଣେ ବ୍ରାହ୍ମଣର କୃଷିକ୍ଷେତ୍ରରେ କର୍ଷଣ କରୁ କରୁ ଜଣେ କୃଷକକୁ ଯୋଡ଼ିଏ ରତ୍ନ କଂକଣ ପ୍ରାପ୍ତି ହୁଏ, ଯାହାକୁ ନେଇ କୃଷକ ଜମିର ମାଲିକ ବ୍ରାହ୍ମଣର ଦ୍ୱାରସ୍ଥ ହୁଏ । ବ୍ରାହ୍ମଣ କହେ ଯେହେତୁ ରତ୍ନ କଂକଣ କୃଷକ ପାଇଛି ତେଣୁ ତାହା କୃଷକ କିନ୍ତୁ କୃଷକ କହେ ଯେହେତୁ ସେ ରତ୍ନ କଂକଣ ବ୍ରାହ୍ମଣର ଜମିରେ ଥିଲା ତେଣୁ ତାହା ବ୍ରାହ୍ମଣର । ତେଣୁ କଂକଣ ପ୍ରକୃତରେ କାହାର, ତାହାର ବିଚାର ପାଇଁ ଉଭୟେ ରାଜାଙ୍କ ନିକଟକୁ ଯାଆନ୍ତି ଏବଂ ଏ କଂକଣ ଆମର ନୁହେଁ ତେଣୁ ରାଜାକୋଷରେ ଜମା କରିବାକୁ ଅନୁରୋଧ କରନ୍ତି । ରାଜା କିନ୍ତୁ ନିଜର ଅକ୍ଷମତା ପ୍ରକାଶ କରନ୍ତି, ନୈତିକ ନିୟମରେ ବନ୍ଧା ଶାସକ ପ୍ରଜାଙ୍କ ନିକଟରୁ କେବଳ ଯତ୍ ସାମାନ୍ୟ କର ଛଡ଼ା ଅଧିକ କିଛି ନେବାର ଘୋର ପାପବୋଧତାକୁ ଆଦୌ ସ୍ୱୀକାର କରନ୍ତିନି । କଂକଣ ସଂକଟ ଅଧିକ ଘନୀଭୂତ ହୁଏ । ଏ କଂକଣ ତେବେ କାହାର, ଯୁଧିଷ୍ଠିର ମଧ ନିରୂପାୟ ହୁଅନ୍ତି । ଶେଷରେ ଭବିଷ୍ୟତ ଦ୍ରଷ୍ଟା ସହଦେବଙ୍କ ପ୍ରତି ସମସ୍ତଙ୍କ ଦୃଷ୍ଟି ନିକ୍ଷିପ୍ତ ହୁଏ । ଅସହାୟ ସହଦେବ ଶୂନ୍ୟବାଣୀ ଶୁଣି ନିଷ୍ଠୁର ହୁଅନ୍ତି, ଏକ ଭିନ୍ନ ମୁଦ୍ରା ପ୍ରକାଶ ପୂର୍ବକ କାଳଫାସରେ ପୂର୍ବରୁ ବଂଧା ହୋଇ ରହିଥିବା କଳିଯୁଗକୁ ମୁକ୍ତ କରନ୍ତି ସମୟର ଚରିତ୍ର ବଦଳିଯାଏ ଦ୍ୱାପର ଯୁଗର ଆକସ୍ମିକ ସମାପ୍ତ ଘଟି କଳିଯୁଗର ଭିତ୍ତି ସ୍ଥାପିତ ହୁଏ । ଆରମ୍ଭ ହୁଏ ଅଘଟଣର ଶୋଭାଯାତ୍ରା, ମୁହୂର୍ତ୍ତକ ମଧ୍ୟରେ ସମସ୍ତ ନୈତିକ ମୂଲ୍ୟବୋଧର ନଭଶ୍ଚୁମ୍ବୀ ଇମାରତ ମାନ ଭୁଷୁଡ଼ି ପଡ଼େ । ବଦଳିଯାଏ ରାଜନୀତିର ସାମାନ୍ୟ କଥନ, ଶାସକ ହୁଏ ଶୋଷକ, ଶାସିତ ହୁଏ ନିସ୍ପେଷିତ, ସେହି କଂକଣକୁ ହାତେଇବା ପାଇଁ ଘୋରତର କଳି ଆରମ୍ଭ ହୁଏ । କିନ୍ତୁ ଶାସକର କ୍ଷମତା ଆଗରେ ସମସ୍ତେ ନତମସ୍ତକ ହୁଅନ୍ତି, ରାଜା ସେହି କଂକଣକୁ ନିଜର ବୋଲି ଘୋଷଣା କରି ପ୍ରଜାଙ୍କ ସଂପତ୍ତି ଲୁଟିବାର ଆଦ୍ୟ ଉଦ୍ୟମର ପରଂପରା ସୃଷ୍ଟି କରନ୍ତି । ଅନେକ ଆତ୍ମାହୁତିରେ ପ୍ରତିଷ୍ଠିତ ଧର୍ମରାଜ୍ୟ ଅଚାନକ ଭୁଷୁଡ଼ି ପଡ଼େ ଅସମୟର କରସ୍ପର୍ଶରେ । ଯୁଧିଷ୍ଠିର ହୁଅନ୍ତି ମର୍ମାହତ । ସହଦେବଙ୍କ ପରାମର୍ଶରେ ଯୁଧିଷ୍ଠିରଙ୍କ ନେତୃତ୍ୱରେ ପାଣ୍ଡବମାନେ ଆରମ୍ଭ କରନ୍ତି ସଶରୀରେ ସ୍ୱର୍ଗଯାତ୍ରା । ଏହି ପୃଷ୍ଠଭୂମିକୁ ଆଧାରକରି ନାଟକର ପରିକଳ୍ପନା, ଏ ନାଟକ ଯଦିଓ ପୌରାଣିକ କଥାବସ୍ତୁ ଉପରେ ଦଣ୍ଡାୟମାନ ତଥାପି ଗତାନୁଗତିକତାର ଚିହ୍ନବର୍ଣ୍ଣ ଏଥିରେ ସ୍ଥାନ ପାଇ ନାହିଁ । ପରବର୍ତ୍ତୀ ଆଲୋଚନାରେ କାହାଣୀର ଅବଶିଷ୍ଟାଂଶ ଦେଖିବେ । (କ୍ରମଶଃ)

## ଧାରାବାହିକ ଉପନ୍ୟାସ

# ମାଟିର ପ୍ରହରୀମାନେ


ପୁଷ୍ପାଞ୍ଜଳି ନାୟକ

♥ ଜେଲ୍ ରୋଡ, ବାଲେଶ୍ୱର ମୋ:୯୨୩୭୯୫୯୯୭୩




ଏ ଉପନ୍ୟାସର ରଚନାକାଳ ପ୍ରାୟ ୧୫/୧୬ ବର୍ଷ ତଳେ ଯେତେବେଳେ ବାଲିଆପାଳରେ ଘାଟୀ-ବିରୋଧି ଆନ୍ଦୋଳନ ତୀବ୍ର ରୂପ ଧାରଣ କରିଥିଲା । କିନ୍ତୁ ଦୁର୍ଭାଗ୍ୟକ୍ରମେ ଏ ଉପନ୍ୟାସଟି ପ୍ରକାଶିତ ହେବା ବହୁତ ଡେରି ହୋଇଗଲା । ତେବେ ଏ ସୌଭାଗ୍ୟର କଥା ଯେ ଯାହା ମୁଁ ଉପନ୍ୟାସରେ ଉଚ୍ଚାରଣ କରିଥିଲି, ତା ସତ ହୋଇଗଲା । ମା ପାଖରେ ପୁଅ ହାର ମାନିବା ଭଳି ମାଟି ପାଖରେ ଘାଟୀ ହାର ମାନିଲା । ଏ ଉପନ୍ୟାସ ଘାଟୀ ଆନ୍ଦୋଳନର ସଂପୂର୍ଣ୍ଣ ବିବରଣୀ ନୁହେଁକିମ୍ବା ସମ୍ପୂର୍ଣ୍ଣ ତଥ୍ୟାଶ୍ରୟୀ ନୁହେଁ । ଅନେକ କ୍ଷେତ୍ରରେ ମୁଁ କଳ୍ପନାର ଆଶ୍ରୟ ନେଇଛି । ଯେଉଁମାନେ ଦୀର୍ଘ ଚାରିବର୍ଷ ଧରି ମାଟିକୁ ଅତନ୍ଦ୍ର ପହରା ଦେଇ ଇତିହାସର ଗତିକୁ ବଦଳାଇଦେଲେ, ସେଇ ବାଲିଆପାଳବାସୀଙ୍କୁ ଏ ଉପନ୍ୟାସ ଅର୍ପଣ କରୁଛି ।

-ଲେଖିକା

ଭାଗ-୯

(ପୂର୍ବ ପ୍ରକାଶିତ ଉତ୍ତାରୁ..)

କ୍ଷେପଣାସ୍ତ୍ର ଘାଟୀ ନେଇ ସେମାନଙ୍କ ମଧ୍ୟରେ କଳ୍ପନାଜଳ୍ପନାର ଶେଷ ନାହିଁ ।

କିଏ କହୁଛି, ହାବେଲୀ ଭଳି, କିଏ କହୁଛି, କମାଣ, ତୋପ ଭଳି । କିଏ କହୁଛି ପୁରାଣରେ ଥିବା ବଜ୍ରାସ୍ତ୍ର, ଇନ୍ଦ୍ରାସ, ବ୍ରହ୍ମାସ୍ତ୍ର ଭଳି । ସେ ଅସ୍ତ୍ର ବ୍ୟବହୃତ ହେଲେ କଳା ଧୂଆଁରେ ଆକାଶ ଛାଇଯିବ । ତା'ର ଶବ୍ଦରେ ବସୁଧା ଫାଟିଯିବ । ବଜ୍ରପାତ ହେବ । ସାରା ଆକାଶ ଲାଲ କରି ନିଆଁ ବାହାରିବ ।

ହେଲେ କାହିଁକି ଘାଟୀ ? କାହିଁକି ?

ଖବରକାଗଜ ଧରିଥିବା କେହି କେହି ଲୋକ ପଢ଼ି ଶୁଣାଇ ଦିଅନ୍ତି, ଦେଶରକ୍ଷା ପାଇଁ ଏହା ଜରୁରୀ । ଆମ ଶତ୍ରୁଦେଶମାନେ ଆମକୁ ଆକ୍ରମଣ କଲାବେଳେ ଭାରତବର୍ଷ ଏହି ଅସ୍ତ୍ରର ସାହାଯ୍ୟ ନେବ । ପ୍ରତିଆକ୍ରମଣ କରିବ ।

ସେଇ ଅଶିକ୍ଷିତ, ନଈକୂଳିଆ ପାଳୁଅମାନଙ୍କ ମୁଣ୍ଡରେ ଏସବୁ ପଶେ ନାହିଁ ।

ଯୁଦ୍ଧ ? କାହା ସହିତ କାହାର ଯୁଦ୍ଧ ? ସେମାନଙ୍କର ଜମିବାଡ଼ି ନେଇ କଳିଝଗଡ଼ା ଅହରହ ଲାଗିରହିଛି । ହେଲେ ସେମାନେ ଦୁଃସ୍ୱପ୍ନରେ ମଧ ପ୍ରତିପକ୍ଷର ମୃତ୍ୟୁ ଚାହାନ୍ତି ନାହିଁ । ପ୍ରାଣରେ ଥିଲେ ତ ଶତ୍ରୁତା ! ହେଲେ ଏ କିଭଳି ଯୁଦ୍ଧ ? ହଜାର ହଜାର ଲୋକ ମରିବେ, ବୋମା ଫୁଟିବ, କମାଣ ଫୁଟିବ, ଯେଉଁମାନଙ୍କୁ କେବେ ସେମାନେ ଦେଖିନାହାନ୍ତି, ସୁଖରେ, ଦୁଃଖରେ ଯେଉଁମାନଙ୍କ ସହିତ କୌଣସି ସମ୍ପର୍କ କେବେ ନାହିଁ, ସୁଖରେ, ଦୁଃଖରେ ଯେଉଁମାନେ ତାଙ୍କର କିଛି କ୍ଷତି କରି ନାହାନ୍ତି, ସେମାନେ କାହିଁକି ଶତ୍ରୁ ହେବେ ? ଆଉ ତାଙ୍କୁ ମାରିବା ପାଇଁ ସେମାନେ କାହିଁକି ଆସିବେ ? କାହିଁକି ବା ସେମାନଙ୍କୁ ମାରିବା ପାଇଁ କ୍ଷେପଣାସ୍ତ୍ର ତିଆରି ହେବ ? ସେ ପୁଣି ସେମାନଙ୍କର ସାତ ପୁରୁଷିଆ ଭିଟା ଉପରେ ?

ଯୁଦ୍ଧର ଜଟିଳ ରାଜନୀତି ସେମାନେ ବୁଝନ୍ତି ନାହିଁ । ବୁଝିପାରନ୍ତି ନାହିଁ ।

ଖାଲି ସେମାନେ ଏତିକ ବୁଝନ୍ତି, ସେମାନଙ୍କ ସହିତ ଚରମ ଶତ୍ରୁତା କରାଯାଇଛି । ଏତେ ଏତେ ତୋଫାନ, ବନ୍ୟା, ଧୋଇ ମରୁଡ଼ି ଯେଉଁ ମାଟିରୁ ତାଙ୍କୁ ଅଲଗା କରିପାରିନି, ସେ ମାଟିକୁ ସେମାନଙ୍କୁ ଅଜ୍ଞାତସାରରେ ଘାଟୀ ହେବା ପାଇଁ ଦିଆହୋଇ ସେମାନଙ୍କ ସହିତ ଚରମ ପ୍ରବଞ୍ଚନା କରାଯାଉଛି ।

କିଏ ସେ ଏତେ ବଡ଼ ବିଶ୍ୱାସଘାତକ ? କିଏ ସେମାନଙ୍କ ସୁନାଥାଳିରେ ବିଷ ଦେଲା ? ଜନ୍ମକାଳର ମାଟି ଉପରେ, ପବନ, ଆକାଶ ଉପରେ ସେମାନଙ୍କ ଅଧିକାରକୁ ପୋଛିଦେଲା କିଏ/ କେଉଁ ଅଧିକାର ବଳରେ ?

ତୀରବିଦ୍ଧ ରକ୍ତାକ୍ତ ପକ୍ଷୀ ଭଳି ଏକ ଅବ୍ୟକ୍ତ, ଆକୁଳ ଯନ୍ତ୍ରଣାରେ ସେମାନେ ଛଟପଟ କରନ୍ତି, ହାହାକାର କରିଉଠେ ସେମାନଙ୍କର ପ୍ରାଣ । ଏକ ଛାତିଫଟା ବିକଳ କାନ୍ଦଣାର ଜୁଆରରେ ସେମାନଙ୍କର କଣ୍ଠ ଫାଟି ଫାଟି ଯାଏ ।

ଜୀବନର ହାହାକାରରେ ସେମାନଙ୍କର ଦିନରାତି, ସକାଳସଞ୍ଜ ଲହୁଲୁହାଣ ହୋଇଯାଏ ।

॥ ଏଗାର ॥

ଜଳମଗ୍ନ ହେବାବେଳେ ମଣିଷ ପ୍ରଥମେ ଭାଗ୍ୟ ହାତରେ ନିଜକୁ ଅସହାୟ ଭାବରେ ସମର୍ପି ଦିଏ । ନିୟମିତ ଦୁର୍ଲଂଘ୍ୟ ସ୍ରୋତରେ ନିଜକୁ କୁଟାଖିଅ ଭଳି ଅକିଞ୍ଚନ ମନେକରେ । ହେଲେ ଜଳ ଯେତେବେଳେ ତାର ନାକ, ପାଟିରେ ପଶିଯାଇ ତାକୁ ଅଣନିଃଶ୍ୱାସୀ କରିଦିଏ ଏବଂ ଅବଶ୍ୟମ୍ଭାବୀ ମୃତ୍ୟୁର ନିଶ୍ଚିତତା ସମ୍ବନ୍ଧରେ ତାକୁ ସଚେତନ କରିଦିଏ, ବଞ୍ଚିବାର ନୂତନ ଆକାଂକ୍ଷାରେ ତାର ଶିଥିଳ ସ୍ନାୟୁଗ୍ରନ୍ଥି ଉଜ୍ଜକିତ ହୋଇଯାଆନ୍ତି । ଲିଭିଯାଉଥିବା ଆଶାର ଶିଖା ପୁଣି ତେଜିୟାନ ହୋଇଯାଏ । ସେଇ ପ୍ରଚଣ୍ଡ ପ୍ରତିକୂଳ ଶକ୍ତିକୁ ଅତିକ୍ରମ କରିବା ପାଇଁ ସେ ନିଜ ଭିତରୁ ଶକ୍ତି ଖୋଜେ ।

ବାଲିଆପାଳରୁ ହଜାର ହଜାର ଲୋକଙ୍କର ପଟୁଆର ଆଗେଇଚାଲିଛି । ସେମାନଙ୍କ ପ୍ରାଣରେ ଆଜି ବଞ୍ଚିବାର ନୂତନ ସଂକଳ୍ପ ।

ଜାମକୁଣ୍ଡା, ପ୍ରତାପପୁର, ଆୟଚୁଆ, ବଡ଼ାଶ, ତାହାଲିଆ, ଅଳାଡ଼ିହା, ଚାନ୍ଦମଣିରୁ ହଜାର ହଜାର ଚାଷୀ, ପାନ ବରଜିଆ, କେଉଟ, ଦିନମଜୁରିଆ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଏକାଠି ହୋଇଛନ୍ତି । ସେମାନେ ବାଲେଶ୍ୱର ଯାଉଛନ୍ତି । ସୁଧାକର ଗିରି ହିଁ ସେମାନଙ୍କୁ ପ୍ରଥମେ ପ୍ରସ୍ତାବଟି ଦେଇଥିଲେ । ଅନ୍ଧକାରରେ ବାଟବଣା ହୋଇଯାଉଥିବା ବେଳେ କେଉଁଠି କ୍ଷୀଣ ଆଲୋକଧାରାଟିଏ ଦେଖିଲା ଭଳି ସେମାନେ ପୁଣି ବଞ୍ଚିବାର ନୂତନ ରାହାଟିଏ ଦେଖିପାରିଲେ । ସେମାନେ ସରକାରଙ୍କୁ ଭେଟିବେ । ଗୁହାରୀ କରିବେ । ସରକାର ଚାହିଁଲେ ଘାଟୀ ହୁଏତ ବନ୍ଦ ହୋଇପାଇପାରେ ।

ବୈଶାଖ ମାସରେ ନିଆଁ ଭଳି ଏ ଖବର ଗାଆଁକୁ ଗାଆଁ ବ୍ୟାପିଗଲା । ସପନୀବୁଢ଼ୀ, ଶିରିଆ ପଧାନ, ଅଗରା ମଳିକ, ଅଗଣି ବାରିକ ଆଉ ହରିସାହୁଙ୍କ ଭଳି ହଜାର ହଜାର ଜୀବଜନ୍ତୁଙ୍କ ପ୍ରାଣରେ ପୁଣି ଜୀବନର ନୂତନ ଆଲୋକ ଜଳିଉଠିଲା । ସରକାର ଯଦି ବୁଝିଯାଆନ୍ତି ।

ଜନସ୍ରୋତ କ୍ରମଶଃ ଲମ୍ବିଚାଲିଛି ।

ହଜାର ହଜାର ପୁରୁଷ ସ୍ତ୍ରୀ, ବୁଢ଼ାବୁଢ଼ୀ, ଝିଅବୋହୂ, ପିଲାକବିଲା ଚାଲିଛନ୍ତି । କିଏ ଖାଲି ଦେହରେ, କିଏ ଜାମାପଟା ପିନ୍ଧି, କିଏ ଗାମୁଛା ଖଣ୍ଡେ ଦେହରେ ପକାଇ ଚାଲିଛନ୍ତି । କେଉଁ ଭୁଆଷୁଣୀ ବୋହୂ ଶାଶୁ ପାଖରେ ବାଧିକା ଛୁଆକୁ ପକାଇ ଚାଲିଆସିଛି । କିଏ ବା ବେମାର ପଡ଼ିଥିବା ବାପା, ମାଆଙ୍କୁ ସାଇପଡ଼ିଶାଙ୍କ ଜିମା ଦେଇ ଚାଲିଛି । କିଏ ବା ଗୁହାଳରୁ ଗୋରୁ ଫିଟାଇବାକୁ ଭୁଲି ଚାଲିଆସିଛି । କିଏ ବା ଆସିବା ଆଗରୁ ଘରେ କୁଞ୍ଚିକାଠି ପକାଇବାକୁ ଭୁଲିଯାଇଛି ।

ସମସ୍ତେ ଏକ ବସ୍ତ୍ରରେ ଚାଲିଛନ୍ତି । କାହା କୋଳରେ ଦୁଧଖିଆ ଛୁଆ, କିଏ ବା ଛୋଟ ଛୋଟ ଛୁଆଙ୍କ ହାତ ଧରିଛି । କିଏ ସାଥିରେ ଆସିଥିବା ବୁଢ଼ାବୁଢ଼ୀଙ୍କ ହାତ ଧରିଛି । କିଏ ବା ଛୋଟ ଛୋଟ ଛୁଆଙ୍କୁ କାନ୍ଧରେ ବସାଇଛି ।

ସାରା ଓଡ଼ିଶାରେ ଚହଳ ପଡ଼ିଯାଇଛି ।

ଦେଶର ବିଭିନ୍ନ ମହଲରୁ ପ୍ରତିବାଦର ସ୍ୱର ଶୁଭୁଛି । ଦେଶର ସମସ୍ତ ସମ୍ପ୍ରଦାୟର ବୁଦ୍ଧିଜୀବୀମାନେ ଯାର ଘୋର ବିରୋଧ କରୁଛନ୍ତି । ବାଲିଆପାଳର ସୁଜଳା, ସୁଫଳା, ମାଟିକୁ ଘାଟୀ ନାମରେ ଧ୍ୱଂସ ନ କରିବାକୁ ସେମାନେ ସରକାରଙ୍କୁ ସତର୍କ କରିଦେଉଛନ୍ତି । କାରଣ ଏଥିସହିତ ଜଡ଼ିତ ଅଛି ଶହେ ତିରିଶଟି ଗ୍ରାମର ଲକ୍ଷେ ତିରିଶ ହଜାର ଉଦ୍‌ବାସ୍ତୁଙ୍କ ସମସ୍ୟା ।

ସେଇ ପ୍ରଚଣ୍ଡ ଜନମତରେ ଫାଟ ଧରାଇବାକୁ ଚେଷ୍ଟା କରୁଛନ୍ତି ଶାସକ ଦଳର କିଛି କ୍ଷମତାଲୋଭୀ ରାଜନୈତିକ ନେତା ଆଉ କିଛି କଣ୍ଟ୍ରାକଟରମାନେ । ସେମାନେ ଲୋଲୁପଦୃଷ୍ଟିରେ କଳ୍ପନା କରୁଛନ୍ତି, ଘାଟୀ ହେଲେ ନାନାଦି କଳକାରଖାନା, କୋଠାବାଡ଼ି ଗଢ଼ିଉଠିବ । ସେମାନଙ୍କ ହାତକୁ ଆସିବ କଣ୍ଟ୍ରାକ୍ଟରି ଆଉ ସେମାନେ ରାତାରାତି ସେଇ କଳାପଇସାରେ ବଡ଼ଲୋକ ହୋଇଯିବେ ।

କ୍ଷମତାସୀନ ରାଜନୈତିକ ନେତାମାନେ ଭାବୁଛନ୍ତି, ସେମାନେ କେନ୍ଦ୍ରସରକାରଙ୍କୁ ସମର୍ଥନ କଲେ ସେମାନଙ୍କର ଶାସନ-ଗାଦୀ ନିରାପଦ ।

ପ୍ରତିଦିନ ଘାଟୀକୁ ସମର୍ଥନ କରି ଓ ବିରୋଧ କରି ଅଜସ୍ର ଲେଖା ଖବରକାଗଜମାନଙ୍କରେ ବାହାରୁଛି । ସରକାର ଘାଟୀ କଥା ନେଇ ନାନା ପ୍ରଲୋଭନ ଦେଖାଉଛନ୍ତି । ଘାଟୀ ହେଲେ ଉଦ୍‌ବାସ୍ତୁଙ୍କ ଲାଗି ଗଢ଼ିଉଠିବ ନାନା କଳକାରଖାନା । ବାଲିଆପାଳବାସୀ ସେଠାରେ ଚାକିରି ପାଇବେ । ସୁଖସମୃଦ୍ଧିରେ ଭାସିବେ । ନାନା ରଙ୍ଗିନ ପ୍ରତିଶ୍ରୁତିରେ ଶ୍ୱେତପତ୍ରର ପ୍ରତିଟି ପତ୍ର ରଙ୍ଗିନ ହୋଇଯାଇଛି ।

ବାଲିଆପାଳର ସେଇ ପାଳକୂଳିଆମାନଙ୍କର କିନ୍ତୁ ମାଟି ଛଡ଼ା କିଛି ଲୋଡ଼ା ନାହିଁ ।

ହଜାର ହଜାର ଲୋକ ଖାଲିପାଦରେ ଆଗେଇ ଚାଲିଛନ୍ତି । ଉପରର ପ୍ରଚଣ୍ଡ ତାତି ଅବା ପାଦତଳର ରୁକ୍ଷ ଟାଣ, ପଥୁରିଆ କଣ୍ଟକିତ ମାଟିକୁ ଭ୍ରୂକ୍ଷେପ ନ କରି ସେମାନେ ଚାଲିଛନ୍ତି । ଭିକାରୀ ଭଳି, ଶୂନ୍ୟପାତ୍ର ଧରି, ସେମାନେ ମାଗୁଛନ୍ତି ସେମାନଙ୍କର ହାତଥାଳି ଆଉ ସାତପୁରୁଷିଆ ଭିଟାମାଟି ।

ପାଦରେ ବିଣ୍ଡି ଲାଗିଲାଣି । ଚମଡ଼ା ଛିଡ଼ିଗଲାଣି । ଅନେକ ପାଦରୁ ରକ୍ତ ଝରିଲାଣି । ତଥାପି ସେମାନେ ଚାଲିଛନ୍ତି ।

ଇତିହାସ ଅଟକିଯାଇଛି । ବାଲିଆପାଳର ଗଗନ, ପବନ ଆଜି ଉଦବେଗ, ଉତ୍କଣ୍ଠା ଉତ୍ତେଜନାରେ ଥମ ଥମ !

ହଜାର ହଜାର ନିରସ୍ତ୍ର, ଅସହାୟ ଜନସାଧାରଣ ଘାଟୀ ରୋକିପାରିବେ ?

ସେମାନେ ଚାଲିଛନ୍ତି । ପାଦ ଥକିଗଲାଣି । ଭୋକରେ ପେଟ ଆଉଟିଗଲାଣି । କ୍ଳାନ୍ତିରେ, ଶ୍ରାନ୍ତିରେ ଦେହ ଭାଙ୍ଗିପଡ଼ିଲାଣି । ତଥାପି ଅବିଶ୍ରାନ୍ତ ଭାବେ ସେମାନେ ଚାଲିଛନ୍ତି । ସେମାନଙ୍କର ଆଜି ଗୋଟିଏ ମାତ୍ର ମାଗୁଣି, ଘାଟୀ ଲାଗି ଭିଟାମାଟି ନିଅନାହିଁ ।

॥ ବାର ॥

ସାରାଦିନ କୋହଲା ବର୍ଷା । ସୂରୁଜ ଉଇଁନାହାନ୍ତି । ଆକାଶ ମେଘରେ ଛାଇହୋଇ ରହିଛି । ମଝିରେ ମଝିରେ ହେମାଳ ପବନ ବହୁଛି । ବଢ଼ି ଆସିପାରେ । ଶୁକୁଟା ମାଆ ବିଛଣାରେ ଶୋଇ ଶୋଇ ଭାବୁଥିଲା । ମୁଣ୍ଡପାଖରେ କରଞ୍ଜ ତେଲର ଦୀପଟିଏ ଜଳୁଛି । ତେଲ ସରିଆସିଲାଣି । ବରଷା ପାଗ । କେତେବେଳେ କେଉଁକଥା ! ସେ ଉଠିବସିଲା ।

ଶୁକୁଟା ଏଯାଏ ଫେରିଲା ନାହିଁ ।

କାଲି ସାତସକାଳୁ ତୋରାଣୀ ମୁନ୍ଦିଏ ପିଇ ଯାଇଛି ବାଲେଶ୍ୱର । ହାଣ୍ଡିରେ ପଖାଳ ନଥିଲା । ଶୁକୁଟା ମା ଗାମୁଛାରେ ମୁଢ଼ି ଗଣ୍ଡିଏ ବାନ୍ଧି ପୁଅକୁ ଦେଇଥିଲା । କହିଥିଲା, ରାସ୍ତାରେ ପାଟିରେ ପକାଇବୁ ।

ଶୁକୁଟା ଯାଇଛି ବାଲେଶ୍ୱର । ତା ଭଳି ତାଙ୍କ ଗାଆଁର ଅନେକ ଟୋକା ଟୋକି, ମିଣିପେ, ବୁଢ଼ାବୁଢ଼ୀ, ପିଲାଛୁଆ ଯାଇଛନ୍ତି । ସେମାନଙ୍କ ସାତପୁରୁଷର ଭିଟାମାଟି ଉପରେ ହେଉଥିବା ଘାଟୀ ବିରୁଦ୍ଧରେ ସରକାରଙ୍କ ପାଖରେ ଗୁହାରି ଜଣାଇବାକୁ । ପାଦରେ ଚାଲିଚାଲି ସେମାନେ ଯାଇଛନ୍ତି । ସେଠାରେ ଖାଇବାର ଖର୍ଚ୍ଚ ଗାଆଁବାଲା ମିଶି ଦେଉଛନ୍ତି ।

ରାତି ଆସି ପହରେ ହେଲା ।

ଗାଆଁରେ କେଉଁ ଘରେ ତାଟିକବାଟ ପଡ଼ି ନାହିଁ । ଆଲୁଅ ଲିଭି ନାହିଁ ।

ଟିକିଏ ଆଗରୁ ପାଣସାହି ରାଧୁଆର ଖୁଡ଼ୀ ପଚାରି ଆସିଥିଲା, ଶୁକୁଟା ଫେରିଲାଣି କି ନାହିଁ ।

କୋହଲା ପାଗ, ଝିରିଝିରି ବର୍ଷା । ନିଶ୍ଚେ ବଢ଼ି ଆସୁଛି । ଶୁକୁଟା ମା କେତେ ବଢ଼ି ଏଇ ଦେହରେ ପାରି କରିଛି । ବଢ଼ିର ଲକ୍ଷଣ ସେ ଜାଣେ ।

ବଢ଼ି ଆସିଲେ ଏ ଶାଗବାଡ଼ି, ଭେଣ୍ଡି, ବାଇଗଣ ଗଛ ସବୁ ସତ୍ୟାନାଶ ହୋଇଯିବ । ଘର ପଛରେ ଶୁକୁଟା ଏଥର ବୋଇତାଳୁ ଲଗାଇଥିଲା । ନୂଆ କରି କଷି ଧରିଆସୁଥିଲା । ତା ମଧ ନଷ୍ଟ ହୋଇଯିବ ।

ହେଲେ କେତେଦିନ ଲାଗି ଏସବୁ ?

ବଢ଼ି ଆସିଲେ ସେମାନେ ଭାସିଯାଆନ୍ତି । ପନିପରିବା ବିକି ଦି' ପଇସା ଆୟ କରିବାର ଆଶା ପାଣିରେ ବୁଡ଼ିଯାଏ । ଘର ଚାରିପଟେ ଜଳ ହୋଇଯାଏ । ଜୀବନ ଜହର ହୋଇଯାଏ ।

ହେଲେ ତାପରେ ?

କ୍ଷେତ ବାରିରେ ପଟୁ ଚରିଯାଏ । ଜମିରେ ସୁନା ଫଳେ ।

ସେଇ ସୁନା ଫଳୁଥିବା ମାଟିକୁ ଛାଡ଼ି ସେମାନଙ୍କୁ କେଉଁ ବିଦେଶକୁ ଯିବାକୁ ପଡ଼ିବ । ଏଇ ତୁଳସୀଚଉରା, ଚିତାଅଙ୍କା ଅମାର, ଖଳାବାରି, ଆମ୍ବ, କଇଁଥ, ସପେଟା, ଅତାର ଏଇସବୁ ଗଛ ମୁରୁଛି କେଉଁ ଅଜଣା, ଅଶୁଣା ରାଇଜରେ ଘର ବାନ୍ଧିବାକୁ ପଡ଼ିବ । (କ୍ରମଶଃ)

## ସ୍ୱଚ୍ଛ ହାତରେ ବହୁତ ଦମ୍

ଗଳ୍ପ


ନଗେନ୍ଦ୍ର ନାଥ ପଟ୍ଟନାୟକ


ଅଥର୍ବ ସ୍କୁଲରୁ ଫେରି ଘର ଅଗଣା ଭିତରକୁ ଆସିଲାବେଳକୁ ଖାଦ୍ୟର ମହମହ ବାସ୍ନା ତା' ନାକରେ ବାଜିଲା । ସାଏଁକିନା ଦଉଡିଯାଇ ସେ ଘର ଭିତରେ ଢୁକିଗଲା । ବଡ ପାଟିରେ କହିଲା -ମାମା, ମାମା ତୁ ଆଜି କି ଖାଦ୍ୟ ରାନ୍ଧିଚୁ ଯେ ମହମହ ବାସ୍ନା ନାକରେ ବାଜି ପାଟିରୁ ନାଳ ବହିଯାଉଛି । ମାମା ରୋଷେଇ ଘରୁ ଖୁବ୍ ଜୋରରେ ପାଟିକରି କହିଲେ -ତୋ ମନପସନ୍ଦର ଆଳୁ କୋବି ଓ ଗ୍ରୀନ ମଟର ତରକାରି ଆଉ ପଲାଉ ବନାଉଛି .... ତୁ ଖୁବ୍ ଜଲଦି ହାତ ମୁହଁ ଧୋଇନେ । ନିଜ ସ୍କୁଲବ୍ୟାଗ ଓ ସ୍କୁଲ ୟୁନିଫର୍ମ ଠିକଣା ଜାଗାରେ ଥୋଇ ମୋ ପାଖକୁ ଆସ ।

'ହଁ ମାମା ମୁଁ ଏଲାଗେ ଆସୁଚି' . . . . କହି ଅଥର୍ବ ନାନୀ କୋଠରି ଆଡେ ମୁହାଁଇଲା । ଖୁବ୍ ଜୋରରେ ଚିଲେଇ ଚିଲେଇ ଧଡପଡ ହୋଇ ନାନୀ ରୁମରେ ପଶିଗଲା । 'ଆରେ ଏତେ ଜୋରରେ କଣ ଚିଲାଉଛୁ ? ତତେ କଣ ଦେଖାଯାଉନି ମୁଁ ଏଇଠି ପଢୁଛି ବୋଲି ।'

'ସରି ନାନୀ .....।' 'ଯା' ଏଥିକି ତୁ ଆଉ ଚିନ୍ତା କରନା । ଏଇଲେ ତୁ ଏଠୁ ଖୁବ୍ ଜଲଦି ନିଜ ରୁମକୁ ଯାଇ ପୋଷାକପତ୍ର ବଦଲେଇ ଦେ ।' 'ଠିକ୍‌ଅଛି ନାନୀ' କହି ଅଥର୍ବ ନିଜ କୋଠରି ଆଡେ ପାଦ ବଢାଇଲା । କିଛିକ୍ଷଣ ଭିତରେ ସ୍କୁଲ ୟୁନିଫର୍ମ ଓହ୍ଲାଇ ଦେଇ ସିଧା ରୋଷେଇ ଘର ଆଡେ ମୁହାଁଇଲା । ମାମା ଦେହରେ ଲାଗିଯାଇ କହିଲା -ମାମା ଖୁବ୍ ଜୋର୍‌ରେ ଭୋକ ଲାଗୁଛି । ମତେ ଜଲଦି ଖାଇବାକୁ ଦେ । ମାମା କହିଲେ -ତୁ ହାତ ମୁହଁ ଧୋଇଛୁ ତ ? ଅଥର୍ବକୁ ଚୁପ ରହିବା ଲକ୍ଷ୍ୟକରି ମାମା ବୁଝିଗଲେ ଯେ ଇଏ ନିଶ୍ଚେ ହାତ ମୁହଁ ଧୋଇନି । ମା ଟିକେ ଗାଳିଦେଇ କହିଲେ -ମୁଁ ତୋତେ କହିଥିଲି ନା ପିନ୍ଧା ପୋଷାକପତ୍ର ବଦଳେଇଲା ପରେ ହାତକୁ ପରିଷ୍କାର ଭାବେ ଧୋଇ ମୋ ପାଖକୁ ଆସିବୁ ବୋଲି । 'ଆଛା ମାମା, ଆସୁଛି' କହି ଅଥର୍ବ ସେଠୁ ଚାଲିଗଲା । ହେଲେ ବହୁ କଷ୍ଟରେ ଦୁଇ ତିନିମିନିଟ ପରେ ସେ ପୁଣି ରୋଷେଇ ଘରେ ଆସି ଛିଡାହେଲା । ମାମା ପୁଣି ଚିଲେଇଲେ -ତୁ ଏଯାଏ ଛିଡା ହୋଇଛୁ ଏଠି, ଯାଇନୁ ? 'ଆରେ ମାମା ମୁଁ ତ ହାତ ଧୋଇ ଆସିଗଲିଣି ନା ...।' ଏମିତି କି ହାତ ଧୋଇଛୁ ତୁ ? ହାତ ଧୋଇବା ମାନେ ନୁହେଁ ଯେ ହାତକୁ ପାଣିରେ ଓଦା କରିବା । ବରଂ ସାବୁନ ପାଣିରେ ଖୁବ୍ ଭଲ ଭାବରେ ଧୋଇ ହାତରେ ଲୁଚିଥିବା କୀଟାଣୁକୁ ହଟେଇଦେବା । ଏବେ ଚାଲ, ମୁଁ ତୋ ସାଙ୍ଗରେ ଯାଉଚି । ଏଇଆ କହି ମାମା ଅଥର୍ବ ସହିତ ୱାସବେସିନ ଆଡକୁ ବଢିଲେ । ଅର୍ଥବ ହାତରେ ଲିକ୍ୱିଡ୍ ସାବୁନ ଦେଇ କହିଲେ ଆମକୁ ସାବୁନ ଆଉ ସଫା ପାଣିରେ ଖୁବ୍ ଭଲ ଭାବରେ ହାତ ଧୋଇବାକୁ ପଡିବ । ହାତ ଧୋଇବାର କେତେକ ସହଜ ଉପାୟ ରହିଛି ଯାହାକୁ ଅନୁସରଣ କରିବା ଦ୍ୱାରା ଆମ ହାତରେ ଲାଗିଥିବା କୀଟାଣୁ ଅପସରିଯିବେ । ଏଥିପାଇଁ ପ୍ରଥମେ ଆମକୁ ଦୁଇହାତ ପାପୁଲିକୁ ପରସ୍ପର ଭାବେ ରଗଡିବା ଉଚିତ । ପରେ ପରେ ଆଙ୍ଗୁଠିଗୁଡିକୁ ରଗଡିବ ଓ ଶେଷକୁ ନଖଗୁଡିକ ସନ୍ଧିରେ ହାତରେ ଆଂଚୁଡିବ । 'ଏଥରକ ବୁଝିଗଲି, ହଁ ଆସିଗଲା ମାମା ...... ତୁମ ହାତ ଧୋଇବାର ଯୋଉ ତରିକା ବତେଇଲ ଅବିକଳ ସେଇ ଉପାୟ ଗତକାଲି ଶ୍ରେଣୀକକ୍ଷରେ ବିଜ୍ଞାନ ଗୁରୁଜୀ ବି ଆମକୁ କହିଥିଲେ । ସେ ଆହୁରି ବି ବୁଝାଇଥିଲେ ଯେ ଶୌଚସାରି ଆସିବା, ଅଳିଆ ଆବର୍ଜନା ଓ ପଶୁପକ୍ଷୀଙ୍କୁ ଛୁଇଁବା ପରେ ଖାଦ୍ୟ ଖାଇବା ଆଗରୁ ଆଉ ପରେ ସାବୁନରେ ଆମକୁ ବେଶ ଖୁବ୍ ପରିଷ୍କାର ଭାବରେ ଧୋଇବାକୁ ପଡିବ । ଅଥର୍ବ ଆଉ ମାମାଙ୍କ ଭିତରେ କଥାବାର୍ତ୍ତା ଚାଲିଥାଏ ସେତିକିବେଳକୁ ଶାଳିନୀ ବି ନିଜ ପାଠପଢା ସାରି ସେଠାରେ ଆସି ହାଜର । କହିଲା - ଅଥର୍ବ, ତୁ ଅକ୍ଟୋବର ପନ୍ଦରକୁ ବିଶ୍ୱ ହାତଧୁଆ ଦିବସ ରୂପେ ପାଳନ କରିବୁ ବୋଲି ମତେ ବେଶ୍ ଜଣା । ତହୁଁ ଅଥର୍ବ ପଚାରିଲା -ନାନୀ ହାତ ଧୁଆ ପାଇଁ କୌଣସି ଏକ ନିର୍ଦ୍ଦିଷ୍ଟ ଦିବସ ଅଛି କି ? ଶାଳିନୀ କହିଲା -ହଁ ଯେ । ତୋ ବିଜ୍ଞାନ ଗୁରୁଜୀ କଣ ଏକଥା କହିନାହାନ୍ତି ? ଆରେ ଶେଷ ପରିୟଡରେ ପରା ଗୁରୁଜୀ ଏକଥା ବତେଇଲା ବେଳକୁ ଛୁଟିଘଂଟା ବାଜିଗଲା, ତାଙ୍କ କଥାଟି ଅଧୁରା ରହିଲା ......। କିନ୍ତୁ ସେ କହିଥିଲେ ଯେ ପରଦିନ ଏ ବାବଦରେ ସଂପୂର୍ଣ୍ଣ ଭାବେ ବୁଝାଇବେ ବୋଲି । ଦେଖିବୁ କାଲି ସେ ବିଶ୍ୱ ହାତଧୁଆ ଦିବସ ଉପଲକ୍ଷେ ବହୁତ କିଛି ନିଶ୍ଚେ ବତେଇବେ । ନାନୀ ଗୁରୁଜୀ ତ କାଲି ବତେଇବେ, କିନ୍ତୁ ମତେ ଆଜି ସେ ବିଷୟରେ କୁହ ଯେମିତି ଗୁରୁଜୀ ସେ ସଂପର୍କରେ କହିବା ଆଗରୁ ମୁଁ ବୁଝିପାରିବି । ଆଛା ଚାଲ, ମୁଁ ତୋତେ ଆହୁରି କିଛି ଏ ବାବଦରେ ବତାଉଛି । ତୁ ଖାଉ ମୋ କଥା ଶୁଣିନେବୁ । ଠିକ୍ ଅଛି ନାନୀ, କହି ଅଥର୍ବ ଓ ଶାଳିନୀ ଦୁହେଁ ଭୋଜନ କରିବା ପାଇଁ ଖାଇବା ଟେବୁଲ ପାଖରେ ବସିପଡିଲେ । ଅଥର୍ବ, ହାତଧୁଆ ପ୍ରତି ଲୋକଙ୍କ ଭିତରେ ସଚେତନତା ସୃଷ୍ଟି କରିବା ପାଇଁ ୨୦୦୮ରୁ ବିଶ୍ୱ ହାତଧୁଆ ଦିବସ ପାଳିତ ହୋଇଥିଲା । ସେବେଠୁ ପ୍ରତିବର୍ଷ ଅକ୍ଟୋବର ପନ୍ଦରକୁ ହାତଧୁଆ ଦିବସ ରୂପେ ପାଳନ କରାଯାଏ । ଅଥର୍ବ , ଶାଳିନୀ ଆଉ ମାମାଙ୍କ କଥାବାର୍ତ୍ତା ପାଖ କୋଠରିରେ ବସି ଖବରକାଗଜ ପଢୁଥିବା ବେଳେ ବାପା ମନଧ୍ୟାନର ସହ ଶୁଣୁଥିଲେ । ସିଏ ବି ସେମାନଙ୍କ ଆଲୋଚନାରେ ସାମିଲ ହୋଇ କହିଲେ -ପିଲାମାନେ, ତୁମେ ଜାଣିଛ ବିଶ୍ୱ ହାତଧୁଆ ଦିବସରେ ବାର ଲକ୍ଷରୁ ଅଧିକ ବିଦ୍ୟାର୍ଥୀ ଏକାବେଳକେ ହାତ ଧୋଇଥିଲେ । ଗିନିଜ ୱାଲର୍ଡ ରେକର୍ଡ ଅନୁସାରେ ପନ୍ଦର ଅକ୍ଟୋବର ୨୦୧୫ରେ ବିଶ୍ୱ ହାତଧୁଆ ଦିବସରେ ୫୧ଟି ଜିଲ୍ଲାରେ ତେର ହଜାର ୧୯୬ ବିଦ୍ୟାର୍ଥୀ ଅଂଶଗ୍ରହଣ କରି କୀର୍ତ୍ତିମାନ ସ୍ଥାପନ କରିଛନ୍ତି । ଏଥିରେ ସର୍ବପ୍ରଥମ ହାତଧୁଆ ବିଶ୍ୱ ରେକର୍ଡ ଆର୍ଜେଂଟିନା, ପେରୁ ଓ ମେକ୍ସିକୋ ନାମରେ ରହିଛି । ଏହି ଅବସରରେ ହାତଧୁଆ ସପ୍ତାହ ପାଳନ କରାଯାଏ । ହାତଧୁଆ ପ୍ରତି ବ୍ୟାପକ ସଚେତନତା ସୃଷ୍ଟି କରିବା ପାଇଁ ଏକାଧିକ କାର୍ଯ୍ୟକ୍ରମର ଆୟୋଜନ କରାଯାଏ । ବାହା ବାହା ବାପା, ତମେ ହାତଧୁଆ ଦିବସର ଏତେଗୁଡେ ଅଜଣା କଥା ଆମକୁ କହିଲ ,ଭାରି ମଜା ଲାଗିଲା । ଶାଳିନୀ ବି ଯୋଡିଲା - ସ୍ୱଚ୍ଛ ନିର୍ମଳ ହାତରେ ବହୁତ ଦମ୍ ଥାଏ । ଚାଲ, ଆମେ ଦୁହେଁ ମିଳିମିଶି ପ୍ରଥମେ ଭଲ ଭାବରେ ହାତଧୁଆ କରି ସାଥୀ ହୋଇ ଖାଦ୍ୟ ଖାଇବା ।


♥ ଓସ୍କାର ସିଟି, ପ୍ଲଟ ନଂ-୪୫୪, ଲେନ ନଂ-୯, ଲକ୍ଷ୍ମୀସାଗର କେନାଲ ରୋଡ୍, ଭୁବନେଶ୍ୱର, ମୋ -୯୪୩୮୩୩୨୧୩୮

## ବହି ସମୀକ୍ଷା

# 'ନିଷିଦ୍ଧ ବନ' ଏକ ପୁଷ୍ପଗୁଚ୍ଛ



ପ୍ରଭଞ୍ଜନ ଦାଶ

ପୁସ୍ତକ - ନିଷିଦ୍ଧ ବନ
(ଗଳ୍ପ ସଂକଳନ)
ଗାଳ୍ପିକ -
ସୁବ୍ରତ କୁମାର ସେନାପତି
ପ୍ରକାଶନ - ପର୍ଣ୍ଣମା
ମୂଲ୍ୟ - ୧୨୦

ବଗିଚାରେ ଫୁଲଟିଏ ଫୁଟିଲେ ମହକରେ ସାରା ଇଲାକା ଫାଟି ପଡେ। ସୁନ୍ଦରତାରେ ଆଖି ଝଲସି ଯାଏ। ପ୍ରଜାପତି, ଭ୍ରମର, ଭଅଁର ମାନଙ୍କ ସୁଅ ଛୁଟେ ସେହି ଫୁଲଟିର କୋମଳ ସ୍ୱର୍ଶ ଟିକକ ପାଇଁ। ଯଦି ଫୁଲଟି ଏତେ ସୁନ୍ଦର ତେବେ ଫୁଲତୋଡାଟିର ସୁନ୍ଦରତା ସେଥିରୁ ବେଶ୍ ଅନୁମାନୀୟ। ତେବେ ଏହି ପରିପ୍ରେକ୍ଷୀରେ ପୁସ୍ତକ "ନିଷିଦ୍ଧ ବନ"କୁ ପୁଷ୍ପଗୁଚ୍ଛ ସହ ତୁଳନା କରିବାର ଅନେକ ଯଥାର୍ଥତା ରହିଅଛି। ଗାଳ୍ପିକ ନିଜେ ଜଣେ ପୁଷ୍ପ ବିଶାରଦ, ଫୁଲପ୍ରିୟ ମଣିଷ। ତେଣୁ ତାଙ୍କର ସବୁ ସୃଜନତା ଫୁଲ ପରି କୋମଳ, ରମଣୀୟ ଓ ଆକର୍ଷଣୀୟ।

ମଣିଷ ଜୀବନରେ ଭରି ରହିଥିବା ଅନେକ ଅଦେଖା ରଙ୍ଗ, ଅକୁହା କଥା ଓ ଅସୁମାରୀ ଭାବନାକୁ କଳ୍ପନା କାନଭାସରେ ଗଳ୍ପ ରୂପରେ ତୋଳି ଧରିବାରେ ଖୁବ୍ ମାହିର ପ୍ରତିଭାବାନ ଯୁବଲେଖକ ତଥା ପ୍ରବଳ ସାହିତ୍ୟ ଅନୁରାଗୀ ସୁବ୍ରତ କୁମାର ସେନାପତି। ତାଙ୍କର ସମସ୍ତ ଗଳ୍ପ ସାମ୍ପ୍ରତିକ ସମାଜରେ ଘଟୁଥିବା ଅନେକ ସୁକ୍ଷ୍ମାତି ସୁକ୍ଷ୍ମ ଘଟଣା ଉପରେ ଆଧାରିତ।

ଗାଳ୍ପିକଙ୍କ ସୃଜନ କଲମର ଅନେକ କୃତିତ୍ୱ ସୃଷ୍ଟି ପୁସ୍ତକ "ନିଷିଦ୍ଧ ବନ" ପ୍ରଥମ ଗଳ୍ପ ସଂକଳନ ଅଟେ। ଏହି ପୁସ୍ତକରେ ସ୍ଥାନିତ କୋଡିଏଟି ଗଳ୍ପରେ ଶବ୍ଦ, ଭାବନା ଓ ଅନ୍ତରର ଆବେଗତା ଇତ୍ୟାଦି ସ୍ପଷ୍ଟ ଭାବେ ବାରି ହୋଇପଡେ। ଭିନ୍ନଭିନ୍ନ କଥାବସ୍ତୁ ଉପରେ ଆଧାରିତ ଗଳ୍ପ ସବୁର ଚରିତ୍ର ଓ ଉପସ୍ଥାପନ ଶୈଳୀ ଅତ୍ୟନ୍ତ ମନଛୁଆଁ।

ପୁସ୍ତକର ନାମକରଣ ଅନୁଯାୟୀ ଉପସ୍ଥାପିତ ଗଳ୍ପ "ନିଷିଦ୍ଧ ବନ" ର କାହାଣୀଟି ବେଶ୍ ସମସାମୟିକଧର୍ମୀ। ଉକ୍ତ କଥାବସ୍ତୁରେ ସ୍ଥାନିତ ଶ୍ୟାମଳୀ ଓ ଅଚ୍ୟୁତର ଚରିତ୍ର ଖୁବ୍ ଜୀବନ୍ତ। ନନ୍ଦନ ବନ ନାମକ ଏକ ବିଧବାଶ୍ରମ ପରିବେଶରେ ପ୍ରତ୍ୟେହ କାମ କରି ନିଜର ଗୁଜୁରାଣ ମେଣ୍ଟାଉଥିବା ଶ୍ୟାମଳୀ ଉକ୍ତ ମାଲିକାଣୀଙ୍କ ସହାନୁଭୂତି ଓ ସହଯୋଗରେ ନିଜକୁ ଖୁବ୍ ଭାଗ୍ୟବାନ ମନେକରେ। ତାଙ୍କ ଭିତରେ ସେ ଅନୁଭବ କରେ ଦେବୀ ଲକ୍ଷ୍ମୀଙ୍କର ଏକ ରୂପକୁ। ସେହି ସ୍ନେହ ଭଲପାଇବା ଟିକକ ଭିତରେ ଶ୍ୟାମଳୀ ଭୁଲିଯାଏ ତା' ମଦୁଆ, ଅସାମାଜିକ ସ୍ୱାମୀର ଅକଥନୀୟ ନିର୍ଯ୍ୟାତନାସବୁ। ପରନ୍ତୁ ପରବର୍ତ୍ତୀ ସମୟରେ ଶ୍ୟାମଳୀର ଭାବନା ସମ୍ପୂର୍ଣ୍ଣ ଭୁଲ୍ ପ୍ରମାଣିତ ହୁଏ। ନିଜକୁ ରକ୍ଷା କରିବା ପାଇଁ ଶ୍ୟାମଳୀ ଯେଉଁ ନନ୍ଦନବନକୁ ସ୍ୱର୍ଗପୁର ବୋଲି ଭାବିଥାଏ ବାସ୍ତବରେ ତାହା ଏକ ନର୍କକୁଣ୍ଡ। ଯେଉଁଠି ସେବା ବଦଳରେ ମେଣ୍ଟୁଥାଏ ଦେହର ଭୋକ। ସେବେଠାରୁ ଶ୍ୟାମଳୀ ନଜରରେ ନନ୍ଦନବନ ସାଜେ ନିଷିଦ୍ଧ ବନ। ଯେଉଁଠିକୁ ଯିବା ସବୁଦିନ ତା' ପାଇଁ ନିଷିଦ୍ଧ।

ଯେଉଁପରି ପୁରୁଷ ଶରୀରରେ ଲୁଚି ରହିଥିବା ନାରୀ ପ୍ରବୃତ୍ତିକୁ ଏ ସମାଜରେ କିପରି ଘୃଣ୍ୟ ମନେ କରାଯାଏ। ସମସ୍ତଙ୍କ ନଜରରେ ସେ କିପରି ଅଲୋଡ଼ା ଅଦରକାରୀ ସାଜେ, ଏସବୁର ଏକ ନିଆରା ଉପସ୍ଥାପନା "ଦୃଷ୍ଟିକୋଣ : ଆଠଟି ଷ୍ଟେଜ୍" ଗଳ୍ପରେ ପର୍ଯ୍ୟବେସିତ। ସ୍ୱଚ୍ଛ, ସୀମିତ ଶବ୍ଦ ବିନିଯୋଗରେ ପ୍ରତି ଷ୍ଟେଜରେ ଘଟଣାର ବିଭିନ୍ନ ଦୃଶ୍ୟ ଯେତିକି ଜୀବନ୍ତ ସେତିକି ହୃଦୟସ୍ପର୍ଶୀ।

ପୁସ୍ତକରେ ସ୍ଥାନିତ ପ୍ରାୟ ସମସ୍ତ ଗଳ୍ପରେ ତୁଳନା, ଉପମା ତଥା ଅଳଙ୍କାରିକ ଅର୍ଥରେ ଫୁଲର ବ୍ୟବହାର କରାଗଲେ ମଧ୍ୟ ଫୁଲକୁ ମୁଖ୍ୟ ବିଷୟ ଭାବେ ଆଧାର କରି ଗଳ୍ପ "ଶ୍ୱେତ ଗୋଲାପର ହସ" ଅତ୍ୟନ୍ତ ମନଛୁଆଁ। ଶ୍ୱେତ ଗୋଲାପ ପ୍ରତି ଥିବା ଝିଅଟିର ଅହେତୁକ ଆବିଳତାକୁ ଚରିତାର୍ଥ କରିବାକୁ ପ୍ରୟାସ କରି ମାଆ ଗୋପନୀୟ ଭାବେ ପଡୋଶୀଙ୍କ ବଗିଚାରୁ ଶ୍ୱେତ ଗୋଲାପକୁ ତୋଳି ନେଇ ଉପହାର ସ୍ୱରୂପ ଝିଅକୁ ଜନ୍ମଦିନରେ ପ୍ରଦାନ କରିଛନ୍ତି । ବଗିଚାରେ ଫୁଲଟିକୁ ନପାଇ ପଡୋଶୀଙ୍କ ମନକଷ୍ଟ ହେବା ସ୍ୱାଭାବିକ। ପରନ୍ତୁ ଘଟଣା ଶେଷରେ ଫୁଲମାଳ ପିନ୍ଧା ସେହି ଝିଅଟିର ଟେବୁଲ ପାଖେ ନିଜ ବଗିଚାର ଶ୍ୱେତ ଗୋଲାପକୁ ଦେଖି ପଡୋଶୀ ଜଣଙ୍କ ଆଖିରେ ଭରିଯାଇଛି ଅସୁମାରୀ ଲୁହ ଓ ଛାତିରେ ଅକଥନୀୟ କୋହ।





ଉଦ୍ଦେଶ୍ୟ ମୂଳକ ଭାବେ ଶାରୀରିକ ଲାଳସା ରଖି ଆଜିକାଲି ଶିକ୍ଷାନୁଷ୍ଠାନରେ ନିରୀହ ଝିଅଟିକୁ କିପରି ନିର୍ଯାତିତ ହେବାକୁ ପଡେ ଏବଂ ବିଭିନ୍ନ ଘାତ ପ୍ରତିଘାତ ଭିତରେ ଚାଲିବାକୁ ହୁଏ ଏସବୁର ଭୟାବହ ରୂପ ଗଳ୍ପ "ଶିକାରୀର ହସ"ରେ ଅତି ଚମତ୍କାର ଭାବରେ ଚିତ୍ରିତ।

ରୂପେଲି ପରଦାରେ ସୁନେଲି ଜୀବନର ଚିତ୍ର ଆଙ୍କୁଥିବା ଅଭାଗିନୀ ନାରୀର ପାରିବାରିକ ଜୀବନ ଯେ କେତେ ଘଟଣା ବହୁଳ ତାହା ଗଳ୍ପ "ମସୀଲିପ୍ତ ମାତୃତ୍ୱ"ରେ ପ୍ରତିଫଳିତ। ଗଳ୍ପର ପ୍ରାରମ୍ଭରେ ଚପଳ ବୟସର ପୁଅଟେ ନିଜ ସହପାଠୀନିକୁ ବଳାତ୍କାର କରି ପଳାୟନ କରୁଥିବା ବେଳେ ମାତୃତ୍ୱର ଅହେତୁକ ଅବିଳତା ତାକୁ ପୁନଶ୍ଚ ଘରକୁ ଫେରାଇ ଆଣିବା ପାଇଁ ପ୍ରୟାସ କରେ। ପରନ୍ତୁ ନିଜ ସନ୍ତାନର ଏଭଳି କ୍ରୁର କାର୍ଯ୍ୟ ପାଇଁ ମାଆ ହିଁ ନିଜେ ଦାୟୀ ଅଟେ। ରୂପେଲି ପରଦାର ଦୁନିଆ ପଛରେ ପଡି ନିଜ ଘର ପରିବାର ଓ ସନ୍ତାନ ପ୍ରତି କରିଥିବା ଅବହେଳାର ଫଳସ୍ୱରୂପ ନିଜ ପୁତ୍ରର ଏଭଳି ଚରିତ୍ର ଓ ମାନସିକତା। ପରବର୍ତ୍ତୀ ସମୟରେ ଅନୁତାପ ଓ ପଶ୍ଚାତାପର ନିଆଁରେ ଜଳି ନିଜକୁ ନିଜେ ଶେଷ କରିଦେବାର ଦୃଢ଼ ସିଦ୍ଧାନ୍ତ ନିଏ ସେହି ପୁଅଟି। ଯାହାର ମୂକସାକ୍ଷୀ ରୂପେ ନିରବଦ୍ରଷ୍ଟା ସାଜି କେବଳ କାନ୍ଦୁଥାଏ ଏକ ମାଆର ମମତା।

"ନିଷିଦ୍ଧ ବନ" ପୁସ୍ତକରେ ସ୍ଥାନିତ ଗଳ୍ପ ଯଥା ରକ୍ତକଇଁ, କନ୍ଥା, ଅପରାଜିତା, ଅର୍ଦ୍ଧାଙ୍ଗିନୀ, ମଶାରୀ, କଳାରଙ୍ଗ, ମୁକ୍ତି, କାପୁରୁଷ, ମେଘାମିଶ୍ର, ନୀରବ ଏପ୍ରିଲ ଇତ୍ୟାଦିର ସ୍ୱାଦ ଖୁବ୍ ନିଆରା। ପ୍ରତ୍ୟେକ ଗଳ୍ପର ଗଠନଶୈଳୀ ଚମତ୍କାର ଓ ପୃଷ୍ଠଭୂମି ବେଶ୍ ରମଣୀୟ ଅଟେ।

ଏହି ଗଳ୍ପ ସଂକଳନର ପ୍ରତ୍ୟେକ ଗଳ୍ପ ଏକ ଫୁଲକଡ଼। ଯାହାର ମହକ ଯେତିକି ମନଛୁଆଁ ରୂପରଙ୍ଗ ସେତିକି ଆକର୍ଷଣୀୟ। ସେହି ଦୃଷ୍ଟିରୁ ଭିନ୍ନ ଭିନ୍ନ ଫୁଲ ସଦୃଶ ଅନେକ ସୃଜନ ଗଳ୍ପର ସମାହାରରେ ସୃଷ୍ଟି ଗଳ୍ପ ସଂକଳନ "ନିଷିଦ୍ଧ ବନ" ଏକ ପୁଷ୍ପଗୁଚ୍ଛର ସଂଭାର ଅଟେ। ଯାହାର ପ୍ରତ୍ୟେକଟି ଫୁଲରେ ଭରି ରହିଛି ପ୍ରେମ-ବିରହ,ହସ-ଲୁହ, ପର-ଆପଣାର ଏକ ନୂତନ ଅନୁଭବ।

ପୁସ୍ତକଟିର ଗଠନ, ପ୍ରଚ୍ଛଦ, ମୁଦ୍ରଣ ରୂପରେଖ ପାଇଁ ପ୍ରକାଶକଙ୍କ ସୃଜନତା ଅତ୍ୟନ୍ତ ଶାଣିତ ଅଟେ। ତେବେ ପୁଷ୍ପଗୁଚ୍ଛ ପରି ଆକର୍ଷଣୀୟ, ରମଣୀୟ ଗଳ୍ପ ସଂକଳନ "ନିଷିଦ୍ଧ ବନ" ସବୁବର୍ଗର ପାଠକଙ୍କ ହୃଦୟକୁ ସ୍ୱର୍ଶ କରି ନିଶ୍ଚୟ ପାଠକୀୟ ଆଦରତା ଭରିଦେବ ଏହା କହିବା ନିଃସନ୍ଦେହ ଅଟେ।

ପ୍ଲଟ୍ ନମ୍ବର - ୪୫୧୦/୫୬୯୫,
ଗଳି - ୫, ମେଘେଶ୍ୱର କଲୋନୀ,
ଟଙ୍କପାଣି ରୋଡ୍,
ଭୁବନେଶ୍ୱର – ୭୫୧୦୧୮

# ଗାଁ ଗୀତ

## (ମାଟି ଅଗଣାର ବିରହ ବିଧୁର ଗାଥା... ମୋ' ଗାଁର କଥା)

ଭାଗ-୨୯

ପ୍ରାୟ ପ୍ରତ୍ୟେକ ସୃଜନଶୀଳ ମଣିଷ ଭିତରେ ଗାଁ ଟିଏ ଥାଏ । ରାଜଦୁଲାଳୀ ପଣତ ଅତର ମହକ ପରି ସେଇ ଗାଁର ବାସ୍ନା । ତାକୁ ଏମିତି ଅଥୟ କରେ ଯେ ଛାଡ଼ି ଆସିଥିବା ପିଛିଲା ଦିନର ପାଦଚିହ୍ନ ତା' ଭିତରେ ଥିବା କବିକୁ ଉସୁକାଏ- ଲେଖ୍...ଲେଖ୍...ଲେଖ୍‌ରେ ମୋ କଥା । ସେଇ ଉହୁଁକାପଣର ଦାୟରେ ଏଇଠି ମାଟି ଅଗଣାର ବିରହ ବିଧୁର ଗାଥା... ମୋ ଗାଁର କଥା... ।



ଉମାକାନ୍ତ ରାଉତ(ଅରୂପ)
ପ୍ଲଟ ନମ୍ବର-୭୬୨,
ପ୍ରଥମ ମହଲା, ନିଳାଦ୍ରି ବିହାର,
ସେକ୍ଟର-୩, ଭୁବନେଶ୍ୱର-୨୧
ମୋ: ୯୪୩୭୨୬୭୧୨୫

କମନୀୟ ତା' ନବବଧୂର
ଅବଗୁଣ୍ଠିତ ଚାଲି
ଚିରଯୌବନା ନଈର ସୁଅ
ନଇ ପଠାର ବାଲି । ୨୯୭ ।

ନଈକୂଳର ତୁଠ ପଥର
ଭୁଆସୁଣୀର ପାଦ
ପାଉଁଜି ମଜା ଶବଦ ଶୁଣେ
ନଈର ବାଲିକୁଦ । ୨୯୮ ।

ଫୁଲ ଉଡ଼ିଲେ ଚାଷୀ ଦୁହିତା
କାନି ଉଡ଼ାଇ ଧାଏଁ
ବାଉଳା ବାଆ ବାସ୍ନା ସମ
ଧାନ ଗଛରେ ଡିଏଁ । ୨୯୯ ।

ଗାଆଁର ତାଳ ତମାଳ ବଣେ
ଆକାଶ ଗାଏ ଗୀତ
ପାର୍ବଣ ଗଲେ ହେଁସ ଘୋଡ଼େଇ
ଗାଆଁକୁ ପଶେ ଶୀତ । ୩୦୦ ।

ଗାଆଁରୁ ଦିଶେ ଯନ୍ତ୍ର ସହର
କାରଖାନାର ନିଆଁ
କୁନା ମାଆର ମଥାନ ଫାଡ଼ି
ଉଠେ କୁଣ୍ଡଳୀ ଧୂଆଁ । ୩୦୧ ।

ଗାଆଁ ମନ୍ଦିର ଚୂଡ଼ାକୁ ଛୁଇଁ
ବହେ ଶୀତଳ ବାଆ
ଗାଁ ନୁହେଁ ସେ ଜୀବନ ରେଣୁ
ଅମୃତ ସମ ଆହା ! । ୩୦୨ ।

ଗୋବିନ୍ଦା ଭାଇ ଲାଉ ଧୁଡୁକି
ମାଧ ବଇଁଶୀ ସ୍ୱନ
ଯେତେ ଶୁଣିଲେ ପୁରେନା ପେଟ
ସେଇଠି ଲାଖେ ମନ । ୩୦୩ ।

ମୋହନା ଭାଇ ଟୀକା ଗୋବିନ୍ଦ
କେନ୍ଦେରା ଯୋଗୀ ଗୀତ
କପୋତୀ ଗାଏ ସେର ପୁରିଲା
ଉଠରେ ଉଠ ପୁତ । ୩୦୪ ।

ରକତ ହୋଇ ତାହାରି ଜଳ
ଶିରାରେ ମୋର ବହେ
ଯେଉଁଠି ଥାଏ ପବନ କାନେ
ତା' କଥା ମୋତେ କହେ । ୩୦୫ ।

ବରଗଛର ଉଚ୍ଚା ଡାଳରୁ
ମାମୁଁଙ୍କ ଗାଆଁ ଦିଶେ
ତାଙ୍କ ଗାଆଁରୁ ମାଳତୀ ନିତି
ପରିବା ବିକି ଆସେ । ୩୦୬ । (କ୍ରମଶଃ)



କଲମ ଆଜ୍ ଉନକୀ ଜୟ ବୋଲ୍
ଯୋ ଚଢ଼ ଗୟେ ପୁଣ୍ୟ ବେଦୀ ପର୍
ଲିୟେ ବିନା ଗରଦନ୍ କା ମୋଲ୍,
ସାକ୍ଷୀ ହେଁ ଜିନକୀ ମହିମା କେ
ସୂର୍ଯ୍ୟ, ଚନ୍ଦ୍ର, ଭୂଗୋଲ୍, ଖଗୋଲ୍
କଲମ ଆଜ୍ ଉନକୀ ଜୟ ବୋଲ୍ ...

- ରାଷ୍ଟ୍ରକବି ଶ୍ରୀ ରାମଧାରୀ ସିଂହ 'ଦିନକର'



# ବମ୍ ତୁଲ୍ ବୁଖାରା



ଦୀପକ ରଂଜନ ମିଶ୍ର

## ॥ ସନୀର ଶନି ଦଶା ॥

ଇଂରେଜମାନେ ଯେଉଁ ଅରାଜକତା, ଭ୍ରମ ତଥା ଅନିଶ୍ଚିତତା ଭିତରେ ଆଣ୍ଡାମାନବାସୀଙ୍କୁ ଛାଡ଼ି ଯାଇଥିଲେ ତାହାର ଅନ୍ତ ଘଟେ ମାର୍ଚ୍ଚ ୨୩ ତାରିଖ ଭୋର ସକାଳୁ । ୱାୟରଲେସ୍ ଷ୍ଟେସନ୍‌ର ଭୀଷଣ ବିସ୍ଫୋରଣ ଥାଏ ଜାପାନୀଙ୍କ ଆଗମନର ସଂକେତ । ତା'ର କିଛିଘଣ୍ଟା ମଧ୍ୟରେ ସାରା ଦ୍ୱୀପରେ ସ୍ଥାନେ ସ୍ଥାନେ ବନ୍ଧୁକଧାରୀ ଜାପାନୀ ସୈନିକ ବୁଲୁଥିବା ଦେଖିବାକୁ ମିଳନ୍ତି । ଇଂରେଜଙ୍କ କବଳରୁ ସେମାନଙ୍କୁ ଉଦ୍ଧାର କରିବା ଲକ୍ଷ୍ୟ ନେଇ ଜାପାନୀମାନେ ଆସିଛନ୍ତି ଭାବି ଦ୍ୱୀପବାସୀ ଭାରି ଖୁସି ହୁଅନ୍ତି । ଅତିଥି ଅଭ୍ୟାଗତଙ୍କ ଭଳି ସେମାନଙ୍କୁ ସ୍ୱାଗତ ଜଣାଇବା ସହ ତାଙ୍କର ଅଭ୍ୟର୍ଥନାରେ ଲାଗିପଡ଼ନ୍ତି ଦ୍ୱୀପବାସୀ । ଏବରଦୀନ୍ ବଜାରର ସୋଡ଼ା ଦୋକାନୀ, ଗୁରୁମୂର୍ତ୍ତି ସେଦିନ ଜାପାନୀଙ୍କୁ ମାଗଣାରେ ସୋଡ଼ା ପିଆଇବା ବେଳେ ସେଠିକା ଜଳଖିଆ ଦୋକାନୀମାନେ ତାଙ୍କ ଦୋକାନକୁ ଡାକି ପେଟପୂରା ଖାଇବାକୁ ଦେଉଥାନ୍ତି ।

ସ୍ଥାନୀୟ ବାସିନ୍ଦାଙ୍କ ଏଭଳି ସହଯୋଗର ଫାଇଦା ଉଠାଇବାକୁ ଲାଗନ୍ତି ଜାପାନୀ ସୈନିକମାନେ । ଲୋକଙ୍କ ଘରେ ତଥା ଦୋକାନରେ ଯାହା ସେମାନଙ୍କ ଆଖିରେ ପଡ଼େ ତାକୁ ବିନା ସଂକୋଚରେ ଉଠାଇବା ଆରମ୍ଭ କରନ୍ତି । ସେମାନଙ୍କ ପ୍ରତିରୋଧ କରିବାକୁ କାହାରି ସାହସ ହୁଏନି । କରି ବା ଲାଭ କ'ଣ ? ଛଡ଼େଇ ନେଇଥିବା ଜିନିଷ ଆଉ କ'ଣ ସେମାନେ ଫେରାଇବେ ? ତେଣୁ ଲୋକେ ସବୁକିଛି ସହିଯିବାକୁ ସ୍ଥିର କରିଥାନ୍ତି । ଆସ୍ତେ ଆସ୍ତେ ସୈନିକମାନଙ୍କ ଉପଦ୍ରବ ବୃଦ୍ଧି ପାଇବାକୁ ଲାଗେ । ଘର ଭିତରକୁ ଧସେଇ ପଶି ଟଙ୍କା ପଇସା, ଗହଣା ଲୁଟିବା ସହ ଯୁବତୀ ଝିଅବୋହୂଙ୍କୁ ଅସଦାଚରଣ କରିବାକୁ ବି ସେମାନେ ପଛାନ୍ତି ନାହିଁ । ଅଧିଗ୍ରହଣର ଦ୍ୱିତୀୟ ଦିନ ହିଁ କିଛି ଏମିତି ଘଟଣା ଘଟେ ଯାହା ଦ୍ୱୀପବାସୀଙ୍କ ମନରୁ ଜାପାନୀଙ୍କ ପ୍ରତି ଥିବା ଗଭୀର ଆସ୍ଥା ତଥା ବିଶ୍ୱାସକୁ ସମ୍ପୂର୍ଣ୍ଣ ଭାବେ ଦୋହଲେଇ ଦେବାକୁ ଥାଏ ଯଥେଷ୍ଟ । ସେଦିନର ସ୍ମୃତିଚାରଣ କରି ଆଶିକ ଅଲୀ କହନ୍ତି ଯେ ସେମାନେ ସୈନିକଙ୍କ ଦ୍ୱାରା ସୃଷ୍ଟ ଅରାଜକତାର ଅବଧି ଖୁବ୍ ଅଳ୍ପ ଦିନର ବୋଲି ଭାବୁଥିଲେ । ଥରେ ଦ୍ୱୀପ ଉପରେ ଜାପାନୀଙ୍କ ଅଧିକାର ସାବ୍ୟସ୍ତ ହୋଇଗଲେ ସୈନିକଙ୍କ ଏଇ ମନମୁଖୀ କାର୍ଯ୍ୟ ଆଉ ରହିବନି । ସେତିକି ଦିନ ପର୍ଯ୍ୟନ୍ତ ମୁଣ୍ଡ ନୁଆଁଇ ଚଳିଗଲେ ଯାଏ । କାହିଁକି ପ୍ରତିରୋଧ କରି ସୈନିକଙ୍କ ରୋଷର ଶିକାର ହେବାକୁ ଯିବେ ସେମାନେ । କିନ୍ତୁ ପରିସ୍ଥିତି ଆସ୍ତେ ଆସ୍ତେ ଅସମ୍ଭାଳ ହେବାକୁ ଲାଗେ । ଘର ଆଗରେ ଥିବା ପିଣ୍ଡାରେ ବସି ସାଙ୍ଗସାଥୀଙ୍କ ସହ କଥାବାର୍ତ୍ତା ହେଉଥିବା ବେଳେ ହଠାତ୍ ଜଣେ ସୈନିକ ତାଙ୍କ ଘରକୁ ପଶି ତା' ପସନ୍ଦର କିଛି ଜିନିଷ ଉଠାଇ ବାହାରକୁ ବାହାରିଯାଏ । ତାହାର ଏଭଳି ବ୍ୟବହାର ଦେଖି ଭିତରେ ଭିତରେ ଭାରି ରାଗିଯାଆନ୍ତି ଆଶିକ୍ ଅଲୀ । ହେଲେ କିଛି କହିବାକୁ ସାହସ ହୁଏନି ତାଙ୍କର । ଠିକ୍ ସେତିକିବେଳେ ପାଖରେ କୋଉଠି ଲାଗ୍ ଲାଗ୍ ବନ୍ଧୁକ ଫୁଟିବାର ଶବ୍ଦ ଶୁଭେ । ଘଟଣା କ'ଣ ଜାଣିବା ପାଇଁ ତରତର ହୋଇ ରାସ୍ତାକୁ ଆସି ଦେଖନ୍ତି କିଛି ଜାପାନୀ ସୈନିକ ତାଙ୍କ ମାମୁଙ୍କ ଘର ଆଡ଼କୁ ଲକ୍ଷ୍ୟ କରି ଗୁଳି ଫୁଟାଉଥିବାର । ସେମାନେ କିଛି ସମୟ ଫାୟାରିଂ କରି ସେଠାରୁ ଚାଲିଯିବାରୁ ତାଙ୍କ ମାମୁଁପୁଅ ଭାଇ ଜୁଲ୍‌ଫିକର (ସନୀ) ଓ ଆଫ୍‌ତାବ୍ ଛାନିଆଁ ହୋଇ ବାହାରକୁ ବାହାରି ଅନ୍ୟଜଣେ ପଡ଼ୋଶୀଙ୍କ ଘର ଭିତରକୁ ପଶିଯାଆନ୍ତି । ସେମାନେ ଖୁବ୍ ଡରିଯାଇଥିବା ଭଳି ଦେଖାଯାଉଥାନ୍ତି । ଘଟଣା କ'ଣ ତାହା ପଚାରିବାକୁ ଆଶିକ୍ ଅଲୀ ଘର ଭିତରକୁ ଯାଆନ୍ତି ଆଉ ଦୁଇ ଚାରିଜଣ ସ୍ଥାନୀୟ ଲୋକଙ୍କ ସହିତ । ଘରର ସମସ୍ତ ସଦସ୍ୟ ଥାଆନ୍ତି ଆତଙ୍କିତ ଅବସ୍ଥାରେ । ଟିକିଏ ପୂର୍ବରୁ ଜାପାନୀ ୱାରେଣ୍ଟ ଅଫିସର କେତେଜଣ ସିପାହୀଙ୍କ ସହ ଘର ଭିତରକୁ ପଶି ଭାଡ଼ିରୁ କିଛି କୁକୁଡ଼ା ନେବାସହ ଘରର ମହିଳାମାନଙ୍କ ପ୍ରତି ଅସଦାଚରଣ କରିବାରୁ ଆଫ୍‌ତାବ୍ ରାଗି ସେମାନଙ୍କୁ ଘରୁ ଚୁପ୍‌ଚାପ୍ ବାହାରି ଯିବାକୁ କହେ । ହେଲେ ସିପାହୀମାନେ କି ଡରିବା ଲୋକ । ଜଣେ ତା ବନ୍ଧୁକର ସଙ୍ଗୀନ୍‌କୁ ଆଫ୍‌ତାବ୍‌ର ଛାତିରେ ଲଗାଇ ରଖିବା ବେଳେ ଆଉ ଜଣେ ତା' ପିଠିରେ ବନ୍ଧୁକ ଲଗାଇ ତାକୁ ଚୁପ୍ ରହିବାକୁ ଧମକ୍ ଦିଅନ୍ତି । ଭାଇର ଏଭଳି ଅବସ୍ଥା ଦେଖି ସାନ ଭଉଣୀଟି ସାହାଯ୍ୟ ଆଶାରେ ଖୁବ୍ ଜୋର୍‌ରେ ଚିତ୍କାର କରିବାରୁ ଆଉ ଜଣେ ସିପାହୀ ତାକୁ ଜବରଦସ୍ତି କୁଣ୍ଢାଇ ପକାଇ ସଭିଙ୍କ ସମ୍ମୁଖରେ ତା'କୁ ଚୁମିବାକୁ ଲାଗେ ପାଗଳଙ୍କ ପରି । ଆଖି ଆଗରେ ଏସବୁ ଦେଖି ମୁଣ୍ଡପୋତି ସହିବା ସମ୍ଭବ ହୋଇ ପାରେନି ୧୯ ବର୍ଷିୟ ଯୁବକ, ସନୀ ପକ୍ଷରେ । ଏଇ ଜାପାନୀଙ୍କର ଏତେ ସାହସ ! ଅନ୍ୟର ଘର ଭିତରକୁ ଧସେଇ ପଶିଆସି ମନକୁ ଯାହା ଇଚ୍ଛା ତାହା କରିବେ ! ତା' ରକ୍ତ ରାଗରେ ଟକ୍‌ମକ୍ ହୋଇ ଫୁଟିବାକୁ ଲାଗେ । ବାପାଙ୍କ ଶୋଇବା ଘର ଭିତରକୁ ପଶିଯାଇ ଉଠାଇ ଆଣେ ତାଙ୍କ ବନ୍ଧୁକ । ଆଫ୍‌ତାବ୍ ତା'ର ସାନଭାଇ ହାତରେ ବନ୍ଧୁକ ଦେଖି ପ୍ରମାଦ ଗଣେ । ଏମାନଙ୍କ ଉପରକୁ ଗୁଳି ନଚଳାଇବାକୁ ନେହୁରା ହୁଏ । ହେଲେ ସନୀ କି ଶୁଣିବା ଲୋକ । ଆଗପଛ କିଛି ବିଚାର ନକରି ଗୁଳି ଚଳାଏ ଜାପାନୀ ୱାରେଣ୍ଟ ଅଫିସରଙ୍କୁ ଲକ୍ଷ୍ୟକରି । ଗୁଳିଟି ଅଫିସରଙ୍କ ଦେହରେ ନବାଜିଲେ ବି ଗାଲପାଖ ଦେଇ ସାଏଁ କି ଚାଲିଯାଏ । ଅପ୍ରତ୍ୟାଶିତ ଗୁଳିଚାଳନା ଯୋଗୁଁ ସିପାହୀମାନେ ସାମାନ୍ୟ ଅନ୍ୟମନସ୍କ ହେବାର ସୁଯୋଗ ଦେଖି ତାଙ୍କ କବଳରୁ ମୁକୁଳି ଆଫ୍‌ତାବ୍ ପଶିଯାଏ ଗୋଟିଏ ଘର ଭିତରକୁ । ସନୀ ହାତରେ ଏବେ ବି ବନ୍ଧୁକ ଥିବାରୁ ସିପାହୀମାନେ ବାହାରକୁ ଚାଲିଯାଇ କିଛି ସମୟ ସେଇ ଘର ଆଡ଼କୁ ଲକ୍ଷ୍ୟକରି ଗୁଳି ଫୁଟାଇ ପୁଣିଥରେ ଆସିବାର ଧମକ୍ ଦେଇ ସେଠାରୁ ଚାଲିଯାଆନ୍ତି । ସୌଭାଗ୍ୟକୁ କାହାରି ଦେହରେ ଗୁଳି ବାଜି ନଥିଲେ ବି ପରିବାରର ସମସ୍ତେ ଜାପାନୀଙ୍କ ପ୍ରତିଶୋଧ ବିଷୟ ଚିନ୍ତାକରି ଆତଙ୍କିତ ହୋଇ ଉଠନ୍ତି ।



जुल्फ़िकार अली ( सनी ) का स्मारक

ସନୀର ବାପା, ଆକବର ଅଲୀ ପୋର୍ଟବ୍ଲେୟାରର ଜଙ୍ଗଲ ବିଭାଗରେ ହେଡ୍‌କ୍ଲାର୍କ ଥାଆନ୍ତି । ଏଇ ଅଘଟଣ ବେଳେ ସେ ଘର ଭିତରେ ନମାଜ ପାଠ କରୁଥିଲେ । ଗୁଳି ଫୁଟିବା ଶବ୍ଦ ଶୁଣି ତରତର ହୋଇ ପାଠ ସମ୍ପୂର୍ଣ୍ଣ କରି ବାହାରକୁ ବାହାରିଲା ବେଳକୁ ନେଡ଼ିଗୁଡ଼ କହୁଣୀକୁ ବୋହିଯିବାର ଅବସ୍ଥା । ଆଉ ଟିକିଏ ଆଗରୁ ହୋଇଥିଲେ ସେ ପୁଅକୁ ବାରଣ କରି ଏତେବଡ଼ ଦୁର୍ଘଟଣାକୁ ହୁଏତ ରୋକିବାରେ ସଫଳ ହୋଇଥାଆନ୍ତେ । ରାଗରେ ଥରୁଥିବା ପୁଅ କାଳେ ଆହୁରି କିଛି ଅଘଟଣ ଘଟାଇ ନଦେଉ ଭାବି ସେ ଛାନିଆଁ ହୋଇ ତା' ହାତରୁ ବନ୍ଧୁକଟି ଛଡ଼ାଇ ନେଇ ଘର ଭିତରେ ଲୁଚାଇ ଦିଅନ୍ତି । ସମସ୍ତ ପରିବାରବର୍ଗଙ୍କ ଆତଙ୍କିତ ଅବସ୍ଥା ଦେଖି ସନୀର କ୍ରୋଧ ବି ଭୟରେ ରୂପାନ୍ତରିତ ହୋଇଯାଏ । କାଳେ ଜାପାନୀମାନେ ଅତର୍କିତ ଭାବେ ପୁଣି ସେମାନଙ୍କ ଘର ଉପରେ ଚଢ଼ାଉ କରିବେ ଭାବି ଆଫ୍‌ତାବ୍ ତା' ସାନଭାଇକୁ ବୁଝାଇ ସୁଝାଇ ପଡ଼ିଶା ଘରକୁ ନେଇଯାଏ ଲୁଚେଇ ଦେବାପାଇଁ ।

ଆଫ୍‌ତାବ୍‌ର ଆଶଙ୍କା ସତ୍ୟ ପ୍ରମାଣିତ ହୁଏ । ଘଟଣା ଘଟିବାର ଅଧଘଣ୍ଟାଏ ଭିତରେ ଜାପାନୀ ୱାରେଣ୍ଟ ଅଫିସର ତାଙ୍କ ସାଥୀରେ ପ୍ରାୟ ଶହେଜଣ ସିପାହୀଙ୍କୁ ନେଇ ପୁଣି ସନୀର ଘର ପାଖରେ ପହଞ୍ଚି ଯାଆନ୍ତି । ଦୁଇଜଣ ସିପାହୀ ତାଙ୍କ ସାଥୀମାନଙ୍କୁ ଘଟଣା ବିଷୟରେ ବୁଝାଇବାକୁ ଚେଷ୍ଟା କରୁଥାନ୍ତି । କେଉଁଠି ସେମାନେ ଠିଆ ହୋଇଥିଲେ, କୋଉଠି ଠିଆ ହୋଇ ପିଲାଟି ସେମାନଙ୍କ ଉପରକୁ ଗୁଳି ଚଳାଇଥିଲା ଇତ୍ୟାଦି । ସ୍ଥାନୀୟ ବାସିନ୍ଦାମାନେ ନିଜ ନିଜ ଘରଭିତରେ ରହି କବାଟ ଫାଙ୍କରୁ ଲକ୍ଷ୍ୟ କରୁଥାନ୍ତି ଜାପାନୀଙ୍କ ଗତିବିଧି । ସବୁ ସିପାହୀ ରାଗରେ ପାଚି ଲାଲ ଦେଖାଯାଉଥାନ୍ତି । ଯେଉଁମାନଙ୍କ ଭୟରେ ଇଂରେଜ ଦ୍ୱୀପ ଛାଡ଼ି ପଳାୟନ କରିଛନ୍ତି ସେଇମାନଙ୍କ ଉପରକୁ ଗୋଟେ ମେଞ୍ଚଡ଼ ଟୋକା ବନ୍ଧୁକ ଉଠାଇ ଗୁଳି ଫୁଟାଇବ .... ! ଏତେବଡ଼ ଅପମାନ କେମିତି ବା ହଜମ୍ ହୁଅନ୍ତା ସେମାନଙ୍କର ? ତାକୁ ତା'ର ଏଇ ଜଘନ୍ୟ ଅପରାଧ ପାଇଁ ଉପଯୁକ୍ତ ଶାସ୍ତି ଭୋଗିବାକୁ ପଡ଼ିବ। ସେଇ ଶାସ୍ତି ହେବ ଅନ୍ୟମାନଙ୍କ ପାଇଁ ଏକ ଚେତାବନୀ । କେହି ଆଖି ଉଠାଇ ଦେଖିଲେ ତା ଆଖି ତାଡ଼ିନେବା ଜାପାନୀକୁ ଭଲ ଭାବରେ ମାଲୁମ୍ । ଘର ଭିତରକୁ ପଶି ଚାରିଆଡ଼ ତନ୍ନ ତନ୍ନ କରି ଖୋଜିଲେ ବି ପରିବାର ବର୍ଗଙ୍କ କାହାରି ବି ଦେଖା ମିଳେନି । ସମସ୍ତେ ଭୟରେ କୁଆଡ଼େ ଚାଲିଯାଇଥାନ୍ତି । ରାଗରେ ଦୁଇଚାରି ରାଉଣ୍ଡ ଗୁଳି ଫୁଟାଇବା ପରେ ଘର ଉପରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦିଆହୁଏ । ଆକବର ଅଲୀଙ୍କ ଘର ଆଖପାଖରେ ଥିବା ଆଉ ଷୋହଳଟି ଘର ମଧ୍ୟ ସେଇ ନିଆଁରେ ଜଳି ଭସ୍ମ ହୋଇଯାଏ । ଲୋକେ ବିକଳରେ ତାଙ୍କ ଛୁଆପିଲାଙ୍କୁ କୁଣ୍ଢେଇ, ସବୁ ଆସବାବପତ୍ର ଘର ଭିତରେ ଛାଡ଼ି ବାହାରି ଆସନ୍ତି ବାହାରକୁ । ସିପାହୀମାନେ ଲୋକଙ୍କୁ ପାଖରେ ଥିବା ଖୋଲା ପଡ଼ିଆରେ ଏକାଠି ହେବାକୁ ଆଦେଶ ଦିଅନ୍ତି । ପାଗଳଙ୍କ ଭଳି ଚାରିଆଡ଼େ ସନୀକୁ ଖୋଜି ଚାଲିଥାନ୍ତି ସେମାନେ । କିନ୍ତୁ ସନୀକୁ ଠାବ କରିବା ସମ୍ଭବ ହୋଇ ପାରେନି । ମେରୀ ନାମକ ଜଣେ ନର୍ସ ତାକୁ ଶାଢ଼ିଖଣ୍ଡେ ଦେବାରୁ ସ୍ତ୍ରୀ ଲୋକ ବେଶରେ ଜାପାନୀଙ୍କ କବଳରୁ ଖସିଯିବାରେ ସଫଳ ହୁଏ ସନୀ ।

ଜାପାନୀ କମାଣ୍ଡର ପୋର୍ଟବ୍ଲେୟାରର ପୋଲିସ ସୁପରିଂଟେଣ୍ଡେଣ୍ଟ ନାରାୟଣ ରାଓଙ୍କୁ ନିର୍ଦ୍ଦେଶ ଦିଅନ୍ତି ଯେମିତି ହେଲେ ସନୀକୁ ଦୁଇଦିନ ଭିତରେ ଖୋଜି ତାଙ୍କ ଆଗରେ ହାଜର କରିବା ପାଇଁ । ତାକୁ ଠାବ କରିବାରେ ଯଦି ସେ ଅକୃତକାର୍ଯ୍ୟ ହୁଅନ୍ତି ତେବେ ସେଇ ଅଞ୍ଚଳର ସମସ୍ତ ଅଧିବାସୀଙ୍କୁ ହତ୍ୟା କରାଯିବ ତୃତୀୟ ଦିନ । ସନୀର ବାପା ଜାପାନୀ କମାଣ୍ଡରଙ୍କ ପାଦତଳେ ପଡ଼ି କେତେ ନେହୁରା ହୁଅନ୍ତି ତାଙ୍କ ପୁଅକୁ କ୍ଷମା କରିଦେବା ପାଇଁ । ଆଉ କେବେ ସେଭଳି ଭୁଲ ହେବନାହିଁ ବୋଲି ଲିଖିତ ଭାବେ କ୍ଷମାପତ୍ର ବି ଦିଅନ୍ତି । କମାଣ୍ଡର କିଛି ବି ଶୁଣିବାକୁ ରାଜି ନଥାନ୍ତି । ଆକବର ଅଲୀଙ୍କୁ ଗୋଇଠା ମାରିବା ସହ କ୍ଷମାପତ୍ରକୁ ଚିରି ତାଙ୍କ ମୁହଁ ଉପରକୁ ଫିଙ୍ଗି ଦିଅନ୍ତି । ଭୁଲ ପାଇଁ ଶାସ୍ତି ଅନିବାର୍ଯ୍ୟ । କୌଣସି ବାହାନା ଏଠାରେ ଚଳିବନି । ଯେମିତି ହେଲେ ତାଙ୍କୁ ସନୀ ଦରକାର, ଜୀବନ୍ତ ଅଥବା ମୃତ । ପଚିଶ ତାରିଖ ଦିନ ଦ୍ୱିପହରେ ସନୀର ଖୋଜ୍ ଖବର ନପାଇବାରୁ ବାଧ ହୋଇ ନାରାୟଣ ରାଓ ଆବେରଦୀନ୍ ବଜାରକୁ ଆସି ତା' ବାପାଙ୍କୁ ବହୁତ ବୁଝାନ୍ତି । ବାରଶ' ବଢ଼େଇର ଦାୟ ନା ପୁଅର ଦାୟ ଭଳି ପରିସ୍ଥିତି ଆକବର ଅଲୀଙ୍କର । କେମିତି ବାପ ହୋଇ ଟେକିଦେବେ ନିଜ କଲିଜାର ଟୁକୁଡ଼ାକୁ ନୃଶଂସ ସିପାହୀଙ୍କ ହାତକୁ । ସେମାନଙ୍କ ହାବୁଡ଼ରେ ପଡ଼ିଲେ ପୁଅ କ'ଣ ଆଉ ଜୀବନ ଧରି ଫେରିବ ? ପଥର ପାଲଟି ଯାଇଥାନ୍ତି ବାପା । ପରିବାରର ସମସ୍ତଙ୍କର ସେଇ ସମାନ ଅବସ୍ଥା । ଘଡ଼ିକୁ ଘଡ଼ି ମୁର୍ଚ୍ଛା ଯାଉଥାନ୍ତି ଜନ୍ମଦାତ୍ରୀ । ସାଇପଡ଼ିଶା ସମସ୍ତେ ଆତଙ୍କିତ । ସନୀକୁ ନପାଇଲେ ଆବେଦଦୀନ୍ ବଜାରକୁ ନିଶ୍ଚିହ୍ନ କରିଦେବେ ବୋଲି ଧମକ୍ ଦେଇଛନ୍ତି ଜାପାନୀମାନେ । କେହି ରହିପାରିବେନି ଜୀବନଧରି । ହେଲେ କାହାରି ଜିଭ ଲେଉଟୁ ନଥାଏ ତାଙ୍କ ପରିବାରବର୍ଗଙ୍କୁ ସନୀର ସମର୍ପଣ ପାଇଁ ରାଜି କରେଇବା ଉଦ୍ଦେଶ୍ୟରେ ପଦେ କଥା କହିବା ପାଇଁ । ଗୋରା ତକତକ, ହସମୁଖ୍ ୧୯ ବର୍ଷର ଭେଣ୍ଡିଆ, ସମସ୍ତଙ୍କ ଅତି ପ୍ରିୟର ସନୀ । କେହି ତାକୁ ହରାଇବା ପାଇଁ ଚାହୁଁ ନଥାନ୍ତି । ସମସ୍ତେ ଗଭୀର ଚିନ୍ତାମଗ୍ନ ଥିବା ବେଳେ ହଠାତ୍ ଜଣେ ଚିଠିଟିଏଆଣି ଆକବର ଅଲୀଙ୍କୁ ବଢ଼ାଇ ଦିଏ । ଉପସ୍ଥିତ ସମସ୍ତେ ଉଦ୍‌ବିଗ୍ନ ହୋଇ ତାଙ୍କ ଆଡ଼କୁ ଚାହିଁ ରହନ୍ତି । ଛୋଟ ହାତଲେଖା ଚିଠିଟିଏ ଲେଖି ପଠାଇଛି ସନୀ । ବାପାଙ୍କୁ କହିଛି ଲଜ୍ଜିତ ନହେବାକୁ କାରଣ ତାଙ୍କ ପୁଅ କିଛି ଭୁଲ କରିନାହିଁ । ଘର ତଥା ସ୍ତ୍ରୀଲୋକଙ୍କ ମାନରକ୍ଷା ପ୍ରତ୍ୟେକ ପୁରୁଷର କର୍ତ୍ତବ୍ୟ । ତେବେ ସନୀର ବଳିଦାନ ଏବେ ପରିସ୍ଥିତିର ଆବଶ୍ୟକତା ହୋଇ ପଡ଼ିଛି । ସେ ନିଜକୁ ସମର୍ପଣ ନକଲେ ତା' ବନ୍ଧୁବାନ୍ଧବ, ସାଇପଡ଼ିଶା ସମସ୍ତେ ଜୀବନ ହରାଇବେ । ତେଣୁ କାହାରି କିଛି ଚିନ୍ତା କରିବା ଦରକାର ନାହିଁ । ଆସନ୍ତା କାଲି ସକାଳୁ ସେ ତା ଆତ୍ମଗୋପନ ସ୍ଥାନରୁ ନିଜେ ଯାଇ ଜାପାନୀ କମାଣ୍ଡରଙ୍କ ପାଖରେ ଆତ୍ମସମର୍ପଣ କରିବ ।

ମାର୍ଚ୍ଚ ୨୬ ତାରିଖ ଅପରାହ୍ନ ବେଳକୁ ବ୍ରାଉନିଂ କ୍ଲବ୍ ସମ୍ମୁଖରେ ଥିବା ଖୋଲା ପଡ଼ିଆ ହୋଇଯାଇଥାଏ ଲୋକାରଣ୍ୟ । ଗୋଟେ ଖୁଣ୍ଟରେ ବନ୍ଧାହୋଇଥାଏ ସନୀ । ଜାପାନୀ ସିପାହୀମାନେ ଘେରି ରହିଥାନ୍ତି ତାକୁ । ସରକାରୀ କାର୍ଯ୍ୟରେ ବାଧା ଦେବାସହ ଜାପାନୀ ସିପାହୀଙ୍କ ଜୀବନ ନେବାକୁ ଚେଷ୍ଟା କରିଥିବାରୁ ସନୀକୁ ପ୍ରାଣଦଣ୍ଡର ନିଷ୍ପତ୍ତି ଶୁଣାଏ ଫୌଜୀ ଅଦାଲତ । ଏଭଳି ଅବିଚାର ବିରୁଦ୍ଧରେ ପଦେ କହିବାକୁ ବି ଉପସ୍ଥିତ ଜନତାଙ୍କ ମଧ୍ୟରେ କାହାରି ସାହସ କୁଳାଏନି । ସମସ୍ତେ ପାଲଟି ଯାଇଥାନ୍ତି ମୂକ । ପ୍ରତ୍ୟେକଙ୍କ ଆଖିରେ ଲହଡ଼ି ଭାଙ୍ଗୁଥାଏ ଲୁହ । ସନୀ ଚୁପ୍‌ଚାପ୍ ଠିଆହୋଇ ଦେଖୁଥାଏ ଜାପାନୀଙ୍କ ଏଇ ବିଚାର ସୁଆଙ୍ଗକୁ । ଆଉ ତାର ମାତ୍ର କେତୋଟି ମୁହୂର୍ତ୍ତର ହିଁ ଆୟୁଷ ବୋଲି ସେ ଜାଣି ସାରିଥାଏ । ତଥାପି ଭୟର ଛାପ ମୁହଁରେ ନପଡ଼ିବାକୁ ଚେଷ୍ଟାକରି ସେ ହସିଦିଏ ଟିକେ । ତା'ର ଏଇ ହସ ଯେମିତି ନିଆଁ ଚେଙ୍ଗିଦିଏ ଜାପାନୀଙ୍କ ଛାତିରେ । ଜାପାନୀ କମାଣ୍ଡର ସାତ ଆଠଜଣ ସିପାହୀଙ୍କୁ ତାଙ୍କ ମାର୍ଶଲ୍ ଆର୍ଟର ବିଭିନ୍ନ କୌଶଳ ଉପସ୍ଥିତ ଜନତାଙ୍କ ସମ୍ମୁଖରେ ପ୍ରଦର୍ଶନ କରିବାକୁ ଆଦେଶ ଦିଅନ୍ତି । ଜୁଡ଼ୋ, କରାଟେ, କୁମ୍ଫୁ ଇତ୍ୟାଦିର ସମବେତ ପ୍ରୟୋଗ ଚାଲେ ଖୁଣ୍ଟରେ ବନ୍ଧା ହୋଇଥିବା ୧୯ ବର୍ଷିୟ ସନୀ ଉପରେ । ପାଞ୍ଚ ସାତମିନିଟ୍ ଭିତରେ ହାତ, ଗୋଡ଼ ତଥା ପଞ୍ଜରାର ହାଡ଼ସବୁ ଚୂନା ହୋଇଯାଏ । ମୁହଁ, ନାକ ଓ କାନରୁ ଭସ୍ ଭସ୍ ହୋଇ ବୋହିଯାଏ ରକ୍ତ । ପାଣି ଟୋପାଏ ପାଇଁ ନେହୁରା ହୋଇ ଶେଷକୁ ସଜ୍ଞାହୀନ ହୋଇଯାଏ ବିଚରା । ତା'ର ଏମିତି ଅବସ୍ଥା ହୋଇଯାଇଥାଏ ଯେ ଉପସ୍ଥିତ ଜନତା କେହି ତା' ଆଡ଼କୁ ଅନେଇବାକୁ ସୁଦ୍ଧା ସାହସ ଜୁଟାଇ ପାରୁ ନଥାନ୍ତି । ଏତିକିରେ ଜାପାନୀଙ୍କର ପ୍ରତିଶୋଧର ଜ୍ୱାଳା ପ୍ରଶମିତ ହେବା ପରିବର୍ତ୍ତେ ହୁତୁ ହୁତୁ ହୋଇ ଜଳୁଥାଏ । ସେମାନଙ୍କୁ ଯେ ଏକ ଉଦାହରଣ ରଖିଯିବାର ଅଛି ଦ୍ୱୀପବାସୀଙ୍କ ସମ୍ମୁଖରେ । ଆଉ କେବେ ଯେମିତି କେହି ତାଙ୍କ ଆଡ଼କୁ ଆଖି ଉଠାଇ ଚାହିଁବାକୁ କଳ୍ପନା ସୁଦ୍ଧା ନକରନ୍ତି । କମାଣ୍ଡର ଏଥର ବାରଜଣ ବନ୍ଧୁକଧାରୀ ସିପାହୀଙ୍କୁ ଆଦେଶ ଦିଅନ୍ତି ପୂର୍ଣ୍ଣାହୁତି ପାଇଁ ଆଗେଇ ଆସିବାକୁ । ଗୋଟିଏ ଧାଡ଼ିରେ ବନ୍ଧୁକଧାରୀମାନେ ଛିଡ଼ାହୋଇ ଇଙ୍ଗିତ ପାଇବା ମାତ୍ରେ ଏକା ସାଙ୍ଗରେ ଦୁଇ ରାଉଣ୍ଡ ଗୁଳି ଚଳାନ୍ତି ସେଇ ସଜ୍ଞାହୀନ ମାଂସପିଣ୍ଡୁଳାକୁ ପ୍ରାଣହୀନ କରିଦେବା ଉଦ୍ଦେଶ୍ୟରେ ।

ଘଟଣାକୁ ୮୦ ବର୍ଷ ବିତିଗଲାଣି । ଇତିହାସର ଏଇ ରକ୍ତରଞ୍ଜିତ ପୃଷ୍ଠା ଉପରେ ପରସ୍ତ ପରସ୍ତର ଧୂଳି ଜମାକରି ସାରିଲାଣି ସମୟ । ହେଲେ ଆଜିବି ଆବେରଦୀନ୍ ବଜାରର ବ୍ରାଉନିଂ କ୍ଲବ୍ ବାଟ ଦେଇ ଗଲେ ଆଖିରେ ପଡ଼େ ଅବହେଳିତ ଅବସ୍ଥାରେ ଥିବା ଶହୀଦ୍ ସ୍ମାରକ ଜୁଲ୍‌ଫିକର ଅଲୀ, ସନୀର ମଜାର । ଲାଗିଥିବା ମାର୍ବଲ ଫଳକରେ ଝାପ୍‌ସା ପଢ଼ିହୁଏ ଉର୍ଦ୍ଦୁ ଭାଷାର ପଦେ ଖୁବ୍ କରୁଣ ଅଭିବ୍ୟକ୍ତି :

"ଫୂଲ୍ ତୋ ଦୋ ଦିନ୍ ବହାରେ ଜାନ୍‌ଫିଜାଁ ଦିଖ୍‌ଲା ଗୟେ /
ହସରତ୍ ଉନ୍ ଗୁଞ୍ଚୋଁ ପେ ହୈ ଯୋ ବିନ୍ ଖିଲେ ମୁର୍‌ଝା ଗୟେ ।" (କ୍ରମଶଃ)

ସା./ପୋ- ଧର୍ମଶାଳା, ଜି- ସୁବର୍ଣ୍ଣପୁର, ଓଡ଼ିଶା-୭୬୭୦୩୪, (ମୋ) ୯୪୩୭୨୫୩୭୧୫

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୧୬ ଅକ୍ଟୋବର, ୨୦୨୨



ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com

# ବିପ୍ଲବୀ ଭଗତସିଂ



ପବିତ୍ର ବୀରଭୂମି ଭାରତ ଯାହାର ପ୍ରାଚୀନ ଐତିହ ସଂସ୍କୃତି, ଗୌରବ ସମ୍ବଳିତ, ଯେଉଁଠାରେ ଜନ୍ମ ନେଇଥିଲେ ପର୍ଶୁରାମ, ରାମ ଓ ବଳରାମ । ସେହି ପୂନ୍ୟ ଭୂମିରେ ଦେଶପ୍ରେମ ମାନବର ଏକ ମହନୀୟ ପ୍ରବୃତି । ଦେଶପ୍ରେମ ଏକ ଦିବ୍ୟଚେତନା । ଯେଉଁ ଦେଶ ପ୍ରେମରେ ଉଦ୍‌ବୁଦ୍ଧ ହୋଇ ଚବିଶ ବର୍ଷର ସାହସୀ ଯୁବକ ଟିଏ ହସିହସି ଫାଶୀଖୁଣ୍ଟରେ ଝୁଲି ସହିଦ ହୋଇଗଲା ତାର ନାମ ଭଗତ୍‌ସିଂ । ୧୯୦୭ ମସିହା ସେପ୍ଟମ୍ବର ମାସ ୨୭ ତାରିଖରେ ପଞ୍ଜାବର ଲୟାଲପୁର ଜିଲ୍ଲା (ବର୍ତମାନର ପାକିସ୍ତାନ) ବଙ୍ଗାଗ୍ରାମର ସର୍ଦ୍ଦାର କିଷନ୍‌ସିଂ ଓ ବିଦ୍ୟାବତୀ କୋଳମଣ୍ଡନ କଲେ ଦେଶ ପ୍ରେମୀ ସାହାସୀ ଭଗତ୍‌ସିଂ ।

ଭଗତ୍‌ସିଂ ଜେଜେ ବାପା ଅର୍ଜ୍ଜୁନ୍‌ସିଂ ଇଂରେଜ ଶାସନକୁ ଘୃଣା କରୁଥିଲେ । ତାଙ୍କର ପ୍ରଭାବ ପିଲମାନଙ୍କ ଉପରେ ପଡିଥିଲା । ବିଦ୍ରୋହରେ ଯୋଗଦେଇ ସର୍ଦ୍ଦାର କିଷନ୍‌ସିଂ ଓ ତାଙ୍କର ଦୁଇ ଭାଇ ଜେଲ୍ ଭୋଗିଲେ । ସେମାନେ ବନ୍ଦୀ ଶାଳାରେ ଥିବା ସମୟରେ ଭଗତ୍‌ସିଂ ଜନ୍ମଗ୍ରହଣ କରିଥିଲେ । ଭଗତ୍‌ସିଂ ପ୍ରଥମେ ଖାଲସା ସ୍କୁଲ, ପରେ ଲାହୋରର ଆଂଗ୍ଲୋବେଦିକ୍ ସ୍କୁଲରେ ପାଠ ପଢିଲେ । ସେହି ସ୍କୁଲରେ ମାଟ୍ରିକୁଲେଶନ ପାଶ୍ କରିବା ପରେ ଲାହୋର ନ୍ୟାସନାଲ କଲେଜରେ ପାଠ ପଢିଲେ । ସେ କଲେଜରେ ବିପ୍ଳବୀ ଛାତ୍ର ସୁଖଦେବ ଓ ଯଶ ପାଲଙ୍କ ସହିତ ତାଙ୍କର ପରିଚୟ ହେଲା ।

ଭଗତ୍‌ସିଂ ନବମ ପଢୁଥିବା ସମୟରେ କାନପୁରଠାରେ ବସିଥିବା କଂଗ୍ରେସ ଅଧିବେଶନରେ ଯୋଗ ଦେଲେ । ୧୪ ବର୍ଷର ପିଲାଟି ଇଂରେଜ ସରକାରଙ୍କ ଅତ୍ୟାଚାର ସହି ନପାରି ପଞ୍ଜାବର ବିପ୍ଳବୀ ଦଳରେ ମିଶି ପ୍ରତିବାଦ ଆରମ୍ଭ କରି ଦେଲେ । ସେ କହୁଥିଲେ 'ରକ୍ତ ବଦଳରେ ରକ୍ତ' ନ୍ୟାସନାଲ କଲେଜର ବାତାବରଣ ଥିଲା ଦେଶପ୍ରେମ ଓ ଦେଶଭକ୍ତିର ପରିବେଶ । ଏହି କଲେଜର ଉଦ୍ଦେଶ୍ୟଥିଲା । ସ୍ୱରାଜ୍ୟଲାଭ ପାଇଁ କର୍ମୀ ତିଆରି କରିବା । ଏହି କଲେଜର ଛାତ୍ରମାନେ ସରଳ ନିଡାମ୍ବର ଜୀବନ ଯାପନ ସାଙ୍ଗକୁ ନିଜକାମ ନିଜେ କରୁଥିଲେ ।

ଦିନେ ଭଗତ୍‌ସିଂ, ଯଶପାଲଙ୍କ ସାଥିରେ ରାବି ନଦୀରେ ସନ୍ଧ୍ୟା ସମୟରେ ନୌକା ବିହାର କରୁଥିଲେ । ହଠାତ୍ ଯଶପାଲ କହିଲେ ଭଗତ୍ ଆମେ ଆଜି ଉଭୟ ଦେଶ ପାଇଁ ଜୀବନ ଦେବାକୁ ପଣ କରିବା । ଭଗତ୍‌ସିଂ ପ୍ରତିଜ୍ଞା କଲେ ଉଭୟ ଦେଶ ପାଇଁ ଲଢିବା, ଇଂରେଜ ଶାସନ କବଳରୁ ଦେଶକୁ ମୁକ୍ତ କରିବା । ଦେଶ ମାତୃକା ପାଇଁ ଜୀବନ ଦେଇ ଦେବା । ଉଭୟ ବନ୍ଧୁଙ୍କର ରାବି ନଦୀର ଜଳରାଶି ଉପରେ ପ୍ରତିଜ୍ଞା ଦିନେ ଫଳବତୀ ହେଲା ।

ପରାଧିନତାର ଶୃଙ୍ଖଳରେ ଶୋଇଥିବା ଦେଶକୁ ଉଠାଇବ କିଏ ? ଭଗତ୍‌ସିଂ ଓ ତାଙ୍କର କିଛି ବନ୍ଧୁ ମିଶି 'କୃଷ୍ଣ ବିଜୟ' ନାମରେ ଏକ ନାଟକ ଅଭିନୟ କଲେ । ଏହି ନିଟକରେ ଇଂରଜେମାନଙ୍କୁ କୌରବ ଓ କଂଗ୍ରେସକୁ ପାଣ୍ଡବ ଭାବରେ ବର୍ଣ୍ଣନା କରାଗଲା । ଏହି ନାଟକଟି ସରକାରଙ୍କ ବିରୋଧି ହେଲା । ଇଂରେଜ ସରକାର ନାଟକଟିଙ୍କୁ ବେଆଇନ ଘୋଷଣା କଲେ । ୧୯୨୬ ମସିହାରେ ଭଗତ୍‌ସିଂ ଏଫ.ଏ ପାଶ କରି ବି.ଏ ଶ୍ରେଣିରେ ନାମ ଲେଖାଇଲେ । ଏଠାରେ ପ୍ରସିଦ୍ଧ ବିପ୍ଳବୀ ଶଚୀନ୍ଦ୍ର ନାଥ ସାନ୍ୟାଲଙ୍କର ସେଥିଲେ ଅତିବିଶ୍ୱସ୍ତ । ଶଚୀନ୍ଦ୍ରତାଙ୍କ ବହି 'ବନ୍ଦୀଜୀବନ'ରେ ଭଗତ୍‌ସିଂଙ୍କ ବିଷୟରେ ଲେଖିଛନ୍ତି ।

ଭଗତ୍‌ସିଂଙ୍କ ଛାତ୍ର ଜୀବନର ପୂର୍ଣ୍ଣଛେଦ ପଡିଲା । ପିତା କିଷନ୍‌ସିଂ ବଡ ପୁଅ ଜଗତ୍‌ସିଂଙ୍କର ମୃତ୍ୟୁ ପରେ ବୋହୂଟିଏ ଆଣିବାକୁ ମନସ୍ତ କରିଥିଲେ । କିନ୍ତୁ ତାହା ହୋଇ ପାରିଲା ନାହିଁ । ଭଗତସିଂ ଦେଶ ମାତୃକାର ସେବା ପାଇଁବିବାହ ବନ୍ଧନକୁ ଆଡେଇ ଦେଇଥିଲେ । ସେବିଭା ହୁଅନ୍ତେ କିପରି ? ଦେଶ ପାଇଁ ଜୀବନ ଦେବାକୁ ପଣ କରିଛନ୍ତି । ବିବାହ ବନ୍ଧନକୁ ଆଡେଇ ଦେଇ ନିଖୋଜ ହୋଇଗଲେ । ପିତାଙ୍କ ନିକଟକୁ ଲେଖିଥିବା ଚିଠିରେ ଦେଶ ମାତୃକାର ସେବା ଥିଲା ତାଙ୍କର ପ୍ରଧାନ ଆଭିମୁଖ୍ୟ । ଦେଶଭକ୍ତ ପିତା ଚିଠିଟି ପଢି ଖୁସିରେ ଆଖିରୁ ଦୁଇଟୋପା ଲୁହ ନିଗାଡି ଦେଇଥିଲେ । କିଛି ଦିନପରେ କିଷନ୍‌ସିଂ ପୁତ୍ର ନିକଟକୁ ଚିଠି ଲେଖିଲେ । ଜେଜେମାଙ୍କ ଦେହ ଖରାପ ଓ ତୋତେ ବିଭା ଦେବାକୁ ବାଧ କରାଯିବ ନାହିଁ । ଛମାସ ପରେ ଭଗତ୍‌ସିଂ ଘରକୁ ଫେରି ଜେଜେମାର ସେବା କଲେ ।

ଗଙ୍ଗାନଦୀରେ ବନ୍ୟା ଆସିଥାଏ । ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହିତ ଭଗତ୍‌ସିଂ ବନ୍ୟାଦ୍ୱାରା କ୍ଷତି ହୋଇଥିବା ଲୋକମାନଙ୍କ ସେବାରେ ଲାଗି ପଡଲେ । ଏହି ସମୟରେ ତାଙ୍କର ବିପ୍ଳବୀ ଚନ୍ଦ୍ରଶେଖର ଆଜାଦ୍‌ଙ୍କ ସହିତ କାନପୁରଠାରେ ସାକ୍ଷାତ ହେଲା । ଏହି ସାକ୍ଷାତ ଏକ ଗୁରୁତ୍ୱପୂର୍ଣ୍ଣ ମୂର୍ହୁତ ଥିଲା । ସତେ କଣ ମଣୀକାଂଚନର ଅପୂର୍ବ ମିଳନ ଘଟିଲା । ଦଶହରା ପର୍ବ, ମା ଦୁର୍ଗାଙ୍କ ପୂଜା ଚାଲିଯାଏ । ଲାହୋରରେ 'ରାମଲୀଳା' ଉତ୍ସବରେ ଲୋକମାନଙ୍କ ଉପରେ ବୋମା ମାଡହେଲା । ପଞ୍ଜାବ ପୋଲିସ୍ ବାହିନୀର ଅତ୍ୟାଚାରରେ ଗିରଫ ହେଲେ ୧୯ ବର୍ଷର ଭଗତସିଂ । ବିନା ଦୋଷରେ ବନ୍ଦୀଜୀବନ କଟାଇଲେ ବ୍ରୋଷ୍ଟ ଲଜେଲର ଅନ୍ଧକାର ଗୃହମଧ୍ୟରେ । ମାଜିଷ୍ଟ୍ରେଟ ଷାଠିଏ ହଜାର ଟଙ୍କା ବନ୍ଧକ ଦେଇ ଜାମିନରେ ଛାଡିଦେବାକୁ ରାୟ ଦେଲେ । ତାଙ୍କର ପଇସାର ଅଭାବ ନଥିଲା । ଅନ୍ୟାୟକୁ ପ୍ରଶୟ ଦେଲେ ନାହିଁ । ଶେଷରେ ଉଚ୍ଚ ଅଦାଲତରେ ନିର୍ଦ୍ଦୋଷରେ ଖଲାସହେଲେ ।

୧୯୨୮ ମସିହାରେ 'ସାଇମନ କମିଶନ' ଭାରତ ଆସିଥିଲେ । ଏହି କମିଶନରେ ସାତଜଣ ସଭ୍ୟ କେହି ଭାରତୀୟ ନଥିଲେ । ଭାରତୀୟମାନେ ଏହାକୁ ବିରୋଧ କଲେ । ଲାଲା ଲଜପତ୍‌ରାୟଙ୍କ ନେତୃତ୍ୱରେ ଲୋକମାନେ ଆନ୍ଦୋଳନ କଲେ । ବିକ୍ଷୋଭକାରୀ ମାନଙ୍କ ଉପରେ ପୋଲିସ୍ ସୁପରିନ୍‌ଟେଣ୍ଡଟ୍ ସ୍କଟ୍ ଓ ଯେ ପିସାଣ୍ଡର୍ସ ସାହେବ ଲାଠି ଚଳାଇଲେ । ଏହି ଲାଠି ମାଡରେ ଲାଲାଲଜପତ୍‌ରାୟ ୧୯୨୮ ମସିହା ନଭେମ୍ବର ୧୭ ତାରିଖରେ ପ୍ରାଣ ହରାଇଥିଲେ । ଦେଶରେ ଶୋକର ଛାୟା ଖେଳିଗଲା । ଭଗତ୍‌ସିଂ କାନ୍ଦି ଉଠିଲେ । ପ୍ରତିଶୋଧ ନେବା ପାଇଁ 'ହିନ୍ଦୁସ୍ଥାନ ସୋସାଲିଷ୍ଟରି ପବ୍ଲକାନ୍ ଆର୍ମି' ନାମକ ଏକ ସଙ୍ଗଠନ ଗଢାହେଲା । ଏଥିରେ ଚନ୍ଦ୍ରଶେଖର ଆଜାଦ୍, ସୁଖଦେବ, ଦୁର୍ଗାଦେବୀ ଓ ଭଗତସିଂ ଆଦି ବିପ୍ଳବୀ ଯୋଗ ଦେଲେ । ୧୯୨୮ ଡିସେମ୍ବର ୨୭ ତାରିଖ ଦିନ ପଞ୍ଜାବ ସଚିବାଳୟ ସାମ୍ନାରେ ଯେ. ପିସାଣ୍ଡର୍ସ ଓ ଜଣେ ଗୋରା କନେଷ୍ଟବଲଙ୍କୁ ହତ୍ୟା କରାଗଲା । ଏହାର ମୁଖ୍ୟନାୟକ ଥିଲେ ଭଗତ୍‌ସିଂ । ରାଜଗୁର, ସୁକଦେବ, ଦୁର୍ଗାଦେବୀ ଓ ଭଗତ୍‌ସିଂ ଛଦ୍ମ ବେଶରେ ପୋଲିସ୍ ଆଖିରେ ଧୂଳିଦେଇ କଲିକତା ପଳାଇଗଲେ । ଖଟିଖିଆ ଶ୍ରମିକମାନଙ୍କ ବିରୁଦ୍ଧରେ ଏକ ବିଲ୍ ବିଧାନ ସଭାରେ ଆଗତ ହେଲା । ଏହାକୁ ବିରୋଧ କରି ଭଗତ୍‌ସିଂ ବିପ୍ଳବୀ ବନ୍ଧୁମାନଙ୍କୁ ନେଇ ବିଧାନ ସଭାରେ ଦୁଇଟି ବୋମା ପକାଇ ଦେଲେ । ଗୋରା ସାହେବମାନେ ଜୀବନ ବିକଳରେ ପଳାଇ ଗଲେ । ବିପ୍ଳବୀମାନଙ୍କ "ଇନ୍‌କିଲାବଜିନ୍ଦାବାଦ୍" ଧ୍ୱନିରେ ବିଧାନସଭା ପ୍ରକମ୍ପିତ ହେଲା । ଭଗତ୍‌ସିଂ ଓ ଅନ୍ୟାନ୍ୟ ବିପ୍ଳବୀମାନେ ପୋଲିସ ହାତରେ ଧରା ପଡି ଗିରଫ ହେଲେ । ଜେଲର ଚାରିକାନ୍ଥ ଭିତରେ ଭଗତସିଂଙ୍କ ଉପରେ ହେଲା ଅତ୍ୟାଚାର ।

ବନ୍ଦୀଜୀବନରେ ଭଗତ୍‌ସିଂ ବହୁତ ବହି ପଢୁଥିଲେ । ୧୯୩୦ ମସିହାରେ ତିନିବିପ୍ଳବୀ ବନ୍ଧୁ ସୁଖଦେବ ଓ ଶିବରାମ ସହିତ ଭଗତ୍‌ସିଂଙ୍କୁ ଫାଶୀଦଣ୍ଡ ଆଦେଶ ହେଲା । ଫାଶୀ ଦଣ୍ଡ କଥା ଶୁଣି ଦେଶର ଲୋକମାନେ ଆନ୍ଦୋଳନ ଆରମ୍ଭ କରିଦେଲେ । ୧୯୩୧ ମସିହାମାର୍ଚ୍ଚ ୩ ତାରିଖ ଦିନ ଭଗତ୍‌ସିଂଙ୍କ ବାପାମାଆ ଓ ଅନ୍ୟମାନେ ଭଗତ୍‌ସିଂଙ୍କୁ ଦେଖାକଲେ । ଭଗତ୍‌ସିଂତାଙ୍କ ମାଙ୍କୁକହିଲେ 'ଫାଶୀ ପରେ ମୋର ଶବକୁ ନେବା ପାଇଁ ଆସିବ ନାହିଁ । ଜଣେ ବିପ୍ଳବୀ ବୀରର ମାଆ ହିସାବରେ କାନ୍ଦିବ ନାହିଁ ।' ଏହା କହି ହସି ଉଠିଥିଲେ । ୧୯୩୧ ମସିହା ମାର୍ଚ୍ଚ ୨୩ ତାରିଖ ଦିନ ଭଗତ୍‌ସିଂ, ସୁଖଦେବ, ରାଜଗୁରୁଙ୍କର ଥିଲାଶେଷ ଦିନ । ଭଗତ୍‌ସିଂ କହିଲେ- 'ମାଜଷ୍ଟ୍ରେଟ ସାହେବ । ଆଜି ଆପଣ ନିଜ ଆଖିରେ ଦେଖିବାକୁ ସୁଯୋଗ ପାଇଛନ୍ତି ବିପ୍ଳବୀ କିପରି ନିଜ ଆଦର୍ଶ ରକ୍ଷା କରୁଛି । ହସିହସି ମୃତ୍ୟୁକୁ ଆଲିଙ୍ଗନ କରୁଛି" ଭଗତ୍‌ସିଂ ସାଥିମାନଙ୍କ ସହ ଫାଶୀ ମଂଚ ଉପରକୁ ଉଠି ପଡିଲେ । ଫାଶୀ ଦଉଡିକୁ ଚୁମ୍ବନ ଦେଇ 'ଇନକିଲାବ୍‌ଜିନ୍ଦାବାଦ ସାମ୍ରାଜ୍ୟବାଦ ମୁର୍ଦ୍ଦାବାଦ' । ଭଗତ୍‌ସିଂ ଓ ଦୁଇବନ୍ଧୁ ନିଜ ବେକରେ ଫାଶୀ ଦଉଡି ଗଳେଇ ଦେଇ ଘାତକୁ କହିଲେ''ଦୟାକରି ତୁମେ ଏ ଫାଶୀକୁ ଠିକ କରିଦିଅ' । ସେଠାରେ ଥିବା ସମସ୍ତ ଗୋରା ସାହେବ ଏହି ତିନି ବନ୍ଧୁଙ୍କର ସାହସ ଦେଖିକାନ୍ଦି ପକାଇଥିଲେ । ଭାରତ ମାତାର ଏହି ତିନି ବୀରଦେଶ ମାତୃକାର ଚରଣ ତଳେ ଅର୍ପିତ ହୋଇଗଲେ ।

ତାଙ୍କର ଆଦର୍ଶ, ଦେଶପ୍ରେମ ଓ ଆତ୍ମବଳିର ପଟାନ୍ତର ନାହିଁ । ଭଗତ୍‌ସିଂ ମରି ମଧ୍ୟ ଆଜି ଅମର, ଆଜି ଭାରତର ମାଟି, ପାଣି,ପବନରେ ତାଙ୍କର ବଳିଦାନର ଅପୂର୍ବ ଗାଥା ଗୁଞ୍ଜରିତ ହୋଉଛି ଓ ଭବିଷ୍ୟତରେ ହେଉଥିବ ।



ଆଲେଖ୍ୟ :
ଅକ୍ଷୟ କୁମାର ରାଉତ
ପାରାଦ୍ୱୀପଗଡ, କୁଜଙ୍ଗ, ଜଗତ୍‌ସିଂହପୁର
ମୋ-୯୯୩୭୬୯୧୪୭୫

---

ସ୍ମୃ ତି ଶ ତ ଦ ଳ
୨୬୧

(ପୂର୍ବ ପ୍ରକାଶିତ ଉତ୍ତାରୁ)

# ବୁଲେଟରେ ବିଶ୍ୱ ଭ୍ରମଣ



ଡା. ସରୋଜିନୀ ଷଡଙ୍ଗୀ
♥ ଲିଙ୍କ୍‌ରୋଡ଼, କଟକ-୧୨
ଫୋନ୍-୯୪୩୭୦୫୫୦୦୭

ଅନେକ ନଈ ଖରାଦିନେ କ୍ଷୀଣ ସ୍ରୋତା ହୋଇ ଯାଆନ୍ତି ତଥାପି ସୌନ୍ଦର୍ଯ୍ୟରେ ଭରପୁର ଥାଏ ତାଙ୍କର ସ୍ରୋତ ଓ କୂଳ, ଉପକୂଳ । ମଥାର ସିନ୍ଥିରେ ଟୋପାଏ ସିନ୍ଦୂରର ଗାର ପରି ସେମାନେ ଦିଶନ୍ତି ଉଜ୍ଜଳ ଏବଂ ରୂପ ଲାବଣ୍ୟରେ ପରିପୂର୍ଣ୍ଣ । ଆଉ କେତେକ ନଈ ବେଳେ ବେଳେ ପଥ ହରାଇ ଅନ୍ତଃସ୍ରୋତା ହୋଇ ଯାଆନ୍ତି । ସେମାନେ ବାହ୍ୟ ସୌନ୍ଦର୍ଯ୍ୟ ସିନା ହରାଇ ବସନ୍ତି କିନ୍ତୁ ଅନ୍ତଃସୌନ୍ଦର୍ଯ୍ୟରେ ରୂପବନ୍ତ ହୋଇଥାନ୍ତି । ଠିକ୍ ସେମିତି ସ୍ମୃତିର ଆଇନା ଉପରୁ ନିଜ ପଣତ କାନିରେ ଧୂଳି ପୋଛିଦେଲେ ପୁରୁଣା ସ୍ମୃତି ସବୁ ଚିକ୍‌ମିକ୍ ହୋଇଯାଏ ଠିକ୍ ଆମ ବୁଲେଟ ମଟର ସାଇକେଲ ଭଳି ।

ଚାକିରୀ ଆରମ୍ଭରୁ ଲାମ୍ବ୍ରେଟା ସ୍କୁଟରଟିଏ ହିଁ ଥିଲା, ଯାହା ଆମର ଯିବା ଆସିବାରେ ବହୁଦିନ ପର୍ଯ୍ୟନ୍ତ ସାହାଯ୍ୟ କରିଥିଲା କିନ୍ତୁ ଆମେ ବ୍ରହ୍ମପୁର ମେଡିକାଲ କଲେଜକୁ ଆସିଲାପରେ ହଠାତ୍ ରମାରମଣଙ୍କର ଇଚ୍ଛା ହେଲା ସେ ମଟର ସାଇକେଲ ଚଲାଇବେ ଏବଂ ବୁଲେଟ ଭଳି ହେଭି ମଟର ସାଇକେଲ ହିଁ ତାଙ୍କର ଦରକାର । ଏତେ ହେଭି ମଟର ସାଇକେଲରେ ବସିଲେ ବେଳେବେଳେ ପଛରେ ବସିଥିବା ମଣିଷଟି ଗଡି ପଡିଲେ ବି ଚାଳକ ଜାଣିପାରିନଥାନ୍ତି । ବୁଲେଟ ମଟର ସାଇକେଲ ଷ୍ଟାର୍ଟ କଲା ମାତ୍ରେ ସାଙ୍ଗେ ସାଙ୍ଗେ ଘଣ୍ଟାରେ ୧୨୦ କି.ମି କୁ ସ୍ପିଡ ଧରିଯାଏ । ସେଥିପାଇଁ ମୁଁ ପ୍ରଥମେ ମନା କରୁଥିଲି କାହିଁକିନା "ବୁଲେଟ ମଟର ସାଇକେଲ ଇଜ ଭେରି ଫେମସ ଫର ଲିଭିଂ ଦି କୋ ପାସେଂଜର ବ୍ୟାକ୍ ।"

ତେଣୁ ବୁଲେଟରେ ବସିଲା ମାତ୍ରେ ରମାରମଣ କୁହନ୍ତି ଭଲ କରି ହାତ ଧରିବସ, ନହେଲେ ଗଳିପଡିବ । ସେ ପ୍ରଥମତଃ ଖେଳାଳୀ, ଦ୍ୱିତୀୟରେ ଆର୍ମି ଲୋକ ଭଳି ବଡ ବଡ ନିଶ ରଖିଥାନ୍ତି ତେଣୁ ଅଧିକାଂଶ ଲୋକ ତାଙ୍କୁ ଆର୍ମି ଡାକ୍ତର ବୋଲି କହିଥାନ୍ତି । ବ୍ରହ୍ମପୁର ମେଡିକାଲ କଲେଜରେ ଥିବା ସମୟରେ ବୁଲେଟ ମଟର ସାଇକେଲ ଯୋଗୁଁ ସବୁ କାମ ସମ୍ଭବପର ହୋଇପାରୁଥିଲା । ଏମିତିକି ଆମେ ବ୍ରହ୍ମପୁରରୁ ବୁଲେଟ ଚଢି କଟକ ଓ ଭୁବନେଶ୍ୱର ଯିବା ଆସିବା ମଧ୍ୟ କରୁଥିଲୁଁ । କିନ୍ତୁ ଦୂର ରାସ୍ତାକୁ ଗଲେ ଛୋଟ ପୁଅ ଝିଅ ଦୁହେଁ ଦୁଇପଟ ଗୋଡ ଓହଳାଇ ବସୁଥିଲେ ଏବଂ ସବାପଛରେ ମତେ ମଧ୍ୟ ଦୁଇ ପଟେ ଗୋଡ ଦେଇ ବସିବାକୁ ପଡୁଥିଲା । ସିଲ୍କ ଶାଡୀ ପିନ୍ଧି ଗୋଟିଏ ପଟକୁ ଗୋଡ ଦେଇ ବସିଲେ ଖସିଯିବାର ଭୟ ଥିଲା । ତେଣୁ ମତେ ସଂପୂର୍ଣ୍ଣଭାବରେ ନୂତନ ଅବତାର ନେଇ ବସିବାକୁ ହେଉଥିଲା । ସେ ନୂତନ ଅବତାର ଭିତରେ ଥିଲା ବେଲ ବଟମ୍ ସାର୍ଟ, ପନିଟେଲ ଓ ମୁଣ୍ଡରେ ସ୍କାର୍ଫ । ବହୁତ ଦୂର ରାସ୍ତା ମତେ ବଡ ସତର୍କତାର ସହ ବସିବାକୁ ପଡିଥାଏ । ଏଥିପାଇଁ ଥରେ ଥରେ ଜଣେ ଜଣେ ଲେଡି ଡକ୍ଟରଙ୍କଠାରୁ ରିମାର୍କ ଶୁଣିବାକୁ ପଡିଛି "ମ୍ୟାଡାମ ଏତେ ଷ୍ଟାଇଲ କରୁଛନ୍ତି ଉପର ଘରମାନେ ବ୍ରେନ ଖାଲି ହୋଇଯିବ ।" ମୁଁ କେବଳ ହସିଦିଏ କିଛି କହେ ନାହିଁ କାରଣ ଏଗୁଡିକ ଯେ' ସେଫ୍‌ଟି ପାଇଁ ମୁଁ କରୁଛି, ଏକଥା କାହାକୁ କହିବା ଦରକାର ବୋଲି ଭାବିପାରୁନଥିଲି । ଏହାଛଡା କଟକ ଭୁବନେଶ୍ୱରରେ ଥିବା ଅନେକ କାମ ସେଇ ବୁଲେଟ ମଟର ସାଇକେଲ ଯୋଗୁଁ ସମ୍ଭବ ହୋଇଥାଏ ଏମିତିକି ଅଧା ଓଡିଶା ଆମେ ବୁଲେଟ ମଟର ସାଇକେଲ ରେ ବୁଲିଚୁ ।

ବ୍ରହ୍ମପୁର ମେଡିକାଲ କଲେଜରେ କାମ କରୁଥିବା ବେଳେ ରମାରମଣଙ୍କର ଚଣ୍ଡୀଗଡରୁ କଲ ଆସିଗଲା ହାର୍ଟ ସର୍ଜରୀରେ ଏମ୍.ସି.ଏଚ କରିବା ପାଇଁ । ରମାରମଣ ବୁଲେଟ ଛାଡି ଚଣ୍ଡୀଗଡ ଗଲେ । କିନ୍ତୁ ଛଅମାସ ପରେ ମୋର ମଧ୍ୟ ପି.ଜି ଆଇ ଚଣ୍ଡୀଗଡରେ ସ୍ତ୍ରୀରୋଗ ବିଭାଗରେ ପି.ଜି ସିଟ୍ ମିଳିଗଲା । ପ୍ରଥମ ଥର ତ ମୁଁ ନିଜେ ଯାଇ ଏଣ୍ଟ୍ରାନ୍ସ ଦେଇ ଚାଲି ଆସିଲି । ପୁଣି କଟକରୁ ଚଣ୍ଡୀଗଡ ଗଲାବେଳେ ପିଲାମାନେ ଗଲେ ଓ ବୁଲେଟ ମଟର ସାଇକେଲ ମଧ୍ୟ ଆମ ସାଙ୍ଗରେ ବୁକ୍ ହୋଇ ଦିଲ୍ଲୀ ଗଲା । ରମାରମଣ ଦିଲ୍ଲୀ ଆସି ଆମକୁ ନେଇ ଚଣ୍ଡୀଗଡ ଫେରିବା କଥା । କିନ୍ତୁ ଆମେ ସବୁ ବସରେ ଗଲୁଁ ଏବଂ ସେ ଗଲେ ବୁଲେଟରେ, ତାଙ୍କ ସ୍ପିଡ ଦେଖି ମୋ ଆଖି ଖୋସି ହୋଇଗଲା । ବସର ସ୍ପିଡ ସହ ତାଳ ରଖି ସେ ବୁଲେଟ ଚଲାଉଥିଲେ ।

ଚଣ୍ଡୀଗଡରେ ଯେତିକି ଦିନ ଆମେ ରହିଛୁ, ବୁଲେଟ ମଟର ସାଇକେଲ ଆମର ଚିରନ୍ତନ ସାଥୀ ହୋଇ ରହିଥିଲା । ତିନି ବର୍ଷ ସାରା , ବୁଲେଟରେ ମାର୍କେଟିଂ, ବୁଲେଟରେ ଯିବା ଆସିବା ବୁଲିବା ତଥା ପିଂଜୋର ମୋଗଲ ଗାର୍ଡେନ ଆଦି ସବୁ ଟୁରିଂସ୍ପଟ ଆମେ ମଟର ସାଇକେଲ ରେ ବୁଲି ଦେଖିଛୁଁ । ଏମିତିକି ତା'ପରେ କଟକ ମେଡିକାଲ କଲେଜରେ ମଧ୍ୟ ଚାରି ପାଞ୍ଚ ବର୍ଷ କାଳ ମାରୁତି ଗାଡି କିଣିବା ଯାଏଁ ବୁଲେଟ ମଟର ସାଇକେଲ ଆମ ପାଇଁ ସବୁ କିଛି ଥିଲା । କି ଖରା, କି ବର୍ଷା, କି ଶୀତ କି ବସନ୍ତ ଆମର ଅତି ଅନ୍ତରଙ୍ଗ ବନ୍ଧୁଟିଏ ଭଳି ଆମକୁ ନେବା ଆଣିବା କରିବା ସହ ନିରାପତ୍ତା ମଧ୍ୟ ଯୋଗାଇ ଦେଇଥିଲା ଏବଂ ଆମ ଗଢିବା ଓ ବଢିବା ସମୟ ସହ ତାଳ ଦେଇ ସେ ଚାଲିଥିଲା ।

ଏବେ ମଧ୍ୟ ସେ ନାଲିରଙ୍ଗର ବୁଲେଟ ମଟର ସାଇକେଲଟିକୁ ନ ଚଢିଲେ ବି ପାଖରେ ଆମେ ପାଖରେ ରଖିଛୁ । ନୂଆ ରଙ୍ଗ କରି ଗୋଟିଏ ସୁନ୍ଦର କଭରଟିଏ ଯୋଡି ହୋଇ ଆମ ଗ୍ୟାରେଜରେ ସେ ଆମ ଆଖି ଆଗରେ ହୃଦୟ ଭିତରେ ସେ ଅଛି । ତାକୁ କାହାକୁ ଆମେ ହସ୍ତାନ୍ତର କରିନାହୁଁ କି କରିବୁ ନାହିଁ । ବେଳେବେଳେ ନିର୍ଜୀବ ବସ୍ତୁଟିଏ ହୋଇଯାଏ ଖୁବ୍ ଜୀବନ୍ତ । ତା'ର ହାତଗୋଡ, ମୁହଁ , ଦେହ ଓ ସାରା ଶରୀର ଖୁବ୍ କଥା କହେ, ନିମିଷ ମାତ୍ରକେ ନିଜର କରିନିଏ । ସେ ବସ୍ତୁଟି ପାଇଁ ସ୍ନେହ ଓ ପ୍ରୀତିରେ ଓଦା ହୋଇଯାଏ ହୃଦୟ, ବିଶେଷଭାବରେ ଗାଡି, ମଟର ସାଇକେଲ ବା' ସ୍କୁଟର ନିଜର ଅନୁଜ ଭଳି ଆମକୁ ରକ୍ଷା କରିଥାନ୍ତି । ତାଙ୍କର ଯତ୍ନ ନେଲେ ସେମାନେ ବି ଆମକୁ ପିନ୍ଧାଇ ଦିଅନ୍ତି ଗୋଟିଏ ଗୋଟିଏ ଅଭୟ କବଚ ।

(କ୍ରମଶଃ)

---

ଧାରାବାହିକ ଅନୁବାଦ ଉପନ୍ୟାସ...(ଭାଗ-୨୮)

# ଶୁଖିଲା ପତ୍ର




ମୂଳ ହିନ୍ଦୀ – ଅମରକାନ୍ତ



ଅନୁସୃଜନ– ନମିତା ପାଇକରାୟ

(ଦ୍ୱିତୀୟ ଖଣ୍ଡ)

## ।। ତିନି ବନ୍ଧୁ ।।




ପୁଅ ଏବେ କଣ ଅଛପା ଅଛି ଯେ ଟଙ୍କା କିଏ ଚୋରି କରିଥିଲା । ତୁମକୁ କହୁଛି ମୁଁ ଏହାକୁ ଖରାପ ବି ଭାବୁନି । ଆରେ ଭାଇ ଯୌବନ କାଳେ ସମସ୍ତେ ଏମିତି ଭୁଲ୍ କରି ବସନ୍ତି । ମୁଁ ନିଜେ ଯେତେବେଳେ ତୁମ ବୟସର ଥିଲି ଏମିତି କ୍ରାନ୍ତିକାରୀଙ୍କ ପଛରେ ଦୌଡୁଥିଲି । ରାତିକୁ ରାତି କି ଦିନକୁ ଦିନ ଭାବୁନଥିଲି । କିନ୍ତୁ ସତରେ ଏମାନେ ସବୁ ବଡ଼ ସ୍ୱାର୍ଥୀ । ମତେ ଗଛ ଚଢ଼େଇ ଦିଅନ୍ତି ଆଉ ସେମାନେ ସବୁ ପୋଲିସ ସହ ହାତ ମିଶେଇଥାନ୍ତି । ସେବେଠାରୁ ଏମାନଙ୍କ ଉପରେ ମୋର ବିଶ୍ୱାସ ନାହିଁ । ମୁଁ ଭଲଭାବେ ଜାଣିଛି ଶଳେ ତୁମକୁ ବି ଏମିତି ବୋକା ବନେଇଥିବେ । ଠିକ୍ କହିଲି ନା ?... ଆରେ ପୁରା ସତ କଥା । ଗୋଟେ କଥା ଜାଣିଛ ? ତୁମକୁ କହୁଛି ଭିତରୁ ମୁଁ ଏ ଶଳାଙ୍କଠାରୁ କମ୍ ଦେଶଭକ୍ତ ନୁହେଁ । ତୁମେ କଣ ଭାବୁଛ ମୋର ଦେଶ ପ୍ରତି ପ୍ରେମ ନାହିଁ ? ଆରେ ଯାଯା ଏ ହାରମଜାଦା କ୍ରାନ୍ତିକାରୀ ଓ କଂଗ୍ରେସିଆଙ୍କଠାରୁ ଲକ୍ଷେଗୁଣ ଅଧିକ ଦେଶଭକ୍ତ ମୁଁ । ସତ କହୁଛି ଏ ବଦମାସଙ୍କଠୁ ମୋ ମନ ଫେରେଇ ଆଣିଛି । ମୁଁ ତୁମକୁ ଏ ସବୁ କରିବାକୁ କିଛି କହନ୍ତିନି । ଏ ଥାନାବାବୁ ଟିକେ ତେଜିଆନ୍ ସିଧାହେବା ଲୋକ । ଯାଙ୍କ ପୂର୍ବରୁ ମଇନଦ୍ଦିନ୍ ସାହେବ ଥିଲେ । ନାରୀମରା ଖୁନିଙ୍କୁ ବି ସେ ଛାଡ଼ିବାକୁ ମନା କରିବେନି । କେତେସବୁ ବଦଳି ଗଲାଣି । ଶଳା ଯୁଗ ତ ବଦଳିଲାନି । ଛାଡ଼... ତୁମେ ସବୁ ମାନି ଯାଅ । ତା' ପରେ ମୁଁ ସବୁ ସମ୍ଭାଳିନେବି । ପୁଅ ଏଥିରେ କିଛି ନାହିଁ । କୋଉ ଶଳା ମୋ ଠୁ କି ତୁମ ଠୁ ଦେଶଭକ୍ତି ତ ଛଡ଼େଇ ନେଇପାରିବନି । ହଁ ସତ କଥା କହିଦିଅ ।

ମୋତେ କିଛି ଜଣାନାହିଁ । ମୋ ମୁହଁରୁ ବାହାରିଗଲା । ତୋ ପ୍ରତି ମୋର ଅଶେଷ ଘୃଣାଭାବ ମନରେ ଜାଗ୍ରତ ହୋଇସାରିଥିଲା । ତା' ପାଖରେ ଯଥେଷ୍ଟ ଧୈର୍ଯ୍ୟ ଥିଲା । ମୋ ଉତ୍ତରରେ ସେ ସାମାନ୍ୟ ବିଚଳିତ ବି ହେଲାନି । ପ୍ରୀତିଭରା ହସ ସହ କହିଲା ଜାଣିଛ ମୁଁ ତୁମକୁ ପୁଅ ପରି ଭାବିବାକୁ ଲାଗିଲିଣି । ସେଇଥିପାଇଁ ବୁଝେଇକି କହୁଛି । ନହେଲେ ମୋର କୋଉ ଦରଦ ପଡ଼ିଛି ତୁମେ କୁହ କି ନ କୁହ । ଯେତେବେଳେ ଥାନାବାବୁଙ୍କ ବାଡ଼ି ପଡ଼ିବ ସେତେବେଳେ କହିବାକୁ ପଡ଼ିବ । ଏମିତି ଦୁର୍ଦ୍ଦାନ୍ତ ଥାନାବାବୁ ଆଗରୁ କେବେ ଆସିଥିଲେ ନା ଆସିବେ । କେତେବଡ଼ ବଡ଼ ଗୁଣ୍ଡାଙ୍କୁ ସାଇଜ କରିଦେଇଛନ୍ତି । ଆମ ତୁମ ଭଳିଆ ଲୋକଙ୍କୁ କୋଉ ପାସଙ୍ଗରେ ପକେଇବେ । ତୁମେ କୁହ ତୁମକୁ ଘଣ୍ଟା ଘଣ୍ଟା ଧରି ପିଟା ହେବ, ତୁମ ସାରା ଶରୀରରେ ଛୁଂଚି ଫୁଟା ହେବ, ତୁମ ଛାତି ଉପରେ ଦଶଟା ଇଟା ରଖି, ଚାରିଟା ଯୁବକ ଚଢ଼ିଯିବେ, ତୁମ ଜଙ୍ଘରେ ମୋଟା ବରଫ ବାଡ଼େଇ ଭାଙ୍ଗିବେ, ତା'ହେଲେ ତୁମେ ସବୁ କଥା କହି ଦେବକି ନାହିଁ ? ଏସବୁ ଜିନିଷକୁ ମୁଁ ନିଜେ ଖରାପ ଭାବୁଛି । କିନ୍ତୁ ଥାନାବାବୁ ଏମିତିଆ ଲୋକ ଯେ ସେ ତାଙ୍କ ବାପାଙ୍କ କଥାକୁ ବି ଶୁଣନ୍ତିନି । ସେଥିପାଇଁ କହୁଛି ଥରେ କହିଦିଅ । ତା' ପରେ ଯଦି କିଏ ତୁମ ଉପରକୁ ଆଙ୍ଗୁଠି ଉଠେଇବ ତା' ଆଙ୍ଗୁଠି କାଟିଦେବି । ଅତ୍ୟାଚାର କଥା ଶୁଣି ମୋ ଛାତି ଥରିଲା । କିନ୍ତୁ ମୋ ମୁହଁରୁ ସେଇ ଗୋଟିଏ କଥା ବାହାରିଲା । ମୁଁ ଜାଣିନି ସେ ମାନିବାକୁ ପ୍ରସ୍ତୁତ ନଥିଲା । ସେ ଦ୍ୱିତୀୟ ଲୋଭ ଦେଖାଇଲା । ଗୋଟେ ବଢ଼ିଆ କଥା ଅଛି ପୁଅ ସତ କହୁଛି । ଏଇଟା ଗୋଟେ ସୁଯୋଗ । ଜୀବନ ତିଆରି ହୋଇଯିବ । ଏ ହାଜତରେ କେତେ ସାଧାସିଧା ସରଳ ନବ ଯୁବକୁ ଆସିଛନ୍ତି । ମୁଁ ତାଙ୍କୁ ବୁଝାଇଚି ଓ ସେମାନେ ମାନିଛନ୍ତି । ପୁଣି ମୁଁ ଅଫିସରଙ୍କୁ ସୁପାରିସ କରିଛି ତାଙ୍କ ପାଇଁ । ସେମାନଙ୍କ ଭିତରୁ ଏବେ କିଏ ଡେପୁଟି କିଏ କଲେକ୍ଟର କିଏ ତହସିଲଦାର । ସମସ୍ତେ ମଜାରେ ପଇସା ରୋଜଗାର କରୁଛନ୍ତି । ରାଜା ହୋଇଛନ୍ତି ଏ କ୍ରାନ୍ତିକାରୀ ଶଳା ଦୁଇଦିନର ସାଥୀ । ଏ ଶଳା କ୍ରାନ୍ତିକାରୀଙ୍କ ଅବସ୍ଥା ଦେଖୁଛ । ନାଳ କଡ଼ର ମାଛି ପରି କାମ ସରିଲା ପରେ ଉଡ଼ନ୍ତୁ । ସୁଯୋଗ ମିଳିଲେ ମାରିକି ଘାସରେ ଫୋପାଡ଼ି ଦେବେ । ତୁମର ସାରା ଜୀବନ ନଷ୍ଟ ହୋଇଯିବ । ଏମାନେ ମଜା ନେବେ । ମୋ କହିବା ମାନି ଯା । ତା' ହେଲେ ତୁମେ ବି ମଜା କରିବ ।

ତା' ପରେ ସେ ମୋତେ ଏମିତି କଟାଶ ଚାହାଣୀରେ ଚାହିଁଲା ଯେ ମୋ ସାରା ଦେହ ଶିହରି ଗଲା ଏବେ ମୋତେ ପୁଣା ଜଣାପଡ଼ିଗଲା କି ଆରମ୍ଭରୁ ଶେଷ ଯାଏ ଇଏ ମୋତେ ମିଛ କହିଚାଲିଛି । ମୋ ଠୁ କଥା ନେବାପାଇଁ ଅତି ଚାଲାକିରେ ମିଠା ମିଠା କଥା କହୁଥିଲା । ମୁଁ ଚୋରି କରିନି, ମୁଁ ପୁଣି କହିଲି । ଆଚ୍ଛା ଠିକ୍ ଅଛି, ଛାଡ଼ ତୁମେ । ବଳରାମ ତିୱାରୀ ଅଭିଯୋଗ ଅଜିବୁଦ୍ଦିନ୍, ଦିନାନାଥ, ଦିନେଶ୍ୱର ସହ ମିଶି ସରକାର ଭାଙ୍ଗିବାକୁ ଷଡ଼ଯନ୍ତ୍ର କରୁଥିଲେ ବୋଲି ମାନିଯା । ବାକି ମୁଁ ସବୁ ସମ୍ଭାଳିଦେଦବି । କଣ କରିବି ଆଉ ? ଥାନାବାବୁ ଗୋଡ଼ ଧରିବି ନେହୁରା ହୋଇ ବୁଝାଇବି । ମୋ ପାଟିରୁ ବାହାରିଗଲା ଏ ସବୁ ଭୁଲ୍ ହୋଇଗଲା । ଅଚାନକ ତା'ର ସ୍ୱର ବହୁତ କଡ଼ା ହୋଇଗଲା । ଭାବି ଦେଖ, ସମସ୍ତେ କହୁଛନ୍ତି ଟଙ୍କା ନେଇ ତୁମେ ଦୌଡ଼ି ଥିଲ । ମୁଁ ଜାଣେନି କିଛି ମୁଁ କହିଲି । ସେ କହିଲା ଆଚ୍ଛା ତୁ ଜାଣିନୁ କିଛି ? ଠିକ୍ ଅଛି ତୁମ କାମ ତୁମେ ଜାଣିଥିବ । ରାଗି କରି କୋଠରୀ ବାହାରକୁ ଚାଲିଗଲା । ସେ ଚାଲିଗଲା ପରେ ମୁଁ ଏତେ ଆତଙ୍କିତ ଓ ଭୟବିତ ହୋଇଗଲି ଯେ ଯାହା କେବେ କଳ୍ପନା କରିନଥିଲି । ମୁଁ ଅନୁଭବ କଲି ଶ୍ମଶାନଘାଟ ଯାଇ ଯେଉଁ ଭୟ ମନରେ ଉତ୍ପନ୍ନ ହୋଇଥିଲା ତା'ଠାରୁ ସମ୍ପୂର୍ଣ୍ଣ ଭିନ୍ନ ଏ ଭୟ । ଶ୍ମଶାନ ଘାଟରେ ଗୋଟେ ସୂକ୍ଷ୍ମତମ ସନ୍ତୋଷ ମନରେ ଥିଲା କି ମୁଁ ଯେତେବେଳେ ଚାହିଁବି ଦୌଡ଼ିକି ଚାଲିଯାଇପାରିବି । କିନ୍ତୁ ଏଠୁ ଯିବାର କୌଣସି ଚାରା ନାହିଁ । ନିଜ ଇଚ୍ଛା ଓ ଅନ୍ୟ ଜଣଙ୍କର ଇଚ୍ଛା ଉପରେ ନିର୍ଭର କରୁଥିବା ବିକଟ ପରିସ୍ଥିତିରେ ବହୁତ ତାରତମ୍ୟ । ଗୋଟିଏରେ ପୁରା ରୋମାଂଚ ଓ ଅନ୍ୟଟିରେ ନଗ୍ନ ଯଥାର୍ଥ । ଗୋଟିଏରେ ସ୍ଥିତି ସଂଚାଳନ ସୂତ୍ର ନିଜ ହାତରେ ଥାଇ ପଳାୟନ କରିବାକୁ ବି ବୀରତା ବୁଝିବା ଭ୍ରମରେ ବି ରହିହେବ । ଅନ୍ୟଟିରେ ପଳାୟନ ପାଇଁ ଗୋଟିଏ ପାଦ ଉଠେଇବା ମାନେ ସାରା ଜୀବନ ପାଇଁ ଦାଗଟିଏ ଲାଗିଯିବ । ହାଜତ ଭିତରେ ମୁଁ ନଗ୍ନ ଯଥାର୍ଥତା ସାମ୍ନାରେ ଠିଆ ହୋଇଥିଲି । ମୁଁ ଏମିତି ବିବଶ ଜୀବନରେ କେବେ ବି ଅନୁଭବ କରିନଥିଲି । ମୋ ପାଦ ତଳେ ମାଟି ନଥିଲା, ମୋ ହୃଦୟରେ ଶକ୍ତି ନଥିଲା, ମୋ ଶରୀରରେ ରକ୍ତ ନଥିଲା । ମୁଁ ମୋର ସାରା ପ୍ରତିଜ୍ଞାକୁ ମନେ ପକାଇଲି, ଯାହାମୁଁ ନିଜକୁ ସାହସୀ ଓ ବ୍ୟକ୍ତିତ୍ୱକୁ ମହାନ କରିବାକୁ କହିଥିଲି । ମୁଁ ସେହି କ୍ରାନ୍ତିକାରୀ କାର୍ଯ୍ୟକୁ ସ୍ମରଣର କଲି । ଯାହା ମୁଁ ଦେଶ ସ୍ୱାଧୀନ ହେବା ପାଇଁ ଯେଉଁ ଉତ୍ସାହ ଉଦ୍ଦୀପନା ସହ ଯେଉଁ କାମ କରିଥିଲି ସବୁ ସେ ବର୍ତ୍ତମାନ କିଛି କାମରେ ଆସିଲାନି । କେଉଁଠୁ ବି ସାହାସ ପାଇ ପାରିଲିନି । ଯଦି ଭାରତମାତାଙ୍କୁ ସ୍ୱାଧୀନ କରିବା ପବିତ୍ରତମ ଉଦ୍ଦେଶ୍ୟ ମତେ ସାହସ କରିଛି, ତା'ର ଅର୍ଥ ମୁଁ ଶେଷ ବୋଧେ ସ୍ୱଭାବରୁ ଦୁର୍ବଳ ନିମ୍ନମାନସିକତା ସହ ପଳାୟନ ପନ୍ଥୀ ମତେ ଖୁବ୍ ମନସ୍ତାତ୍ୱ ହେଲା କାହିଁକି ? ମୁଁ କ୍ରାନ୍ତିକାରୀ ଜୀବନ ଆପଣେଇଲି । ମୋତେ ଲାଗିଲା ପୋଲିସର ଗୋଟିଏ ଜାବ୍‌ଡ଼ାକୁ ବି ସମ୍ଭାଳି ପାରିବିନି । ଭୟଙ୍କର ଯନ୍ତ୍ରଣା କଥା ଦୂରେ ଥାଉ । ଏତିକି ସବୁ ଭାବୁ ଭାବୁ ମୋ ମୁଣ୍ଡକୁ ଗୋଟେ ବୁଦ୍ଧି ଜୁଟିଲା । ଯଦି ପୋଲିସ ଅସହନୀୟ ଯନ୍ତ୍ରଣା ଦେବ ତାହାହେଲେ ମୁଁ ସତକଥା ସବୁ କହିଦେବି । ଏଠି ବି ପଳାୟନର ରାସ୍ତା ଅଛି । ମନକୁ ଟିକେ ହାଲ୍‌କା କରିବି । ଯେମିତି ଅନ୍ଧାରରେ ରାସ୍ତା ପାଇଯାଇଛି କିନ୍ତୁ କିଛି ସମୟ ପରେ ମୋତେ ଇଚ୍ଛା ହେଲା ହାଜତର ସେ କୋଠରୀ ଭିତରେ ଭେଁ ଭେଁ ହୋଇ କାନ୍ଦନ୍ତି । ମୋତେ ଜଣାନାହିଁ କେତେ ସମୟ ପର୍ଯ୍ୟନ୍ତ ମୁଁ ଏମିତି ଭାବୁଥିବି । ଅତି ଅସହ୍ୟ ହେଲାପରେ ଦୁଇ ପାପୁଲିର ମୁହଁକୁ ଢାଙ୍କି ସବୁ ଭାବନାକୁ ଭୁଲିବାକୁ ଚେଷ୍ଟା କଲି । ସାହସ ଓ ଉତ୍ସାହ ମୋ ଭିତରୁ ବାହାରି ଚାଲିଯାଇଥିଲେ । କେବଳ ଦୁର୍ବଳତା ମତେ ମାଡ଼ି ବସିଥିଲା । ଯେତେବେଳେ ଖୁପିଆ ବିଭାଗ ରଂଜନ ଦୁବେ ଗୋଟେ କନେଷ୍ଟବଳକୁ ଧରି ମୋ କୋଠରୀ ଭିତରକୁ ଆସିଲା । ମୁଁ ପ୍ରକୃତିସ୍ଥ ହେଲି । କଣ ଚୌବେ ଏ ଟୋକା କଣ କହିଲା ନା ନାହିଁ ? କନେଷ୍ଟବଳ ଘର ଭିତରକୁ ପଶୁ ପଶୁ କଡ଼ା ସ୍ୱରରେ ଚୌବେକୁ ପଚାରିଲା 'ଏ ପର୍ଯ୍ୟନ୍ତ ତ କିଛି କହିନି ।' ସେ ମୋତେ ଦେଖି କଡ଼ା ସ୍ୱରରେ ପଚାରିଲା 'କଣରେ ସତ ସତ କହିବୁ, ତୁ ଜରିନା ବେଶ୍ୟା ଘରୁ ଟଙ୍କା କେବେ ଓ କାହିଁକି ଚୋରି କରିଥିଲୁ ? ତୋ ସାଙ୍ଗରେ କିଏ କିଏ ଥିଲେ ? ବଳରାମ ତିୱାରୀ ଓ ଅଜିବୁଦ୍ଦିନ୍ ଦିନେଶ୍ୱର ଓ ଦିନାନାଥ ସହ ତୋର ସମ୍ପର୍କ କେବେଠାରୁ ହେଲା ? ଗୋଟି ଗୋଟି କରି କହ, ନହେଲେ ମାରି ମାରି ତତେ ତୋ ପିତ୍ତ ବାହାର କରିଦେବି । ପୋଲିସକୁ ଦେଖି ମୁଁ ଠିଆ ହୋଇସାରିଥିଲି । ମୁଁ ନିଶ୍ଚୟ କରିସାରିଥିଲି ମୁଁ କିଛି କହିବିନି । କିନ୍ତୁ ଯେତେବେଳେ ଯନ୍ତ୍ରଣା ସହିପାରିବିନି ତା' ପରେ ସବୁ କଥା କହିବି । କାପୁରୁଷ ଏବଂ କୃତଘ୍ନ ହେବା ମୋ ହାତରେ ଥିଲା । ଏହାଦ୍ୱାରା ମନକୁ ଏକ ଅଦ୍‌ଭୁତ ଶାନ୍ତ୍ୱନା ଆସି ଯାଇଥିଲା । ମୁଁ କିଛି ଜାଣିନି, ମୁଁ ଧୀର ସ୍ୱରରେ ଉତ୍ତର ଦେଲି ।

'ତୁ ଜାଣିନୁ' ? ଏ ଶଳା ଏମିତି ମାନିବନି । ପୋଲିସ କନେଷ୍ଟବଳ ମୋ ଆଡ଼କୁ ମାଡ଼ି ଆସିଲା । ମୋ ମୁଣ୍ଡରେ ଗାଲ ଓ ପିଠିରେ ତା' ହାତରେ ଜୋର ଜୋର କରି ପ୍ରହାର କଲା । ତା'ର ପ୍ରହାର କରିବା ପଦ୍ଧତିରେ ମୋ ସାରା ଶରୀରରେ ଅଦ୍‌ଭୁତ ସନ୍ତାପ ଓ ବିଦ୍ରୋହ ଉତ୍ପନ୍ନ ହେଲା । ମୋତେ ଆଶ୍ଚର୍ଯ୍ୟ ଲାଗିଲା ଯେ ପୋଲିସର ମାଡ଼ ସହିବା ଅସମ୍ଭବ ନୁହେଁ । ମୋତେ ଲାଗିଲା କି ମୁଁ ଭୟଙ୍କରରୁ ଭୟଙ୍କର ଯନ୍ତ୍ରଣାକୁ ବରଦାସ୍ତ କରିପାରିବି । ଏ ମାଡ଼ ମୋ ସୁପ୍ତ ଚେତନା, ଗର୍ବ, ଆଦର୍ଶବାଦିତା ଏବଂ ପୁରୁଷତ୍ୱକୁ ଜାଗ୍ରତ କରିଦେଲା । ମୋ ଭିତରେ ଗୋଟେ ଅକଳ୍ପିତ ଦୃଢ଼ତା ଆସିବାକୁ ଲାଗିଲା । ତା' ପ୍ରହାର ଯାଦୁକରି କାମ ଦେଲା ଏବଂ ଏଥିରେ ମୋ ବ୍ୟକ୍ତିତ୍ୱ ଏକଦମ୍ ବଦଳିଗଲା । ମୁଁ ଭୀରୁ ନୁହେଁ ମୁଁ ନୀଚମନା ନୁହେଁ ମୁଁ ସମ୍ପୂର୍ଣ୍ଣ ଅଯୋଗ୍ୟ । ମୋ ଦେଶର ସମ୍ମାନ ବିକ୍ରି କରିବା ପାଇଁ ଯେମିତି ଯେମିତି ଅଧିକା ପ୍ରହାର ପଡ଼ିଲା, ସେମିତି ସେମିତି ମୋ ଭିତରେ କ୍ରୋଧ ବଢ଼ିଚାଲିଲା । (କ୍ରମଶଃ)

♥ ପ୍ଲଟ ନଂ-୩୫୨, ସେକ୍ଟର-୫, ଲେନ୍-୧, ପ୍ରଥମ ମହଲା, ନୀଳାଦ୍ରୀ ବିହାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୨୧
(ମୋ) ୯୮୬୧୩୮୫୦୪୬

# ଆସ ଆମେ ଆରମ୍ଭ କରିବା, ବାଲ୍ୟ ବିବାହକୁ ନାଁ କହିବା




ଉଦଳା,୧୫/୧୦(ନି.ପ୍ର): ୟୁନିସେଫର ସହାୟତାରେ ସ୍ୱେଛାସେବୀ ସଂଗଠନ ଆକ୍ସନଏଡ୍ ଉଦ୍ୟମରେ ଚଳିତ ଅକ୍ଟୋବର ୧୪ ତାରିଖ ଶୁକ୍ରବାର ଦିନ ଉଦଳା ବ୍ଲକ ଅନ୍ତର୍ଗତ ବଡ଼ସିଙ୍ଗାରିଆ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବାଲ୍ୟ ବିବାହର କୁପରିଣାମ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ ଗ୍ରାମରେ ବସବାସ କରୁଥିବା ମାଝି ହାଳାମ, ପିଆରଆଇ ମେମ୍ବର ଓ ମହିଳା ମାନଙ୍କୁ ନେଇ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ସ୍ଥାନୀ ସରପଞ୍ଚ ସୁନାରାମ ସୋରେନ ଆଲୋଚନା ଚକ୍ରରେ ଅଧକ୍ଷତା କରିବା ସହ କାର୍ଯ୍ୟକ୍ରମ ଆୟୋଜକ ଆକ୍ସନଏଡ୍‌ର ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ । ଆଲୋଚନାରେ ଆକ୍ସନଏଡ୍ ର ଜିଲ୍ଲା କୋଡ଼ିନେଟର ପ୍ରକାଶ ବାରିକ, ସିଡ଼ିପିଓ ଆଲାଦି ମାର୍ଣ୍ଡି, ସମିତି ସଭ୍ୟ ଦେବାନନ୍ଦ ସୋରେନ, ଦୁଗୁଧା ଗ୍ରାମପଞ୍ଚାୟତର ସମିତି ସଭ୍ୟ ଶୁଶିଲ ସୋରେନ, ଅଙ୍ଗନୱାଡ଼ି କର୍ମୀ ଭାଗ୍ୟବତି ଟୁଡୁ, ଆଶା ଦିଦି ସୀତାମଣି ସୋରେନ ଓ ସାମ୍ବାଦିକ ସୁବ୍ରତ କୁମାର ମହାନ୍ତି ପ୍ରମୁଖ ଅଂଶ ଗ୍ରହଣ କରି ବାଲ୍ୟ ବିବାହର କୁ ପରିଣାମ କିପରି ଦିର୍ଘ ବର୍ଷ ପର୍ଯ୍ୟନ୍ତ ଦେଶ ବାସୀଙ୍କୁ କଷ୍ଟ ଦେଇଥାଏ ବିସ୍ତୃତ ବର୍ଣ୍ଣନା କରିଥିଲେ । ଏହି ଅବସରରେ ସାନ୍ତାଳ ସମାଜର ଜଣେ ମାନ୍ୟଗଣ୍ୟ ବ୍ୟକ୍ତି ଦାମଦର ମୁର୍ମୁ ବାଲ୍ୟ ବିବାହ ସାଙ୍ଗକୁ ହାଣ୍ଡିଆ ସେବନ ସାନ୍ତାଳ ସମାଜକୁ କିପରି ତଳକୁ ନେଇ ଯାଉଛି ବ୍ୟକ୍ତ କରିବା ସହିତ ଏ ସମ୍ପର୍କରେ ଏକ ସ୍ୱରଚିତ କବିତା ପାଠ କରିଥିଲେ । ହାଣ୍ଡିଆ ଏକ ନିଶାଦ୍ରବ୍ୟ ହୋଇଥିବାରୁ ଏହାର ବହୁଳ ବ୍ୟବହାର ଉପରେ ପ୍ରଥମ ଲଗାମ ଲାଗିବା ଦରକାର ବୋଲି ସେ କହିଥିଲେ । କାର୍ଯ୍ୟକ୍ରମକୁ ସଫଳ କରିବାରେ ସ୍ୱେଚ୍ଛାସେବୀ କାରୁକର ମୁର୍ମୁ, ସଶ୍ମିତା ନାୟକ, ବାଲାନନ୍ଦ ମୁର୍ମୁ, ଜନଜାଗୃତି ମଞ୍ଚର ସଦସ୍ୟ ରୁପାଏ ବାସ୍କେ ଓ ରାମଚନ୍ଦ୍ର ସିଂ ସହଯୋଗ କରିଥିଲେ । ଆକ୍ସନଏଡ୍ ର ବ୍ଲକ କୋଡ଼ିନେଟର କୈଳାଶ ଚନ୍ଦ୍ର ନାୟକ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ପିକ୍‌ଅପ ଧକ୍କାରେ ସାଇକେଲ ଆରୋହୀ ମୃତ

ନୀଳଗିରି,୧୫/୧୦(ନି.ପ୍ର): ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ରେ ଜଣେ ସାଇକେଲ ଆରୋହୀ ମୃତବରଣ କରିଛନ୍ତି । ରାସ୍ତା ପାର ହେଉଥିବା ବେଳେ ପିକ୍‌ଅପ ଧକ୍‌କାରେ ସାଇକେଲ ଆରୋହୀଙ୍କ ମୃତ ହୋଇଥିଲା । ସୂଚନାରୁ ପ୍ରକାଶ ଶନିବାର ସକାଳ ସମୟରେ ଏକ ପିକ୍‌ଅପ ଓଡ଼ି୦୧ଇ୬୨୮୫ ଗାଡ଼ିଟି ଦ୍ରୁତଗତିରେ ୧୯ନଂ. ରାଜ୍ୟ ରାଜପଥ ସେରଗଡ଼ ଉଦଳା ରାସ୍ତାର ନୀଳଗିରି ଅଭିମୁଖେ ଆସୁଥିବା ବେଳେ ନୀଳଗିରି ନିକଟସ୍ଥ ଓଲଡଙ୍ଗ ଛକ ଠାରେ ନୀଳଗିରି ଏନ.ଏ.ସି. ୭ନଂ. ୱାର୍ଡର ଦାସ ସାହି ଗ୍ରାମର ବାବୁ ଦାସ ସାଇକେଲ ଧରି ରାସ୍ତା ପାର ହେଉଥିବା ବେଳେ ପିକ୍‌ଅପ ଧକ୍କା ଦେବାଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା । ନୀଳଗିରି ପୋଲିସ ଘଟଣାସ୍ଥଳରେ ପହଂଚି ଗାଡ଼ିକୁ ଜବତ ରଖିବା ସହିତ ଡ୍ରାଇଭରକୁ ଅଟକ ରଖିଛନ୍ତି । ଡ୍ରାଇଭର ର ଘର ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଅଂଚଳର ସୁକାନ୍ତ ମହାପାତ୍ର ବୋଲି ଜଣାପଡ଼ିଛି । ଘଟଣାସ୍ଥଳରେ ଉତେଜନା ଦେଖାଦେଇଥିବା ଜଣାପଡ଼ିଛି ।

## ବେଆଇନ ମୋରମ ପରିବହନ କରୁଥିଲା ବେଳେ ୨ଟି ଡମ୍ଫର ଜବତ

ନୀଳଗିରି,୧୫/୧୦(ନି.ପ୍ର): ନୀଳଗିରି ଗୋପିନାଥପୁର ଠାରେ ରେଳ ବିଭାଗ ପକ୍ଷରୁ ନୂତନ ପାସେଞ୍ଜର ଟ୍ରେନ ଚଳାଚଳ ପାଇଁ ସଂପୃକ୍ତ ଠିକାଦାର ଜଣକ କାର୍ଯ୍ୟ କରୁଥିବା ବେଳେ ଠିକଦାର ଜଣକ ବେଆଇନ ଭାବେ ରେଳ ବିଭାଗର ଗଛିତ ଥିବା ମୋରମକୁ ଡମ୍ଫର ଦ୍ୱାରା ଅନ୍ୟତ୍ର ଚାଲାଣ କରୁଥିବା ବେଳେ ବିଶେଷ ସୂତ୍ରରୁ ଖବର ପାଇ ନୀଳଗିରି ତହସିଲଦାର ଅଶେଷ କୁମାର ନାୟକ ପୋଲିସ ଫୋର୍ସ ଧରି ଘଟଣାସ୍ଥଳରେ ପହଂଚି ୨ଟି ଡମ୍ଫର ଜବତ କରିଥିବା ଜଣାପଡ଼ିଛି ।

## ସ୍କୁଲରେ ପ୍ରାର୍ଥନା କରୁଥିବା ବେଳେ ଟଳି ପଡିଲେ ଛାତ୍ରୀ



ଭଦ୍ରକ,୧୫/୧୦(ନି.ପ୍ର): ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ଅଧିନସ୍ଥ ବନସର ଠାରେ ଥିବା ଲକ୍ଷ୍ମୀନାରାୟଣ ହାଇସ୍କୁଲରେ ନବମ ଶ୍ରେଣୀରେ ପଢୁଥିବା ଛାତ୍ରୀ ପ୍ରାର୍ଥନା ସମୟରେ ତଳେ ପଡି ଯିବାରୁ ଛାତ୍ରୀ ଜଣକର ମୃତ୍ୟୁ ଘଟିଛି । ସୂଚନା ଅନୁଯାୟୀ ରାଧାବଲ୍ଲଭ ପଞ୍ଚାୟତର ସଂଗ୍ରାମ ବେହୁରିଆଙ୍କ ଝିଅ ମନୀଷା ବେହୁରିଆ ଆଜି ସକାଳ ସ୍କୁଲ ଥିବାରୁ ସେ ସ୍କୁଲକୁ ଆସିଥିଲେ । ସ୍କୁଲରେ ପ୍ରାର୍ଥନା ସମୟରେ ଛିଡା ହୋଇଥିବା ବେଳେ ହଠାତ ତଳେ ପଡି ଯାଇଥିଲେ । ଶିକ୍ଷକ ମାନେ ଉଦ୍ଧାର କରି ପ୍ରଥମେ ଧାମନଗର ମେଡିକାଲ ପରେ ଗୁରୁତ୍ୱର ହେବାରୁ ଭଦ୍ରକ ମେଡିକାଲକୁ ଆଣିଥିଲେ । ହେଲେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ । ଛାତ୍ରୀଙ୍କ ମୃତ୍ୟୁ ଘଟଣାରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ପ୍ରକାଶ ପାଇଲା ତିନି ଦଳର ....

ଅରିନ୍ଦମଙ୍କ ଛଡା କୁନା ତ୍ରିପାଠୀ ଓ ଆକାଶ ଦାସ ନାୟକ ବି ଧାମନଗରରେ ଦଳର ଷ୍ଟାର ପ୍ରଚାରକ ତାଲିକାରେ ସାମିଲ ହୋଇଛନ୍ତି । ସେପଟେ ଦୀର୍ଘଦିନ ଧରି ଷ୍ଟାର ପ୍ରଚାରକ ତାଲିକାରେ ରହୁଥିବା ସଂଜୟ ଦାସ ବର୍ମାଙ୍କୁ ଏଥର ଗୁରୁତ୍ୱ ଦେଇନି ଦଳ ଯାହାକୁ ନେଇ ଚର୍ଚ୍ଚା ଜୋର ଧରିଛି । ପୂର୍ବରୁ ଜିଲ୍ଲା ପର୍ଯ୍ୟବେକ୍ଷକ ତାଲିକାରୁ ବଦ ପଡିଥିଲେ ବ୍ରହ୍ମଗିରିର ଏହି ପୂର୍ବତନ ବିଧାୟକ । ସବୁଠାରୁ ଚର୍ଚ୍ଚାର ବିଷୟ ହୋଇଛି ବିଧାୟକ ମହମ୍ମଦ ମୋକିମଙ୍କ ନାଁ କଂଗ୍ରେସ ଷ୍ଟାର ତାଲିକାରେ ନାହିଁ । ରାଷ୍ଟ୍ରପତି ନିର୍ବାଚନ ପରଠାରୁ ଦଳୀୟ କାର୍ଯ୍ୟକ୍ରମରୁ ଦୁରେଇ ରହୁଛନ୍ତି । କାହିଁକି ମୋକିମ୍‌ଙ୍କୁ ତାଲିକାରେ ରଖାଯାଇ ନାହିଁ ସେନେଇ ପିସିସି ସଭାପତି କହିଛନ୍ତି, ବହୁତ ଗୁଡାଏ ଇସୁ ଅଛି, ଦଳର କଥା, ଯାହା ହାଇକମାଣ୍ଡ ନିର୍ଦ୍ଦେଶ ଦେବେ ତାହା ହେବ । ସେପଟେ ଏହାକୁ ନେଇ କଟକ ବିଧାୟକ କହିଛନ୍ତି, ଷ୍ଟାର ପ୍ରଚାରକ କଣ ମୁଁ ଜାଣିନି । ଦଳୀୟ ପ୍ରାର୍ଥୀଙ୍କୁ ସମର୍ଥନ ଜଣାଇବାକୁ ମୁଁ ନିଶ୍ଚିତ ଯିବି । ୩ ଦଳର ଷ୍ଟାର ପ୍ରଚାର ତାଲିକା ଜାରି ହେବା ପରେ ପ୍ରଚାର ଏବେ ସରଗରମ ହେବାକୁ ଯାଉଛି । ବିଜେଡି ତାଲିକାରେ ମୁଖ୍ୟମନ୍ତ୍ରୀଙ୍କ ସମେତ ୮ ଜଣ ମନ୍ତ୍ରୀ ଅଛନ୍ତି । ଆଉ ବିଜେପି ପାଇଁ ମୈଦାନକୁ ଓହ୍ଲାଇବେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ଅଶ୍ୱିନୀ ବୈଷ୍ଣବ ଓ ବିଶ୍ୱେଶ୍ୱର ଟୁଡୁ ।

## ବାହାର ରାଜ୍ୟରୁ ମେଡିସିନ୍ ....

ଉତ୍ପାଦନକାରୀ-ସି ଆଣ୍ଡ ଏଫ -ଷ୍ଟକିଷ୍ଟ ଚ୍ୟାନେଲରେ ଆସୁଥିବା ମେଡିସିନ ଶତ ପ୍ରତିଶତ ଠିକ୍ । ତେଣୁ କେବଳ ଏହି ଚ୍ୟାନେଲରେ ଓଡ଼ିଶାରେ ମେଡିସିନ ବିକ୍ରି ହେବ ବୋଲି ନିଷ୍ପତି ନିଆଯାଇଛି । ଯେଉଁମାନେ ଏଥିରେ ରାଜି ନ ହେବେ ଏନେଇ ଡ୍ରଗ୍ କଂଟ୍ରୋଲରଙ୍କୁ ଅବଗତ କରିବୁ । ସେମାନଙ୍କଠାରୁ କିଛି ବି ମାଲ୍ କିଣାବିକା ହେବନି । ନିକଟରେ କଟକର ଏକାଧିକ ଅଂଚଳରୁ ଟେଲମା ୪୦ ନକଲି ମେଡିସିନ୍ ଜବତ ହୋଇଥିଲା ।

## ପୁଣି ଅଶାନ୍ତ ହେଲା କାଶ୍ମୀର....

ଏମାନେ ଦାୟୀ କରିଛନ୍ତି । ଏଥିସହ ସେମାନେ ନ୍ୟାୟ ଓ ସୁରକ୍ଷା ଦାବି କରିଛନ୍ତି । ୧୯୯୦ ମସିହାର ଘଟଣା ପୁଣି ପୁନରାବୃତି ହେଉଛି ହେଲେ ସରକାର ଚୁପ ବସିଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି । ଚଳିତବର୍ଷ ଏପ୍ରିଲ, ମେ ଓ ଜୁନ ମାସରେ କଶ୍ମୀରପଣ୍ଡିତଙ୍କ ଉପରେ ଆକ୍ରମଣ ଓ ହତ୍ୟା ସବୁଠୁ ଅଧିକ ହୋଇଛି । ସେପଟେ ଭୟଭୀତ ହୋଇ କଶ୍ମୀରପଣ୍ଡିତ ଘାଟି ଛାଡି ଚାଲିଯାଉଥିବାବେଳେ ଏମାନଙ୍କୁ ସୁରକ୍ଷା ପ୍ରତିଶ୍ରୁତି ଦେଇ ପୁଣି ଥରେ ଥଇଥାନ କରିବାକୁ ସରକାର ଚେଷ୍ଟା ଚଳାଇଛନ୍ତି । କିନ୍ତୁ ଶୁକ୍ରବାର ପୁଣି ଟାର୍ଗେଟ କିଲିଂ ଘଟଣା ଭୟର ବାତାବରଣ ଖେଳାଇଛି ।

## ଗତ ବର୍ଷ ଅପେକ୍ଷା ଆହୁରି ତଳକୁ ....

ପ୍ରଧାନମନ୍ତ୍ରୀଙ୍କୁ ଟାର୍ଗେଟ କରିଛନ୍ତି । ସେ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ନେତୃତାଧୀନ କେନ୍ଦ୍ର ସରକାର କ୍ଷମତାକୁ ଆସିବା ପରେ ଅର୍ଥାତ୍ ୨୦୧୪ ପରଠାରୁ ବିଶ୍ୱ କ୍ଷୁଧା ସୂଚୀରେ ଭାରତର ସ୍କୋର କ୍ରମାଗତ ଭାବେ ହ୍ରାସ ପାଉଛି । ୨୦୧୪ରେ ଭାରତର ଜିଏସଆଇ ସ୍କୋର ୨୮.୨ ପ୍ରତିଶତ ରହିଥିବା ବେଳେ ବର୍ତମାନ ଏହା ୨୯.୧ ପ୍ରତିଶତକୁ ବୃଦ୍ଧି ପାଇଛି । ଯାହା ଆଦୌ ଭଲ ସଙ୍କେତ ନୁହେଁ । ଏବେଠୁ ଏଥିପ୍ରତି ଦୃଷ୍ଟି ନଦେଲେ, ଆଗକୁ ସ୍ଥିତି ଆହୁରି ଭୟଙ୍କର ହୋଇପାରେ ବୋଲି ବିଶେଷଜ୍ଞ ମତପ୍ରକାଶ କରିଛନ୍ତି ।

## ୬୦ ରାଜପଥରେ ଓଲଟିଲା ଟ୍ରଲର : ୩ଘଣ୍ଟା ଧରି ରାଜପଥ ଜାମ୍

ଜଳେଶ୍ୱର, ୧୫/୧୦(ନି.ପ୍ର): ୬୦ନଂ ଜାତୀୟ ରାଜପଥର ଜଳେଶ୍ୱର ଥାନା ଅନ୍ତର୍ଗତ ଶାନ୍ତିଆ ରେଳ ଓଭରବ୍ରିଜ୍ ନିକଟରେ ଏକ ଟ୍ରଲରରେ ଯାଉଥିବା ପ୍ଲାଣ୍ଟର ବୃହତ୍ ଯନ୍ତ୍ରାଂଶ ଓଲଟି ପଡିଥିଲା । ଚାଳକର ନିୟନ୍ତ୍ରଣ ବାହାରକୁ ଚାଲିଯିବାରୁ ଏହି ଟ୍ରଲର ଏନ୍ଏଲ୦୧ଏଏ୯୦୮୦ ଗାଡିଟି ଗତ ଗୁରୁବାର ଦ୍ୱିପ୍ରହରରେ ଓଲଟିଥିବା ବେଳେ ଆଜି ଗାଡିଟିକୁ ୩ଟି କ୍ରେନ୍ ଗୋଟିଏ ହାଇଡ୍ର ଦ୍ୱାରା ଉଠାଇବା ପରେ ଗନ୍ତବ୍ୟସ୍ଥଳକୁ ଯାଇଛି । ଏହି କାର୍ଯ୍ୟଚାଲୁଥିବା ବେଳେ ଆଜି ଦିନ ୧୧ଟାରୁ ୧ଟା ଯାଏ ରାସ୍ତା ଜାମ୍ ହୋଇଥିଲା । ଏହି କାର୍ଯ୍ୟରେ ରାଜପଥ ପ୍ରାଧିକରଣର କର୍ମଚାରୀ ଓ ଜଳେଶ୍ୱର ପୋଲିସ ମିଳିତ ସହଯୋଗରେ ହୋଇଥିବା ବେଳେ ପ୍ଲାଣ୍ଟର ଏହି ଯନ୍ତ୍ରାଂଶ କୋଲକତାର ଖିଦିରପୁର ବନ୍ଦରରୁ ଝାଡଖଣ୍ଡର ଚାଇଁବସା ଯାଉଥିବା ଜଣାଯାଇଛି ।

## ନାମ୍ପୋ ଡାକ୍ତରଖାନା ଆଗରୁ ଅନଶନ ଆନ୍ଦୋଳନ ୩ଦିନ ପରେ ପ୍ରତ୍ୟାହୃତ

ଜଳେଶ୍ୱର, ୧୫/୧୦(ନି.ପ୍ର): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ନାମ୍ପୋ ପଂଚାୟତରେ ଥିବା ଡାକ୍ତରଖାନାର ବିଭିନ୍ନ ସମସ୍ୟା ନେଇ ଆରମ୍ଭ ହୋଇଥିବା ଅନଶନ ଆନ୍ଦୋଳନ ଗତ ଶୁକ୍ରବାର ରାତି ୧୦ଟାରେ ପ୍ରତ୍ୟାହୃତ ହୋଇଛି । ନିଯୁକ୍ତି ପାଇଥିବା ଡାକ୍ତରଙ୍କ ଲାଗି କ୍ୱାଟର ୩ମାସ ମଧ୍ୟରେ ଆରମ୍ଭ ହେବାର ସ୍ଥିର ହୋଇଥିବାରୁ ଜିଲାପାଳଙ୍କ ପରାମର୍ଶକ୍ରମେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି । ସେଠାରେଥିବା ଏଏନ୍ଏମ୍‌ଙ୍କୁ ୨ଦିନ ଡାକ୍ତରଖାନାରେ କାର୍ଯ୍ୟ କରିବା, ପାଚେରୀ ଓ ଫାଟକ ନିର୍ମାଣ ହେବାର ପ୍ରତିଶୃତି ମିଳିଥିବାରୁ ଆନ୍ଦୋଳନ ପ୍ରତ୍ୟାହୃତ ହେଲା ବୋଲି ଜଗଦୀଶ ପ୍ରଧାନ, ଗୋପାଳ ଦତ୍ତ ସାମ୍ବାଦିକ ମାନଙ୍କୁ ସୂଚନା ଦେଇଛନ୍ତି ।

## ସବିତା ଟପୋଙ୍କୁ ଅଭିନନ୍ଦନ ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୫/୧୦(ନି.ପ୍ର): କୁଏତରେ ଚାଲିଥିବା ଚତୁର୍ଥ ଏସିଆନ ୟୁଥ ଆଥଲେଟିକ୍ସ ପ୍ରତିଯୋଗିତାରେ ୧୦୦ ମିଟର ହର୍ଡଲ୍ସ ରେ ରୋପ୍ୟ ପଦକ ହାସଲ କରିଥିବାରୁ ଓଡିଶାର ଆଥଲେଟ ସବିତା ଟପୋଙ୍କୁ ମୁଖ୍ୟମନ୍ତ୍ରୀ ଅଭିନନ୍ଦନ ଜଣାଇଛନ୍ତି । ସେ ଟ୍ୱିଟ କରି ଅଭିନନ୍ଦନ ଜଣାଇବା ସହ ଆଗାମୀ ଦିନରେ ରାଜ୍ୟ ଓ ଦେଶ ପାଇଁ ଅଧିକ ସମ୍ମାନ ଆଣିବା ସହ ଭବିଷ୍ୟତରେ ଅଧିକ ଭଲ ପ୍ରଦର୍ଶନ କରିବେ ବୋଲି କାମନା କରିଛନ୍ତି ।

# ବିଶ୍ୱବିଦ୍ୟାଳୟରେ ସାନ୍ତାଳୀ ଚଳଚିତ୍ର ମହୋତ୍ସବ ଓ ତାଲିମ ଶିବିର ଉଦ୍‌ଘାଟିତ



ବାରିପଦା,୧୫/୧୦(ନି.ପ୍ର): ସ୍ଥାନୀୟ ମହାରାଜା ଶ୍ରୀରାମଚନ୍ଦ୍ର ଭଂଜଦେଓ ବିଶ୍ୱବିଦ୍ୟାଳୟରେ ଭାରତୀୟ ସାନ୍ତାଳୀ ଚଳଚିତ୍ର ମହୋତ୍ସବ ଓ ତାଲିମ ଶିବିର ଆଜି ଉଦଘାଟିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟ ଓ ସାନ୍ତାଳୀ ଆର୍ଟ ଆଣ୍ଡ ଫିଲ୍ମ ଡେଭେଲପମେଂଟ ଫାଉଣ୍ଡେସନର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର କିଶୋର କୁମାର ବସା ଉଦଘାଟନ କରି ଏଭଳି କାର୍ଯ୍ୟକ୍ରମ ବିଶ୍ୱବିଦ୍ୟାଳୟର ଇତିହାସରେ ଏହା ଏକ ନୂତନ ପଦକ୍ଷେପ ବୋଲି ମତବ୍ୟକ୍ତ କରିଥିଲେ । ପୂର୍ବତନ ମନ୍ତ୍ରୀ ତ ଥା ରାଜ୍ୟସଭା ସଦସ୍ୟା ସରୋଜିନୀ ହେମ୍ବ୍ରମ ମୁଖ୍ୟ ଅତିଥି, ବାରିପଦା ପୂର୍ଣ୍ଣଚନ୍ଦ୍ର ସରକାରୀ ଶିକ୍ଷ ତାଲିମ କେନ୍ଦ୍ରର ଅଧକ୍ଷ କାନ୍ଦାନ ମାଝୀ, ସମାଜସେବୀ ଦିଗି ମୁର୍ମୁ, ଓଡ଼ିଶାର ପ୍ରଥମ ମହିଳା ଆଦିବାସୀ ସଂଗୀତ ନିର୍ଦ୍ଦେଶକ ହିସି ମୁର୍ମୁ, ସମାଜସେବୀ ଅନନ୍ତ ଆଲୋକ ବାସ୍କେ ପ୍ରମୁଖ ଯୋଗ ସମ୍ମାନିତ ଅତିଥି ଭାବେ ଦେଇ ସାନ୍ତାଳୀ ଚଳଚିତ୍ରର ସାଂପ୍ରତିକ ଦିଗ ଓ ଆଭିମୁଖ୍ୟ ସଂପର୍କରେ ଆଲୋଚନା କରି ସାନ୍ତାଳୀ ଭାଷା, ସାହିତ୍ୟ, ସଂସ୍କୃତି, କଳାକୁ ବଂଚାଇ ରଖିବା ପାଇଁ ଏହା ଏକ ଅଭିନବ ପ୍ରୟାସ ବୋଲି କହିଥିଲେ । ତିନି ଦିନ ଧରି ହେବାକୁ ଥିବା ଏହି କାର୍ଯ୍ୟକ୍ରମର ପ୍ରାରମ୍ଭରେ ଅଲଚିକି ଲିପିର ସ୍ରଷ୍ଟା ପଣ୍ଡିତ ରଘୁନାଥ ମୁର୍ମୁଙ୍କ ତୈଳଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଭିନ୍ନ କଳାକାର ମାନଙ୍କ ଦ୍ୱାରା ଚଳଚିତ୍ର ନିର୍ମାଣର ବିଭିନ୍ନ ଦିଗ ଉପରେ ତାଲିମ ପ୍ରଦାନ କରାଯିବା ସହ ଏହି କାର୍ଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟ ସ୍ନାତକୋତର ସାନ୍ତାଳୀ ବିଭାଗ ମୁଖ୍ୟ ଡ. ଯତୀନ୍ଦ୍ର ନାଥ ବେଶ୍ରା ଏବଂ କଳାକାର ତଥା ନିର୍ଦ୍ଦେଶକ ଦୀପକ କୁମାର ବେଶ୍ରା ପରିଚାଳନା କରୁଛନ୍ତି ।

# ପୂର୍ବତନ ସରପଂଚ ତଥା ବର୍ଷିୟାନ ବିଜେଡି ନେତାଙ୍କ ହୃଦଘାତରେ ମୃତ୍ୟୁ

ନୀଳଗିରି,୧୫/୧୦(ନି.ପ୍ର): ମନୀଳଗିରି ନିର୍ବାଚନ ମଣ୍ଡଳୀର ଧୋବଶିଳା ପଂଚାୟତ କେନ୍ଦୁଖୁଂଟା ଗ୍ରାମର ପୂର୍ବତନ ସରପଂଚ ତଥା ବର୍ଷିୟାନ ବିଜେଡି ନେତା ନିରଂଜନ ମହାପାତ୍ର (୭୨)ଙ୍କର ହୃଦଘାତରେ ମୃତ୍ୟୁବରଷ କରିବା ଘଟଣା ସମସ୍ତଙ୍କୁ ଚକିତ କରିଛି । ଶନିବାର ଦିନ ଶ୍ରୀ ମହାପାତ୍ର ଦିନ ପ୍ରାୟ ୧୧ଟା ବେଳେ ମିତ୍ରପୁର ବଜାରରୁ ନିଜର କାମ ସାରି ଘରକୁ ଫେରିଥିଲେ । ଦିନ ପ୍ରାୟ ୨ଟା ସମୟରେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକେ ନୀଳଗିରି ମେଡିକାଲ ଆଣିଥିଲେ । ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ପରେ ପରିବାର ଲୋକେ ଘରକୁ ନେଇ ଯାଇଥିଲେ । ସେ ୧୯୯୨ ମସିହାରେ କେ.ପି.ଲାଖରାଜ ପଂଚାୟତର ସରପଂଚ ଭାବେ ନିର୍ବାଚିତ ହୋଇଥିଲେ । ବିଜେଡିର ସେ ଜଣେ ତୁଙ୍ଗ ନେତା ଥିଲେ । ତାଙ୍କର ମୃତ୍ୟୁ ଖବର ଶୁଣି ବିଜେଡି ନେତା ସନ୍ତୋଷ ଖଟୁଆ, ୧୩ନଂ. ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ଗତିକୃଷ୍ଣ ନନ୍ଦ, ବିଜେପି ନେତା ଗଙ୍ଗାଧର ମିଶ୍ର, ଯୁବ ସମାଜସେବୀ ଶରତ ଦାସ, ଅଗଣି ସାହୁ, ପୂର୍ବତନ ବିଧାୟକ ଚିତରଂଜନ ଷଡ଼ଙ୍ଗୀ, ସମେତ ବହୁ ନେତୃମଣ୍ଡଳୀ ମରଶରୀର ଉପରେପୁଷ୍ପମାଲ୍ୟ ଦେବା ସହ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି । ନିରଂଜନ ମହାପାତ୍ରଙ୍କ ମୃତ୍ୟୁରେ ନୀଳଗିରି ବିଜେଡିରେ ଅପୂରଣୀୟ କ୍ଷତି ଘଟିଲା ବୋଲି ସନ୍ତୋଷ ଖଟୁଆ ଶୋକବାର୍ତାରେ ପ୍ରକାଶ କରିଛନ୍ତି ।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ ଶିବିର : ୮୯୯ ଜଣଙ୍କ ନାମ ପଂଜୀକରଣ

ଜଳେଶ୍ୱର, ୧୫/୧୦(ନି.ପ୍ର): ଜଳେଶ୍ୱର ବ୍ଲକର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ ଶିବିର ଶାନ୍ତିଆସ୍ଥିତ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇ ଯାଇଛି । ଓଡିଶା ସରକାରଙ୍କ ସାମାଜିକ ସୁରକ୍ଷା, ଭିନ୍ନକ୍ଷମ ସଶକ୍ତିକରଣ ଓ ବାଲେଶ୍ୱର ଜିଲା ସାମାଜିକ ସୁରକ୍ଷା ବିଭାଗ ତଥା ଜଳେଶ୍ୱର ପଂଚାୟତ ସମିତି ପକ୍ଷରୁ ଆୟୋଜିତ ଶିବିରକୁ ପଂଚାୟତ ସମିତି ଅଧ୍ୟକ୍ଷ ମାନସ କୁମାର ଜେନା ଓ ବିଡିଓ ପୁନମ ରାଉତ ମିଳିତଭାବେ ଉଦ୍‌ଘାଟନ କରିଥିଲେ । ଏଥିରେ ନାଶା, ଗଳ, କର୍ଣ୍ଣ ବିଭାଗର ୨୫୩, ଅସ୍ଥ ଶଲ୍ୟ ବିଭାଗରେ ୩୮୧, ଦୃଷ୍ଟି ବାଧିତ ବିଭାଗର ୧୦୭, ମାନସିକ ଅନଗ୍ରସର ୧୫୮ଜଣ ବ୍ୟକ୍ତି ପଂଜକରଣ କରିଥିବାର ଜଣାଯାଇଛି । ବାଲେଶ୍ୱରରୁ ଆସିଥିବା ବିଭିନ୍ନ ବିଭାଗର ବିଶେଷଜ୍ଞମାନେ ପରୀକ୍ଷାନିରିକ୍ଷା କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲାପରିଷଦ ଉପାଧ୍ୟକ୍ଷା ଅନୁସୂୟା ପ୍ରଧାନ, ପୌରପାଳିକା ଅଧ୍ୟକ୍ଷ ପ୍ରତୀପ କୁମାର ପ୍ରଧାନ, ବ୍ଲକ ଉପାଧ୍ୟକ୍ଷା ସଞ୍ଜିତା ସେନାପତି, ଡିଏସ୍ଏସ୍ଓ ତରୁଣ ତପନ ପ୍ରହରାଜ, ବିଏସ୍ଏସ୍ଓ ସଂଧ୍ୟାରାଣୀ ସିଂ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ ।

# ସିପିଆଇର ପାର୍ଟି କଂଗ୍ରେସ ଆରମ୍ଭ

ଭୁବନେଶ୍ୱର, ୧୫/୧୦(ନି.ପ୍ର): ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ୨୪ତମ ଜାତୀୟ ମହା ଅଧିବେଶନ ବା ପାର୍ଟି କଂଗ୍ରେସ ଆନ୍ଧ୍ରପ୍ରଦେଶର ବିଜୟୱାଡ଼ାଠାରେ ଆଜିଠାରୁ ଆରମ୍ଭ ହୋଇଛି । ଏହା ୧୮ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି ମହାଅଧିବେଶନରେ ଆଗାମୀ ୩ ବର୍ଷ ପାଇଁ ପାର୍ଟିର ରାଜନୈତିକ ରଣନୀତି ଓ ରଣକୌଶଳ ନିର୍ଦ୍ଧାରଣ କରାଯିବା ସହିତ ପାର୍ଟିର ସାଙ୍ଗଠନିକ ପ୍ରସ୍ତାବକୁ ଚୂଡ଼ାନ୍ତ କରାଯାଇ ନୂତନ ଜାତୀୟ ପରିଷଦ ଓ କର୍ମକର୍ତା ନିର୍ବାଚନ କରାଯିବ । ଏହି ପାର୍ଟି କଂଗ୍ରେସରେ ଭାରତର ସମସ୍ତ ରାଜ୍ୟରୁ ପ୍ରାୟ ୧ ହଜାର ନିର୍ବାଚିତ ପ୍ରତିନିଧି ଓ ବିଶ୍ୱର ୪୭ଟି ଦେଶର ଭ୍ରାତୃପ୍ରତିମ ପ୍ରତିନିଧି ଅଂଶ ଗ୍ରହଣ କରୁଛନ୍ତି । ଓଡ଼ିଶାରୁ ୨୮ଜଣ ପ୍ରତିନିଧି ଭାବରେ ଯୋଗ ଦେଇଛନ୍ତି । ଏହି ଉପଲକ୍ଷେ ଦେଶବ୍ୟାପୀ ପାର୍ଟିର ସମସ୍ତ ଶାଖା ଓ ଅଂଚଳରେ ଲାଲ୍ ପତାକା ଉତୋଳନ କରାଯାଇଛି । ସିପିଆଇ ଭୁବନେଶ୍ୱର ଅଂଚଳ କମିଟି ତରଫରୁ ଭଗବତୀ ଭବନଠାରେ ପତାକା ଉତୋଳନ କରାଯାଇଥିଲା । ଉତ୍ସବରେ ଭୁବନେଶ୍ୱର ଅଂଚଳ କମିଟିର ସମ୍ପାଦକ ସୁର ଜେନା ସଭାପତିତ୍ୱ କରିଥିଲେ ଏବଂ ଭୁବନେଶ୍ୱର ଶାଖାର ପ୍ରଥମ ସମ୍ପାଦକ ବୟୋଜ୍ୟେଷ୍ଠ କମ୍ୟୁନିଷ୍ଟ ରମେଶ ପ୍ରଧାନ ଲାଲ ପତାକା ଉତୋଳନ କରିଥିଲେ । ଏହି ଉତ୍ସବରେ ଏଆଇଟିୟୁସିର ଜାତୀୟ ପରିଷଦ ସଭ୍ୟ ଜୟନ୍ତ ଦାସ, ସିପିଆଇ କଂଟ୍ରୋଲ କମିଶନ ସଭ୍ୟ ବସନ୍ତ ପାଇକାୟ, କୈଳାସ ପୁହାଣ ଓ ଶଙ୍କର ବାରିକ ପ୍ରମୁଖ ବହୁ ସାଥୀ ଯୋଗ ଦେଇଥିଲେ ।

# ମୃତ୍ତିକା ହସ୍ତଶିଳ୍ପ ପ୍ରଦର୍ଶନୀ ଉଦ୍‌ଘାଟିତ

ଭୁବନେଶ୍ୱର, ୧୫/୧୦(ନି.ପ୍ର): ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ଏବଂ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ଶନିବାର ସନ୍ଧ୍ୟାରେ 'ମୃତିକା-୨୨' ପ୍ରଦର୍ଶନୀର ଉଦ୍‌ଘାଟନ କରିଛନ୍ତି । ଚଳିତ ବର୍ଷ ଦୀପାବଳିକୁ ଦୃଷ୍ଟିରେ ରଖି 'ମୃତିକା-୨୨' ନାମରେ ଏକ ପ୍ରଦର୍ଶନୀ ୟୁନିଟ୍-୩ସ୍ଥିତ ଏକାମ୍ର ହାଟ, ଭୁବନେଶ୍ୱରଠାରେ ଅକ୍ଟୋବର ୧୫ରୁ ୨୨ ତାରିଖ ପର୍ଯ୍ୟନ୍ତ ଆୟୋଜନ କରାଯାଉଛି । ଏହି ଅବସରରେ ୧୨୫ଟି ଷ୍ଟଲର ବ୍ୟବସ୍ଥା କରାଯାଇ ୨୫୦ରୁ ଉର୍ଦ୍ଧ୍ୱ କାରିଗରମାନଙ୍କୁ ବିନା ଦେୟରେ ପ୍ରଦାନ କରାଯାଉଛି । ଅଂଶଗ୍ରହଣ କରୁଥିବା ଜିଲ୍ଲାଗୁଡ଼ିକ ହେଲା କେନ୍ଦୁଝର, ଯାଜପୁର, ବାଲେଶ୍ୱର, ସୁବର୍ଣ୍ଣପୁର, ବରଗଡ଼, ରାୟଗଡ଼ା, ଖୋର୍ଦ୍ଧା, ନୟାଗଡ଼, ଢେଙ୍କାନାଳ, ମୟୂରଭଞ୍ଜ, ଜଗତସିଂହପୁର, ଭଦ୍ରକ, କଟକ, ନବରଙ୍ଗପୁର, ସମ୍ବଲପୁର, ବଲାଙ୍ଗିର, କେନ୍ଦ୍ରାପଡ଼ା, ପୁରୀ, ସୁନ୍ଦରଗଡ଼, କୋରାପୁଟ, ଗଜପତି, ଅନୁଗୋଳ, ବୌଦ୍ଧ, କଳାହାଣ୍ଡି, କନ୍ଧମାଳ ଓ ନୂଆପଡ଼ା । ଏହି ପ୍ରଦର୍ଶନୀ ମାଧ୍ୟମରେ ପ୍ରାୟ ୧୭୫ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଟେରାକୋଟା ସାମଗ୍ରୀ ବିକ୍ରି ହେବାର ଆକଳନ କରାଯାଇଛି । ଉତ୍ପାଦିତ ଟେରାକୋଟା ସାମଗ୍ରୀଗୁଡ଼ିକର ବିକ୍ରିବଟାର ସହାୟତା ନିମନ୍ତେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଅନ୍ତର୍ଗତ ହସ୍ତଶିଳ୍ପ ନିର୍ଦ୍ଦେଶାଳୟ ମାଧ୍ୟମରେ ୨୦୦୬ ମସିହାଠାରୁ 'ମୃତିକା' ନାମରେ ଏକ ବାର୍ଷିକ ପ୍ରଦର୍ଶନୀ ଆୟୋଜିତ ହୋଇଆସୁଛି । ଏହି ଉଦ୍‌ଘାଟନୀ ଉତ୍ସବରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ସ୍ୱତନ୍ତ୍ର ସଚିବ ଶ୍ରୀକାନ୍ତ ପୃଷ୍ଟି, ହସ୍ତଶିଳ୍ପ ନିର୍ଦ୍ଦେଶକ ଶ୍ୟାମଭକ୍ତ ମିଶ୍ର, ଉତ୍କଳିକାର ପରିଚାଳନା ନିର୍ଦ୍ଦେଶକ ସରୋଜ କୁମାର ପଟେଲ, ବିଭାଗୀୟ ଅତିରିକ୍ତ ସଚିବ ବିକ୍ରମାଦିତ୍ୟ ବାରିକ, ମୃତିକା ଶିଳ୍ପୀ ଅଞ୍ଜୁଳତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ଆଜିର ଉଦ୍‌ଘାଟନୀ ଉତ୍ସବରେ ଶ୍ରଦ୍ଧାଞ୍ଜଳି ରାଉଳ ଓ ସାଥୀଙ୍କ ଦ୍ୱାରା ଓଡ଼ିଶୀ ଓ ଲୋକନୃତ୍ୟ ପରିବେଷିତ ହୋଇଥିଲା ।

# ପୂର୍ବତନ ରାଷ୍ଟ୍ରପତି ଅବଦୁଲ କାଲାମଙ୍କ ୯୨ତମ ଜନ୍ମ ଜୟନ୍ତି ପାଳିତ




ବସ୍ତା,୧୫/୧୦(ନି.ପ୍ର): ଭାରତର ପୂର୍ବତନ ରାଷ୍ଟ୍ରପତି ତଥା ଭାରତରତ୍ନ ଡ: ଏପିଜେ ଅବଦୁଲ କଲାମ ଙ୍କ ୯୨ ତମ ଜନ୍ମ ଦିବସକୁ 'ବିଶ୍ୱ ବିଦ୍ୟାର୍ଥୀ ଦିବସ' ରୂପେ ମହା ସମାରୋହ ରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ବସ୍ତା ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପରିସର ରେ ଏକ ଜୟନ୍ତୀ ସଭା ପ୍ରଧାନାଚାର୍ଯ୍ୟ ଶ୍ରୀପତି ଚରଣ ପାତ୍ରଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଥିଲା । ଛାତ୍ରଛାତ୍ରୀମାନେ ସ୍ୱର୍ଗତ କଲାମଙ୍କ ଫଟୋଚିତ୍ର ରେ ପୁଷ୍ପାଞ୍ଜଳି ଦେଇଥିଲେ । ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା ଓ କୁଇଜ ପ୍ରତିଯୋଗିତା ଆୟୋଜିତ ହେବା ସହ ବକ୍ତାମାନେ ଆଜି ସାରା ପୃଥିବୀରେ କଲାମଙ୍କ ଜନ୍ମଦିନ ଛାତ୍ରଛାତ୍ରୀ ଦିବସ ରୂପେ ପାଳନ ହେବା ଭାରତୀୟଙ୍କ ପାଇଁ ଗର୍ବ ର ବିଷୟ ବୋଲି ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରଶାନ୍ତ ଗିରି, ରଞ୍ଜିତା ପାଢୀ,ସରୋଜ ପାତ୍ର, ନମିତା ଦାସ, ପୁଷ୍ପଲତା ପଟ୍ଟନାୟକ, କବିତା ମହାକୁଡ, ସୁଶାନ୍ତିଲତା ବେହେରା, ଅଞ୍ଜନ ସାହୁ, ପ୍ରଜ୍ଞାପାରମିତା ବେହେରା, ରାଜଶ୍ରୀ ଦାସ, ଅର୍ଚ୍ଚନା ଘୋଷ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।ଶୁଚିସ୍ମିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଗୌରହରି ବେହେରାଙ୍କ ଏକାଦଶାହ ଶୋକସଭା




ଜଳେଶ୍ୱର, ୧୫/୧୦(ନି.ପ୍ର): ଜଣେ ପରୋପକାରୀ, ସ୍ପଷ୍ଟବାଦୀ ଏବଂ ନିଜ ଅଂଚଳପାଇଁ କାର୍ଯ୍ୟକରୁଥିବା ଯୁବ ସମାଜସେବୀ ଗୌରହରୀ ବେହେରାଙ୍କ ଏକାଦଶାହ ଶୋକସଭା ନିଜ ଗାଁ ରାୟାଁରାମଚନ୍ଦ୍ରପୁରରେ ଅନୁଷ୍ଠିତ ହୋଇ ଯାଇଛି । ଭାଜପାର ଯୁବ ନେତା ସ୍ୱର୍ଗତ ଗୌରହରୀ ବେହେରାଙ୍କ ଏହି ଶୋକସଭା କାର୍ଯ୍ୟକ୍ରମରେ ଆଦିତ୍ୟ ନାରାୟଣ ପାତ୍ର ସଂଚାଳନ କରିଥିଲେ । ଜଣେ ନିର୍ଭିକ, ଜନଦରଦୀ ଓ ଭଦ୍ରଚିତ ବ୍ୟବହାର ପାଇଁ ସେ ସମସ୍ତଙ୍କର ପ୍ରିୟପାତ୍ର ହୋଇପାରିଥିଲେ ବୋଲି ବକ୍ତମାନେ ମତବ୍ୟକ୍ତ କରିଥିଲେ । ଏଥିରେ ପୂର୍ବତନ ପୌରପାଳ ପ୍ରବୀର ପ୍ରଧାନ, ସାଂସଦ ପ୍ରତିନିଧି ଫାଲଗୁନୀ ପାଣିଗ୍ରାହୀ, ଜଗନ୍ନାଥ ଗୋଛାୟତ, ସତ୍ୟବ୍ରତ ପଣ୍ଡା, ସୁମିତ ରାଠି, ରବିନ୍ଦ୍ର ପାଠ, ମେଆଇ ହେଲ୍ପ ୟୁ, ଉତ୍କଳ ଜନନୀ ସେବା ସଂଗଠନର ସଭ୍ୟମାନେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ବେଳରାମ ବେହେରା, ବଡଭାଇ ନରହରି ବେହେରା, ସାନଭାଇ ରାମହରି ବେହେରା ଓ ଶ୍ରୀହରୀ ବେହେରା ପ୍ରମୁଖ ପରିଚାଳନା କରିଥିଲେ ।

ରବିବାର, ଅକ୍ଟୋବର ୧୬, ୨୦୨୨

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ରାଉରକେଲା ବିମାନ ବନ୍ଦରର ସମ୍ପ୍ରସାରଣ ପାଇଁ ପରିବେଶ ମଞ୍ଜୁରୀ

ଭୁବନେଶ୍ୱର, ୧୫/୧୦(ନି.ପ୍ର): ଓଡ଼ିଶା ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ ପ୍ରାଧିକରଣ (ସେଆ)ର ଅଧ୍ୟକ୍ଷ ଶିଶିର କୁମାର ରଥଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱରରେ ଅନୁଷ୍ଠିତ ପ୍ରାଧିକରଣର ୯୩ତମ ବୈଠକରେ ରାଉରକେଲା ବିମାନ ବନ୍ଦରର ସମ୍ପ୍ରସାରଣ ପାଇଁ ପରିବେଶ ମଞ୍ଜୁରୀ (ଇସି) ପ୍ରଦାନ କରାଯାଇଛି । ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ ଏହି ବିମାନ ବନ୍ଦରର ବିକାଶ କରିବା ସହିତ ଏହାକୁ ୩ ବର୍ଷ ପର୍ଯ୍ୟନ୍ତ ପରିଚାଳନା କରିବ। ଓଡିଶା ସରକାରଙ୍କ ଦ୍ୱାରା ରାଉରକେଲାରେ ଆୟୋଜିତ ହେବାକୁ ଥିବା ପୁରୁଷ ହକି ବିଶ୍ୱକପକୁ ଦୃଷ୍ଟିରେ ରଖି, ଫେବୃଆରୀ ୨୦୨୧ରେ ଆରସିଏସ ଉଡାନ ଯୋଜନା ଅନ୍ତର୍ଗତ ଏଟିଆରଜ-୭୨ /କ୍ୟୁ-୪୦୦ ବିମାନ ଚଳାଚଳ ପାଇଁ ରାଉରକେଲା ବିମାନବନ୍ଦରକୁ କୋଡ୍ -୨ବି ରୁ କୋଡ୍ -୩ସି କୁ ରୂପାନ୍ତରିତ କରିବାକୁ ନିଷ୍ପତି ନିଆଯାଇଥିଲା । ଏହି ପ୍ରସ୍ତାବରେ ରନୱେର ସମ୍ପ୍ରସାରଣ, ଏଟିସି ଟାୱାର ନିର୍ମାଣ, ଟ୍ୟାକ୍ସିୱେ, ନୂତନ ଶୌଚାଳୟ ବ୍ଲକ୍ ଏବଂ ଟର୍ମିନାଲ୍ ବିଲଡିଂ ନିର୍ମାଣ ପ୍ରମୁଖ ଅନ୍ତର୍ଭୁକ୍ତ ଅଟେ । ରାଉରକେଲା ବିମାନ ବନ୍ଦରଟି ରାଉରକେଲା ଇସ୍ପାତ କାରଖାନାର ନୋଟିଫାଏଡ୍ ଇଣ୍ଡଷ୍ଟ୍ରିଆଲ୍ ଟାଉନସିପ୍ ଭିତରେ ଥିବାରୁ ସେଆ ପକ୍ଷରୁ ପ୍ରକଳ୍ପକୁ ଟର୍ମ ଅଫ୍ ରେଫରେନ୍ସ ସମ୍ପର୍କିତ ଜନଶୁଣାଣିରୁ ଛାଡ଼ କରାଯାଇଛି । କାରଣ କୌଣସି ଜମି ଅଧିଗ୍ରହଣ, ପୁନଃଥଇଥାନ କିମ୍ବା ପୁନଃବିସ୍ଥାପନ ସମ୍ପର୍କିତ ସମସ୍ୟା ନାହିଁ। କେବଳ ରାଉରକେଲା ଇସ୍ପାତ କାରଖାନାର ଟାଉନସିପ୍ ଠାରୁ ବିମାନବନ୍ଦର ପର୍ଯ୍ୟନ୍ତ ଜମି ବ୍ୟବହାର ଆଭ୍ୟନ୍ତରୀଣ ସୀମା ନିର୍ଦ୍ଧାରଣରେ ପରିବର୍ତ୍ତନ ହେଉଛି । ଆନୁମାନିକ ପ୍ରକଳ୍ପ ମୂଲ୍ୟ ୫୦ କୋଟି ଟଙ୍କା ରହିଛି। ପରିବେଶ ପରିଚାଳନା ଯୋଜନା କାର୍ଯ୍ୟକାରୀ କରିବା ପାଇଁ ୮.୫ କୋଟି ଟଙ୍କା ଏବଂ ରିକରିଙ୍ଗ କଷ୍ଟ ବାବଦରେ ବାର୍ଷିକ ୧୭.୫ ଲକ୍ଷ ଟଙ୍କା ଆବଂଟନ କରାଯାଇଛି । ରାଉରକେଲା ବିମାନବନ୍ଦରର କ୍ଷେତ୍ର ୧୦୨ ଏକରରୁ ୨୫୦ ଏକରକୁ ବୃଦ୍ଧି ପାଇବ।

# ପଣ୍ଡିତ ସତ୍ୟପଦ ପଣ୍ଡାଙ୍କ ସ୍ମୃତିରେ ଉତ୍ସର୍ଗୀକୃତ ହେଲା ଓଡ଼ିଆ ସାହିତ୍ୟରେ ପ୍ରଥମଥର ପାଇଁ 'ଭାଇ' ସଂକଳନ



ବାଲେଶ୍ୱର, ୧୫/୧୦(ନି.ପ୍ର): 'ଭାଇ' ଯୁଗେ ଯୁଗେ ଭାଇର କାନ୍ଧ ସହ କାନ୍ଧ ମିଳାଇ ସୁଖଦୁଃଖରେ ସାଥି ହୋଇ ସମସ୍ତ ଦୁଃଖକଷ୍ଟକୁ ବରଣ କରି ଜୀବନ ଉତ୍ସର୍ଗ କରିବା ଭଳି ଅସଂଖ୍ୟ କାହାଣୀ ଆମ ସମାଜରେ ଦେଖିବାକୁ ମିଳିଥାଏ । ଭାଇର ଅବର୍ତ୍ତମାନ ଆଉ ଏକ ଭାଇ ପାଇଁ ହୁଏ ଖୁବ୍ ଯନ୍ତ୍ରଣାଦାୟକ ଓ ସୀମାହୀନ ଅବର୍ଣ୍ଣନୀୟ ଦୁଃଖର କାରଣ । ଭାଇ କେବେ ଭାଇର ଶତ୍ରୁ ହୋଇପାରେନା । ଯଦିଓ କେବେ କେମିତି ଭାଇ ଶତ୍ରୁ ହୋଇଥାଏ, ତଥାପି ପରେ ସେ ପଶ୍ଚାତାପର ଅନଳରେ ଦଗ୍ଧିଭୂତ ହୋଇ ଭାଇ ପାଇଁ ଅଶ୍ରୁ ବିସର୍ଜନ କରେ । ସେହି ଭାଇର ମହାନତାକୁ ବିଭିନ୍ନ ଲେଖକ ଲେଖିକା କିଭଳି ଭାବରେ ବର୍ଣ୍ଣନା କରିଛନ୍ତି ତାହା ସମ୍ପ୍ରତି ବାଲେଶ୍ୱର ଜିଲ୍ଲା ବାଲିଆପାଳ ଥାନା ଅନ୍ତର୍ଗତ ସୁନାରୂଇ ଗ୍ରାମରେ ୧୯୮୬ମସିହାରେ ଜନ୍ମିତ ପଣ୍ଡିତ ସତ୍ୟପଦ ପଣ୍ଡାଙ୍କର ମାତ୍ର ୩୪ବର୍ଷର ସ୍ୱଳ୍ପକାଳର ଜୀବନ ଅବଧିରେ ଗତ ମହାସପ୍ତମୀ ପୂଜାସନରେ ମା'ଦୁର୍ଗାଙ୍କ ପୂଜା କରୁଥିବା ବେଳେ ଯେଉଁ ଆକସ୍ମିକ ଓ ଆଦର୍ଶ ମୃତ୍ୟୁ ଘଟିଥିଲା, ସେହି ସ୍ମୃତିକୁ ଉଦ୍‌ଜୀବିତ କରି ରଖିବା ପାଇଁ ତାଙ୍କ ବଡ଼ଭାଇ କବି କାଳୀପଦ ପଣ୍ଡାଙ୍କ ସମ୍ପାଦନାରେ ପ୍ରକାଶ ପାଇଥିବା 'ଭାଇ' ଶୀର୍ଷକର ୨୫୬ପୃଷ୍ଠା ସମ୍ବଳିତ ଗ୍ରନ୍ଥରେ ଦେଖିବାକୁ ମିଳିଛି । ସ୍ୱର୍ଗତ ସତ୍ୟପଦ ପଣ୍ଡାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ତାଙ୍କ ସୁନାରୂଇ ସ୍ଥିତ ବାସଭବନରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରରୁ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦାନ କରି ପରଲୋକଗତ ପଣ୍ଡାଙ୍କର ମହତ ଗୁଣାବଳୀର ବର୍ଣ୍ଣନାପୂର୍ବକ ଭାଇ ସଂକଳନକୁ ପାଠକାର୍ପିତ କରାଇଥିଲେ । ବିଶିଷ୍ଟ ସାହିତ୍ୟିକ ଡ.ରମାକାନ୍ତ ବେହେରା, ଡ.ରାଧାରଞ୍ଜନ ପଟ୍ଟନାୟକ, କବି ଅଭୟ ଦାସ, ରେବତୀର ସମ୍ପାଦିକା ସୁବାସିନୀ ଜେନା, ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର ପ୍ରାପ୍ତ କଥାକାର ଅରବିନ୍ଦ ରାୟ, ଧ୍ୱନିପ୍ରତିଧ୍ୱନିର ମୁଖ୍ୟ ସମ୍ପାଦକ ସୃଷ୍ଟିଧର ପରିଡ଼ା, ଆଡ଼ଭୋକେଟ୍ ବିଜୟ କୁମାର ପାଣିଗ୍ରାହୀ, ଅଭିନନ୍ଦନର ସମ୍ପାଦକ ଜଗଦୀଶ ମିଶ୍ର, ବରିଷ୍ଠ ସାମ୍ବାଦିକ ଶଶିରଞ୍ଜନ ମଲ୍ଲିକ, ସାହିତ୍ୟ ଏକାଡ଼େମୀ ସଦସ୍ୟ ଭରତ ଚନ୍ଦ୍ର ଦାଶ, ପଣ୍ଡିତ ଅନାଦି କୁମାର ପଣ୍ଡା, ଡ.କ୍ଷିତୀଶ୍ୱର ଦାସ, ଇ.ବିଜୟ କୁମାର ସେଠୀ, ନାଟ୍ୟକାର ଝାଡ଼େଶ୍ୱର ପ୍ରଧାନ, ମହେଶ୍ୱର ସେଠୀ, ଅଧ୍ୟାପକ ନିରଞ୍ଜନ ବେହେରା, ହାଡ଼ିବନ୍ଧୁ ପାତ୍ର, ପ୍ରଣତି ମହାପାତ୍ର, ସର୍ବେଶ୍ୱର ଜେନା, କବି ବ୍ରଜେନ୍ଦ୍ରନାଥ ଗିରି, ଅଧ୍ୟାପକ ପ୍ରଦୀପ୍ତ କୁମାର ମିଶ୍ର, ସୁରେନ୍ଦ୍ର ନାଥ ପରିଡ଼ା ପ୍ରମୁଖ ଯୋଗଦାନ କରି ସ୍ୱର୍ଗତ ପଣ୍ଡାଙ୍କର ସ୍ମୃତିଚାରଣ କରିବା ସହ ୯୫ଜଣ ଲେଖକଙ୍କ ଲେଖାକୁ ନେଇ ପ୍ରକାଶ ପାଇଥିବା ଭାଇ ସଂକଳନଟି ଏକ ଅଦ୍ୱିତୀୟ ସଂକଳନ ପାଠକ ପାଠିକାଙ୍କ ପାଇଁ ହେବ ବୋଲି ମତବ୍ୟକ୍ତ କରିଥିଲେ । ପ୍ରାରମ୍ଭରେ ଦୁଇମିନିଟ୍ ନିରବ ପ୍ରାର୍ଥନା କରାଯାଇ ସ୍ୱର୍ଗତ ପଣ୍ଡାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରାଯାଇଥିଲା । କାର୍ଯ୍ୟକ୍ରମକୁ ଅଧ୍ୟାପକ ମୁକ୍ତିପଦ ପଣ୍ଡା, ଶକ୍ତିପଦ ପଣ୍ଡା ସଂଚାଳନା କରିଥିଲା ବେଳେ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିଲେ ସ୍ୱର୍ଗତ ପଣ୍ଡାଙ୍କର ବଡ଼ଭାଇ ଓଡ଼ିଶା ସାହିତ୍ୟ ଏକାଡ଼େମୀର ସଦସ୍ୟ କବି କାଳୀପଦ ପଣ୍ଡା ।

## ସଜନାଗଡ଼ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସି.ଡି.ଏମ.ଓ.ଙ୍କ ପରିଦର୍ଶନ

ନୀଳଗିରି, ୧୫/୧୦(ନି.ପ୍ର): ସଜନାଗଡ଼ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ବିଭିନ୍ନ ଅବ୍ୟବସ୍ଥା ଏବଂ ପାରିପାର୍ଶ୍ୱିକ ଅବସ୍ଥାକୁ ନେଇ ବାରମ୍ବାର ଅବଗତ ପରେ ଶନିବାର ଅପରାହ୍ନ ପ୍ରାୟ ୪ଘଟିକା ସମୟରେ ବାଲେଶ୍ୱର ସି.ଡି.ଏମ.ଓ. ପରିଦର୍ଶନ କରିଥିଲେ । ବିଗତ ଦିନରେ ବାରମ୍ବାର ଚୋରୀ ହେବା ଘଟଣା ସ୍ୱାସ୍ଥ୍ୟ କେନ୍ଦ୍ରର ପରିଚାଳନା ଏବଂ ଅବ୍ୟବସ୍ଥା ନେଇ ଖବର ପ୍ରସାରିତ ହୋଇଥିଲେ ମଧ୍ୟ କୌଣସି ସୁଧାର ହୋଇ ନ ଥିଲା । ଉକ୍ତ ଡାକ୍ତରଖାନାଟି ଆଦିବାସୀ ଅଧ୍ୟୁଷିତ ଅଂଚଳରେ ହୋଇଥିବା ବେଳେ ବହୁ ରୋଗୀ ଏଠାରେ ଚିକିତ୍ସିତ ହୋଇଥାଆନ୍ତି । ଡାକ୍ତରଖାନା ପରିସରଟି ନାନାଦି ନଟାବୁଦାରେ ପରିପୂର୍ଣ୍ଣ ହୋଇଥିବା ବେଳେ ଏଠାରେ ଏକ ଜଙ୍ଗଲର ଭ୍ରମ ସୃଷ୍ଟି ହେଉଛି । ପରିସର ରେ ଆଲୋକିକରଣ ସହିତ ଆୟୁଷ ଡାକ୍ତର, ରାତ୍ର ଜଗୁଆଳି ଭଳି ନାନା ସମସ୍ୟା ଥିବା ବେଳେ ବାରମ୍ବାର ଚୋରୀ ହେବା ଘଟଣା ଡାକ୍ତରଖାନା ପ୍ରଶାସନ ବୈମାତୃକ ମନୋଭାବ ଯୋଗୁଁ ହସପିଟାଲଟି ଅବହେଳିତ ହୋଇଥିଲେ ପଡ଼ିଛି । ଏଭଳି ବାରମ୍ବାର ଅଭିଯୋଗ ପରେ ଶନିବାର ଅପରାହ୍ନ ପ୍ରାୟ ୪ଘଟିକା ସମୟରେ ବାଲେଶ୍ୱର ସି.ଡି.ଏମ.ଓ. ଦୁଲାଲସେନ ଜଗଦେବ, ଏ.ଡି.ଏମ.ଓ. ମୃତ୍ୟୁଂଜୟ ମିଶ୍ର ଏବଂ ଡି.ପି.ଏମ. ଅନୀଲ କୁମାର ମହାନ୍ତି ପରିଦର୍ଶନ କରି ବିଭିନ୍ନ ଅବ୍ୟବସ୍ଥା ସଂପର୍କରେ ଅବଗତ ହୋଇଥିଲେ । ଅଳ୍ପଦିନ ମଧ୍ୟରେ ରାତ୍ରିରେ ଫାର୍ମାସିଷ୍ଟ ରହିବା ସହିତ ନାଇଟ୍ ସିକ୍ୟୁରିଟି ରହିବା ସହିତ ଅନ୍ୟ ଆନୁଷଙ୍ଗିକ ବ୍ୟବସ୍ଥାର ସୁଧାର କରାଯିବ ବୋଲି ସି.ଡି.ଏମ.ଓ. ପ୍ରକାଶ କରିଛନ୍ତି ।

## ମିଳିତ ନିଶା ନିବାରଣ ଅଭିଯାନର ମାସିକିଆ ବୈଠକ ଅନୁଷ୍ଠିତ




ବାଲେଶ୍ୱର, ୧୫/୧୦(ନି.ପ୍ର): 'ମିଳିତ ନିଶା ନିବିବାଣ ଅଭିଯାନ(ମାନା)ବାଲେଶ୍ୱର'ର ମାସିକିଆ ବୈଠକ ନେଳିଆବାଗସ୍ଥିତ କାର୍ଯ୍ୟାଳୟରେ ଆଇନଜୀବୀ ପ୍ରଭାକର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ବୈଠକ ଆରମ୍ଭରେ ସାଧାରଣ ସଂପାଦିକା ମମତା ମହାପାତ୍ର ଗତ ବୈଠକର ବିବରଣୀ ପାଠ କରିବା ସହ ଆନ୍ତର୍ଜାତିକ ବେଳାଭୂମି ସଫେଇ କାର୍ଯ୍ୟକ୍ରମରେ 'ମାନା'ର ପକ୍ଷରୁ ଚାନ୍ଦିପୁରଠାରେ ଯୋଗଦାନ ଖୁବ୍ ସଫଳ ହୋଇଥିବା ପ୍ରକାଶ କରି ସଭ୍ୟମାନଙ୍କୁ ବଧାଇ ଜଣାଇବା ସହ ଜିଲ୍ଲା ପ୍ରଶାସନ ସୁଯୋଗ ଦେଇଥିବାରୁ ଧନ୍ୟବାଦ ଅର୍ପଣ କରିଥିଲେ । ବୈଠକରେ ଆଗାମୀ ବାର୍ଷିକ ଉତ୍ସବ, ଆୟବ୍ୟୟ, ସଭ୍ୟ ସଂଗ୍ରହ ବିଷୟରେ ଆଲୋଚନା ହେବା ସହ ସଚେତନତା ଶିବିର ଆୟୋଜନ ପାଇଁ ବିଭାଗୀୟ କମିଶନର ଓ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତିଙ୍କୁ ସାକ୍ଷାତ୍ କରାଯିବା ପାଇଁ ସ୍ଥିର କରାଯାଇଥିଲା । ଉପଦେଷ୍ଟା ସୁବ୍ରତ କର, ଡ. କେଶବ ଚରଣ ପଣ୍ଡା, ଡ. କ୍ଷିତୀଶ୍ୱର ଦାଶ, କୁମୁଦ ରଞ୍ଜନ ଗିରି, ପ୍ରଫୁଲ୍ଲ କୁମାର ଦାସ, କମଳାକାନ୍ତ ଦାଶ, ଗୀତାଞ୍ଜଳି ସିଂହ, ତ୍ରିଦିବ ନାୟକ, ପୂର୍ଣ୍ଣଚନ୍ଦ୍ର ବେହେରା, ଯୋଗେଶ ଚନ୍ଦ୍ର ପ୍ରଧାନ, ରମେଶଚନ୍ଦ୍ର ଜେନା, କଲ୍ୟାଣୀ ନନ୍ଦ, ଚିତ୍ରାରାଣୀ ପାତ୍ର, ପ୍ରଣିତା ମିଶ୍ର, ସନାତନ ଦାସ, ପ୍ରସନ୍ନ କୁମାର ପାଢ଼ୀ, ଓ ବସନ୍ତ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ । ଶେଷରେ ସୀତାରାମ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

# 'ରେବତୀ' ପୂଜା ବିଶେଷାଙ୍କ ଆଲୋଚନା



ବାଲେଶ୍ୱର, ୧୫/୧୦(ନି.ପ୍ର): ଫକୀରମୋହନ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ଶାନ୍ତିକାନନଠାରେ 'ରେବତୀ' ପୂଜା ବିଶେଷାଙ୍କ ଆଲୋଚନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପରିଷଦର ଉପସଭାପତି ଦୀନବନ୍ଧୁ ଲେଙ୍କାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ 'ରେବତୀ'ର ମୁଖ୍ୟ ସଂପାଦିକା ସୁବାସିନୀ ଜେନା ଦୀର୍ଘ ଚାରିବର୍ଷ କାଳ 'ରେବତୀ'ର ନିରବଚ୍ଛିନ୍ନ ପ୍ରକାଶନ ସଂପର୍କରେ ଆଲୋକପାତ କରିଥିଲେ । ଉଭୟ ଲେଖକ ଓ ପାଠକମାନଙ୍କର ସଦିଚ୍ଛା ଓ ସହଯୋଗ ପାଇଁ ହିଁ 'ରେବତୀ' ଆଜି ଓଡ଼ିଶା ତଥା ଓଡ଼ିଶା ବାହାରେ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିବାରେ ସକ୍ଷମ ହୋଇପାରିଛି ବୋଲି କହିଥିଲେ । ବିଶିଷ୍ଟ ଗବେଷକ ଡ. ସୁବାସ ଚନ୍ଦ୍ର ପାତ୍ର ଓ କବି ଶ୍ରୀଦେବ ଆଲୋଚକ ଭାବେ ଯୋଗ ଦେଇ ପତ୍ରିକାଟିର ବଳିଷ୍ଠ ସଂପାଦନା ଓ ସ୍ଥାନିତ ଲେଖାଗୁଡ଼ିକ ସଂପର୍କରେ ସବିଶେଷ ଆଲୋଚନା କରିବା ସହିତ ପତ୍ରିକାଟି ସର୍ବାଙ୍ଗ ସୁନ୍ଦର ଓ ଆକର୍ଷଣୀୟ ହୋଇପାରିଛି ବୋଲି ମତ ପ୍ରକାଶ କରିଥିଲେ । 'ପରିଚୟ'ର ସଂପାଦିକା ଅରୁଣା ରାୟ, ପରିଷଦର ପ୍ରାକ୍ତନ ସଭାପତି ଡ. ଶିରୀଶ ଚନ୍ଦ୍ର ଜେନା, ଗାଳ୍ପିକ ଉଦୟ ନାରାୟଣ ଦାସ, କବି ରଂଜନ ବାଗ ପ୍ରମୁଖ 'ରେବତୀ' ସଂପର୍କରେ ନିଜ ନିଜର ମତ ରଖିଥିଲେ । କୋଷାଧ୍ୟକ୍ଷ ତପନ ରାୟ ମଞ୍ଚ ଆବାହନ କରିଥିବାବେଳେ ସଂପାଦକ ଦୀପକ ବୋଷ ପ୍ରାକ୍‌କଥା ରଖିଥିଲେ । ଅନ୍ୟତମ ଯୁଗ୍ମ ସଂପାଦକ କଲ୍ୟାଣୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାଜେଶ ଗିରି, ବାସନ୍ତୀ କର, ପଦ୍ମଲୋଚନ ଦତ୍ତ, କରୁଣାକର ସ, ଡ. ସନ୍ତୋଷ କୁମାର ନାୟକ, କମଳାକାନ୍ତ ଦାଶ, ଶରତ କୁମାର ମହାପାତ୍ର, ସଂଜୟ ପଣ୍ଡା, କମଳାକାନ୍ତ ନାୟକ, ବିଦ୍ୟାଧର ସାହୁ, ଶରତ ଚନ୍ଦ୍ର ଦାସ, ଦିଲ୍ଲୀପ ଚକ୍ରବର୍ତ୍ତୀ, ଶେଖ ସୟିମ, ଯୋଗେଶ ଚନ୍ଦ୍ର ପ୍ରଧାନ, ବେଣୁଧର ପାଲ ପ୍ରମୁଖ ଉପସ୍ଥିତ ଥିଲେ ।

## ନନ୍ଦନକାନନରେ ଧଳା ବାଘ ବିଜୟା ଅସୁସ୍ଥ

ଭୁବନେଶ୍ୱର, ୧୫/୧୦(ନି.ପ୍ର): ଗତକାଲିଠାରୁ ଭୁବନେଶ୍ୱର ସ୍ଥିତ ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ଥିବା ଧଳା ବାଘୁଣୀ 'ବିଜୟା' ଅସୁସ୍ଥ ହୋଇପଡ଼ିଛି । ବୟସାଧିକ କାରଣରୁ ୧୧ ବର୍ଷୀୟ ଧଳା ବାଘୁଣୀ 'ବିଜୟା' କାଲିଠୁ ଅସୁସ୍ଥ ଅଛି । ନନ୍ଦନକାନନ ପକ୍ଷରୁ ତାକୁ କ୍ୱାରେଂଟିନରେ ରଖି ସ୍ୱତନ୍ତ୍ର ଟିମ୍ ପକ୍ଷରୁ ଚିକିତ୍ସା କରାଯାଉଛି । ବିଜୟାର ଅଧିକ ଚିକିତ୍ସା ପାଇଁ ଓୟୁଏଟିକୁ ଏକ ଚିଠି ଲେଖିଛନ୍ତି ନନ୍ଦନକାନନ କର୍ତ୍ତୃପକ୍ଷ । ବିଜୟାର ବ୍ୟବହାର, ଖାଦ୍ୟ ଓ ପାନୀୟ ଉପରେ ବିଶେଷ ଭାବେ ଧ୍ୟାନ ରଖାଯାଇଛି । ବିଜୟାର ସ୍ୱାସ୍ଥ୍ୟ ଅବସ୍ଥା ସ୍ଥିର ଥିବା ନନ୍ଦନକାନନ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି ।

## ରାଜ୍ୟରେ ନୂଆ ୬୩ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୧୫/୧୦(ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୬୩ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ୍ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୩୩୫୩୭୭ କୁ ବୃଦ୍ଧି ପାଇଛି । ନୂଆ ଚିହ୍ନଟ ୬୩ ଆକ୍ରାନ୍ତଙ୍କ ମଧ୍ୟରୁ ୩୭ ଜଣ କ୍ୱାରେଂଟାଇନ (ସଙ୍ଗରୋଧ)ରୁ ଏବଂ ୨୬ ଜଣ ଲୋକାଲ୍ କଂଟାକ୍ଟ (ସ୍ଥାନୀୟ ସମ୍ପର୍କ)ରୁ ରହିଛନ୍ତି । ସେହିପରି ୦ ରୁ ୧୮ ବର୍ଷ ମଧ୍ୟରେ ୧୦ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ନେଇ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ୍ କରି ସୂଚନା ଦିଆଯାଇଛି । ଅନ୍ୟପକ୍ଷରେ ନୂଆ ୭୯ ଜଣ ସୁସ୍ଥ ହେବା ପରେ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୩୨୫୫୧୯ ରେ ପହଂଚିଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୬୦୫ ରହିଛି । ରାଜ୍ୟରେ ନୂଆ ଚିହ୍ନଟ ହୋଇଥିବା ୬୩ ସଂକ୍ରମିତଙ୍କ ମଧ୍ୟରୁ ବାଲେଶ୍ୱର ଜିଲ୍ଲାରେ ୨, ବଲାଙ୍ଗିର ଜିଲ୍ଲାରେ ୧, କଟକ ଜିଲ୍ଲାରେ ୧୨, ଗଞ୍ଜାମ ଜିଲ୍ଲାରେ ୧, ଜଗତସିଂହପୁର ଜିଲ୍ଲାରେ ୨, ଯାଜପୁର ଜିଲ୍ଲାରେ ୧, କଳାହାଣ୍ଡି ଜିଲ୍ଲାରେ ୨ ଏବଂ ଖୋର୍ଦ୍ଧା ଜିଲ୍ଲାରେ ୧୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

## ଶିରିଡିସାହି ମନ୍ଦିରର ୫ମ ବାର୍ଷିକ ଉତ୍ସବ



ଜଳେଶ୍ୱର, ୧୫/୧୦(ନି.ପ୍ର): ଓଡିଶା ଓ ପଶ୍ଚିମବଂଗ ସୀମା ଜଳେଶ୍ୱର ବ୍ଲକର ସାଇନଗର ଠାରେ ଥିବା ସିରିଡିସାହି ମନ୍ଦିରର ୫ମ ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇ ଯାଇଛି । ଶିରିଡିସାହି ବାବାଙ୍କର ମହାସମାଧି ୧୦୪ ବର୍ଷ ଅବସରରେ ଆୟୋଜିତ ଏହି ଉତ୍ସବରେ ଭଜନ କାର୍ଯ୍ୟକ୍ରମ, ସାଇରଥ ପରିକ୍ରମ, ଆଳତୀ ଓ ପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଶିରିଡିସାହି ଅର୍ଚ୍ଚନା ଟ୍ରଷ୍ଟ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଓଡିଶା, ପଶ୍ଚିମବଂଗର ହଜାର ହଜାର ଶ୍ରଦ୍ଧାଳୁ ଏଥିରେ ଯୋଗ ଦେଇଥିଲେ । ଟ୍ରଷ୍ଟର ସଭାପତି ସୁବିର ସେନାପତି, ଉପସଭାପତି ସୁରେଶ ସାହୁ, ସଂପାଦକ ଭାସ୍କର ରଂଜନ ସ୍ୱାଇଁ, ସହ ସଂପାଦକ ସୁବ୍ରତ କୁମାର ରଣା ଓ କୋଷାଧ୍ୟକ୍ଷ ବିକାଶ କୁମାର ଧର ପ୍ରମୁଖ ଆୟୋଜିତ ଉତ୍ସବକୁ ପରିଚାଳନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ତପନ ପାତ୍ର, ପ୍ରବିର ପ୍ରଧାନ, ସମୀର କର୍ମକାର, ତ୍ରିଲୋଚନ ମିର୍ଦ୍ଧା, ମଣିଭଦ୍ର ଜେନା, ରବିନ୍ଦ୍ର ନାଥ ଦାସ, ସାଧୁଚରଣ ପରିଡା, ସୂର୍ଯ୍ୟାନନ୍ଦ ପାଳ, ଅଂଜନ ଦେ, ରାଜେଶ ଖଟୁଆ, ଗୋପାଳ ଠକ୍କର, ଅରକ୍ଷିତ ସାହୁ, ପ୍ରଶାନ୍ତ ସାମଲ, ବିଶ୍ୱଜିତ୍ ସାହୁ, ରବିନ୍ଦ୍ର ଧଳ, ମହେଶ୍ୱର ସେନାପତି ଓ ଅପୁ ଦତ୍ତ ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ ।

# ଜିଲ୍ଲାସ୍ତରୀୟ ଆନ୍ତଃ ବିଦ୍ୟାଳୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ପଞ୍ଚମ ଦିନ

ବାରିପଦା, ୧୫/୧୦(ନି.ପ୍ର): ସ୍ଥାନୀୟ ବାରିପଦା ଷ୍ଟାଡିୟମ ପଡିଆରେ ଅନୁଷ୍ଠିତ ଜିଲ୍ଲା ସ୍ତରୀୟ ୧୭ ବର୍ଷରୁ କମ ବାଳକ / ବାଳିକା ଆନ୍ତଃ ବିଦ୍ୟାଳୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ପଞ୍ଚମ ଦିନ ବାଳକ ବିଭାଗରେ ବାରିପଦା ବାଙ୍ଗିରିପୋଷିକୁ ୩-୧ଗୋଲରେ ପରାସ୍ତ କରିଥିବା ବେଳେ ଶୁଳିଆପଡା ବଡ଼ସାହିକୁ ୨-୧, ଖୁଣ୍ଟା ବେତନଟୀକୁ ୩-୨, ଓ ବିଜାତଳା ଜାମଦଓକୁ ୨-୦ ଗୋଲରେ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛନ୍ତି ଓ ସେହିପରି ବାଳିକା ବିଭାଗ ଖେଳରେ କୁସୁମୀ ଜାମଦଓକୁ ୩-୦ ଗୋଲରେ ପରାସ୍ତ କରିଥିବା ବେଳେ ବାରିପଦା ବଡ଼ସାହିକୁ ୪-୦, କୁଳିଅଣା କରଞ୍ଜିଆକୁ ୧-୦ ଓ ରାରୁଆଁ ମୋରଡାକୁ ୧-୦ ଗୋଲର ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛନ୍ତି ଓ ଆଜିର ଖେଳକୁ ଯଶୋବନ୍ତ ମହାନ୍ତ, ବିଶ୍ୱନାଥ ଦାସ, ଅସିତ ବରୁଣ ପାଲ, ସିଲି ମାଝୀ, ଦିଲ୍ଲୀପ କୁମାର ସେନାପତି, କାପୁରା ମାଝୀ, ନିରଞ୍ଜନ ସିଂ ଦେଓ ସଓଚେନ, ରଘୁ ହାଁସଦା, ସଓଗେନ ମାଝୀ, ଜଗଜିତ ମାଝୀ ଓ ସୁଧା ରଞ୍ଜନ ମହାକୁଡ଼ ପରିଚାଳନା କରିଥିଲେ ଓ ପୂର୍ବତନ ମନ୍ତ୍ରୀ ତଥା ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିଭାଗର ରାଜ୍ୟ ଉପଦେଷ୍ଟା ସରୋଜିନୀ ହେମ୍ବ୍ରମ ମୁଖ୍ୟ ଅତିଥି ଭାବେ ଓ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳ, ପରିବେଶବିତ ତଥା ମୟୁରଭଞ୍ଜ ଏଥଲେଟିକ ଆସୋସିଏସନର ଉପ ସଭାପତି ବିବେକାନନ୍ଦ ପଟ୍ଟନାୟକ, ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ଓ ବାରିପଦା ବ୍ଲକ ଶିକ୍ଷା ଅଧିକାରୀ ପ୍ରଭାତୀ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ ।

## ଜୟନ୍ତୀରେ ଡ.କଲାମଙ୍କୁ ଶ୍ରଦ୍ଧାଂଜଳି ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୫/୧୦ (ନି.ପ୍ର): ଜୟନ୍ତୀ ଅବସରରେ ପୂର୍ବତନ ରାଷ୍ଟ୍ରପତି ଭାରତ ରତ୍ନ ଡ. ଏପିଜେ ଅବଦୁଲ କଲାମଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶ୍ରଦ୍ଧାଂଜଳି ଜଣାଇଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ - ଲୋକ ମାନଙ୍କର ରାଷ୍ଟ୍ରପତି ତଥା ଜଣେ ସୁନାମଧନ୍ୟ ବୈଜ୍ଞାନିକ ଭାବେ ଜଣାଶୁଣା ଡ, କଲାମଙ୍କୁ ଭାରତର ମହାକାଶ ଓ କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମରେ ଯୋଗଦାନ ପାଇଁ ସବୁବେଳେ ସ୍ମରଣ କରାଯିବ ।

# ନୂଆସାହି ମବିଦ୍ୟାଳୟରେ ଶିକ୍ଷା ବିଭାଗର ଆଲୋଚନା ଚକ୍ର



ଉଦଳା, ୧୫/୧୦(ନି.ପ୍ର): ନୂଆସାହି ସ୍ଥିତ କପ୍ତିପଦା ମହାବିଦ୍ୟାଳୟରେ ଶିକ୍ଷା ବିଭାଗ ତରଫରୁ ଉନ ଶିକ୍ଷାରେ ରୁଷାର ଭୂମିକା ଶୀର୍ଷକ ଆଲୋଚନା ଚକ୍ର ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷା ଡକ୍ଟର ଲିପିକା ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । କପ୍ତିପଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଚନ୍ଦ୍ର କୁମାର ପଟ୍ଟନାୟକ ଅଲୋଚନା ଚକ୍ରରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ କପ୍ତିପଦା ମହାବିଦ୍ୟାଳୟ, କପ୍ତିପଦାର ଶିକ୍ଷା ବିଭାଗର ମୁଖ୍ୟ ଅଧ୍ୟାପକ ଶ୍ରୀଯୁକ୍ତ ଦୁଷ୍ମନ୍ତ ସାହୁ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇଥିଲେ । ନୂଆସାହି ଡିଗ୍ରୀ ମହାବିଦ୍ୟାଳୟର ଶିକ୍ଷା ବିଭାଗ ମୁଖ୍ୟ ଡକ୍ଟର ଶାନ୍ତ ସୁନ୍ଦର ଆଚାର୍ଯ୍ୟ ଆଲୋଚନା ଚକ୍ରର ବିଷୟ ଉନ ଶିକ୍ଷାର ରୁଷାର ଭୂମିକା ସମ୍ବନ୍ଧରେ ପ୍ରଜେକ୍ଟର ମାଧ୍ୟମରେ ଉପସ୍ଥାପନ କରିଥିଲେ । ବିଭାଗର ଛାତ୍ରଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିବା ସହ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ଅତିଥିଗଣଙ୍କୁ ସ୍ୱାଗତ କରିଥିଲେ । ମୁଖ୍ୟ ଅତିଥି ତାଙ୍କ ଭାଷଣରେ ବର୍ତ୍ତମାନ ଉନ ଶିକ୍ଷାରେ ଦେଖାଯାଉଥିବା ସମସ୍ୟା ଓ ତାର ସମାଧାନ ସହ ଗୁଣାତ୍ମକ ଶିକ୍ଷା ଉପରେ ଗୁରୁତ୍ୱ ଦେଇଥିଲେ । ମୁଖ୍ୟ ବକ୍ତା ବସ୍ତୁର ବୈଶିଷ୍ଟ୍ୟ, ଉପସ୍ଥାପନ ଓ ଯୋଜନା ସମ୍ପର୍କରେ ଶିକ୍ଷାର୍ଥୀଙ୍କୁ ଅବଗତ କରାଇଥିଲେ । ବିଭାଗର ଶୀକ୍ଷାର୍ଥୀ ଚୁମୁକୀରାଣୀ, ଜ୍ୟୋତିରେଖା ଓ ରାଜଶ୍ରୀ ନିଜ ନିଜର ସନ୍ଦର୍ଭକୁ ପ୍ରଜେକ୍ଟର ମାଧ୍ୟମରେ ଉପସ୍ଥାପନ କରିଥିଲେ । ଅଧ୍ୟାପିକା ନମିତା ବେହେରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷା ସହାୟିକା ଭାନୁମତି ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

## ଉପନ୍ୟାସ 'ନାୟିକାର ନାମ ତନ୍ଦ୍ରା' ଉନ୍ମୋଚିତ

ଭୁବନେଶ୍ୱର, ୧୫/୧୦(ନି.ପ୍ର): ତାପସ କୁମାର ସାହାଙ୍କ ଦ୍ୱାରା ରଚିତ ଓଡ଼ିଆ ଉପନ୍ୟାସ 'ନାୟିକାର ନାମ ତନ୍ଦ୍ରା' ଆଜି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି । ଓଡ଼ିଆରେ ଅଧିକ ଉପନ୍ୟାସ ରଚନାର ଆବଶ୍ୟକତା ଦୃଷ୍ଟିରୁ ଲେଖକଙ୍କ ପ୍ରୟାସ ନିମନ୍ତେ ରାଜ୍ୟପାଳ ସନ୍ତୋଷ ପ୍ରକାଶ କରିଥିଲେ । ପୁସ୍ତକ ଉନ୍ମୋଚନ ଅବସରରେ ରାଜ୍ୟପାଳଙ୍କ ଲୋକସଂପର୍କ ଅଧିକାରୀ ତଥା ବିଶିଷ୍ଟ କବି ରକ୍ଷକ ନାୟକ ଏବଂ ଶ୍ରୀମତୀ ସୁନିତା ସାହା ଉପସ୍ଥିତ ଥିଲେ ।

**OFFICE OF THE PRINCIPAL, INDIRA GANDHI MAHILA MAHAVIDYALAYA UDALA, MAYURBHANJ**

Advt. No. 416 / Date. 10/10/22

A Walk in interview for appointment of Guest Faculty purely on contractual basis for a period of 3 months from the date of appointment for English & Sanskrit subject will be held on dt. 02.11. 2022 at 11.00 am in college office. Interested candidates having minimum 55% marks in Post Graduation may attend the interview will all Original Certificates with a set of photocopies. Preference will be given to women candidates.

Sd/-
**Principal-cum-Secretary**
**IGMM, Udala**

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❐ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❐ Managing & Executive Editor : Srustidhar Parida
❐ Editor: Sairindhree Sahoo